

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୦ ଏପ୍ରିଲ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 10 APRIL 2024

Vol.No. 35 ■ No.97 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସମସ୍ତ ସମ୍ପତ୍ତିର ତାଲିକା ଦେବା ପାଇଁ ପ୍ରାର୍ଥୀ ବାଧ୍ୟ ନୁହନ୍ତି



ନୂଆଦିଲ୍ଲୀ, ୦୯/୪ : ପାଖେଇ ଆସିଲାଣି ନିର୍ବାଚନୀ ତାରିଖ। ଜଣକ ପରେ ଜଣେ ପ୍ରାର୍ଥୀ ଏବେ ନିଜ ନିଜର ସମ୍ପତ୍ତି ତାଲିକା ପ୍ରକାଶ କରୁଛନ୍ତି। ତେବେ ପ୍ରାର୍ଥୀଙ୍କୁ ନିଜର ସମସ୍ତ ସମ୍ପତ୍ତିର ତାଲିକା ଦେବା ଜୁରୁରୀ ନୁହେଁ। ସେ ଏଥିପାଇଁ ବାଧ୍ୟ ନୁହନ୍ତି। ଦାମୀ ତଥା ଲଗ୍‌ଜୁରିୟସ ଜୀବନ ଶୈଳୀ ସହ ଜଡିତ ସମ୍ପତ୍ତିର ତାଲିକା ଦେଇପାରିବେ ପ୍ରାର୍ଥୀ। ଏକ ଆବେଦନର ଶୁଣାଣି କରି ଆଜି ଏଭଳି କିଛି କହିଛନ୍ତି ସୁପ୍ରିମକୋର୍ଟ। ଭୋଟରଙ୍କୁ କୌଣସି ବି ପ୍ରାର୍ଥୀଙ୍କ ପ୍ରତ୍ୟେକ ସମ୍ପତ୍ତି ବିଷୟରେ ଜାଣିବାର ସମ୍ପୂର୍ଣ୍ଣ ଅଧିକାର ନାହିଁ। ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନେ ନିଜର ତଥା ନିଜ ଘର ଲୋକଙ୍କ ନାଁରେ ଥିବା ପ୍ରତ୍ୟେକ ସମ୍ପତ୍ତିର ଖୁଲାସା କରିବା ଦରକାର ନୁହେଁ। ଅପ୍ରାସାଙ୍ଗିକ ପ୍ରସଙ୍ଗରେ ପ୍ରାର୍ଥୀଙ୍କ ପାଖରେ ଗୋପନୀୟତା ଅଧିକାର ରହିଛି। କେବଳ ଅଧିକ ମୂଲ୍ୟ ତଥା ବିଳାଶପୂର୍ଣ୍ଣ ଜୀବନଶୈଳୀକୁ ଦର୍ଶାଉ ଥିବା ସମ୍ପତ୍ତିର ତାଲିକା ପ୍ରାର୍ଥୀ ପ୍ରକାଶ କରିପାରିବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ପ୍ରାର୍ଥୀ ନିଜର ପୋଷାକ, ଜୋତା, ବାସନକୁସନ, ଷ୍ଟେସନାରୀ, ଫର୍ଣ୍ଣିଚର ଭଳି ସମସ୍ତ ସମ୍ପତ୍ତିର ଖୁଲାସା କରିବା ଆବଶ୍ୟକ ନୁହେଁ। ଯଦି ଅତ୍ୟନ୍ତ ଜରୁରୀ ଥାଏ ତେବେ ପ୍ରାର୍ଥୀ ନିଜ ସମସ୍ତ ସମ୍ପତ୍ତିର ତାଲିକା ପ୍ରକାଶ କରିବେ। ଅରୁଣାଚଳରୁ ତେଜୁ ବିଧାନଭାରେ ସ୍ୱାଧୀନ ବିଧାୟକ ଥିବା କାରିଖୋ କ୍ରିଙ୍କ ନିର୍ବାଚନକୁ ରଦ୍ଦ କରିବା ପାଇଁ ହୋଇଥିବା ଆବେଦନକୁ ଖାରଜ କରି ସୁପ୍ରିମକୋର୍ଟ ଏହା କହିଛନ୍ତି। ଏଥିସହ ଏହି ମାମଲାର ଶୁଣାଣି କରି ଜଷ୍ଟିସ୍ ଅନିରୁଦ୍ଧ ବୋସ୍ ଓ ଜଷ୍ଟିସ୍ ସଞ୍ଜୟ କୁମାରଙ୍କ ଖଣ୍ଡପୀଠ ତାଙ୍କ ବିଧାୟକ ପଦକୁ କାଏମ ରଖିଛନ୍ତି। ନିର୍ବାଚନ ପାଇଁ ନାମାଙ୍କନ ଦାଖଲ କରିବା ବେଳେ କାରିଖୋ କ୍ରି ନିଜ ନାମାଙ୍କନ ପତ୍ରରେ ସମସ୍ତ ସମ୍ପତ୍ତିର ତାଲିକା ପ୍ରକାଶ କରିନଥିଲେ। ନିଜ ପତ୍ନୀ ଓ ପୁଅ ନାଁରେ ଥିବା ତିନୋଟି ଗାଡିର ଖୁଲାସା ସେ କରିନଥିଲେ। ଏହାକୁ ନେଇ ତାଙ୍କ ନିର୍ବଚାନ ରଦ୍ଦ କରିବାକୁ କୋର୍ଟରେ ଆବେଦନ ହୋଇଥିଲା।

## ବଢ଼ିଲା କେ.କବିତାଙ୍କ ଅଡୁଆ: ୨୩ ଯାଏ ଜେଲ୍‌ରେ ରହିବେ



ନୂଆଦିଲ୍ଲୀ, ୦୯/୪ : ବଢ଼ିଲା ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେସିଆରଙ୍କ ଝିଅ ତଥା ବିଆରଏସ୍ ନେତ୍ରୀ କେ.କବିତାଙ୍କ ଅଡୁଆ। ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇ ତିହାର ଜେଲରେ ଥିବା କେ.କବିତାଙ୍କ ନ୍ୟାୟିକ ହେପାଜତ ଅବଧିକୁ ବଢ଼ାଇଲେ କୋର୍ଟ। ଫଳରେ ସେ ଆସନ୍ତା ଏପ୍ରିଲ ୨୩ ଯାଏଁ ଜେଲ୍‌ରେ ରହିବେ। ପ୍ରଥମେ ଏପ୍ରିଲ ୧୫ପର୍ଯ୍ୟନ୍ତ କେ.କବିତା ନ୍ୟାୟିକ ହେପାଜତରେ ରହିବାର ଥିଲା। ହେଲେ ଆଜି ଦିଲ୍ଲୀର ରାଉସ୍ ଆଭେନ୍ୟୁ କୋର୍ଟ ବିଆରଏସ ନେତ୍ରୀ କେ.କବିତାଙ୍କ ନ୍ୟାୟିକ ହେପାଜତକୁ ଏପ୍ରିଲ ୨୩ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ପ୍ରମାଣ ନଷ୍ଟ କରିବା ସହ ସାକ୍ଷୀଙ୍କ ଉପରେ ଚାପ ପକାଇବାକୁ ସେ ପ୍ରୟାସ କରୁଥିବା ନେଇ ଇଡି ଦାବି କରିବା ପରେ କୋର୍ଟ ଏହି ରାୟ ଶୁଣାଇଛନ୍ତି। ଏହାପୂର୍ବରୁ ସୋମବାର କୋର୍ଟ ତାଙ୍କ ଅନ୍ତରୀଣ ଜାମିନ ଆବେଦନକୁ ଖାରଜ କରିସାରିଛନ୍ତି। ପୁଅର ପରୀକ୍ଷା ଥିବା ଦର୍ଶାଇ କବିତା ଅନ୍ତରୀଣ ଜାମିନ ପ୍ରଦାନ କରିବାକୁ କୋର୍ଟରେ ଆବେଦନ କରିଥିଲେ। ସ୍ୱତନ୍ତ୍ର ଜଜ୍ କାଭେରୀ ବାୱେଜା ଏହି ଆବେଦନକୁ କରି କହିଥିଲେ ଯେ ତାଙ୍କୁ ମଧ୍ୟବର୍ତ୍ତୀକାଳୀନ ଜାମିନ ପ୍ରଦାନ କରିବାର ଏହା ଠିକ୍ ସମୟ ନୁହେଁ। ସେପଟେ ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ଗିରଫ ହୋଇଥିବା କେ.କବିତା ଏକ ଚାରି ପୃଷ୍ଠାର ଚିଠି ଜାରି କରିଛନ୍ତି। ସେ ମୁଁ ଅବକାରୀ ନୀତି ଦୁର୍ନୀତି ମାମଲାରେ ଜଡିତ ନୁହଁନ୍ତି। ଏହି ଦୁର୍ନୀତିରୁ ତାଙ୍କୁ କୌଣସି ଲାଭ ମିଳିନାହିଁ। ଇଡି ଏବଂ ସିବିଆଇ ଯାଞ୍ଚ ହେଉଛି କେବଳ ଏକ ମିଡି-ଟ୍ରାଏଲ

## ରାମଲଲାଙ୍କ ମସ୍ତକରେ ଦୃଶ୍ୟମାନ ହେବେ ସୂର୍ଯ୍ୟ ତିଲକ



ନୂଆଦିଲ୍ଲୀ, ୦୯/୪ : ରାମଲଲାଙ୍କ ମସ୍ତକରେ ଦୃଶ୍ୟମାନ ହେବେ ସୂର୍ଯ୍ୟ ତିଲକ। ଏଥିପାଇଁ ଅଯୋଧାରେ ଭବ୍ୟ ରାମ ମନ୍ଦିରରେ ସୂର୍ଯ୍ୟ ତିଲକର ଟ୍ରାଏଲ ରନ ଗତକାଲି ହୋଇଛି। ଆସନ୍ତା ୧୭ ତାରିଖରେ ରାମ ନବମୀ ଉତ୍ସବରେ ରାମଙ୍କ ମସ୍ତକରେ ସୂର୍ଯ୍ୟ ତିଲକ ହେବାର ଅଛି। ସେହିଦିନ ଦିନ ୧୨ଟାରେ ପ୍ରଭୁ ରାମଙ୍କ ପ୍ରକଟ ହେବାର ସମୟ ସ୍ଥିର କରାଯାଇଛି। ସେହି ସମୟରେ ସୂର୍ଯ୍ୟଙ୍କ କିରଣ ପ୍ରଭୁ ରାମଙ୍କ ମସ୍ତକରେ କିଭଳି ଆସି ପଡ଼ିବ ସେଥିପାଇଁ ବୈଜ୍ଞାନିକମାନେ ପ୍ରୟାସ ଚଳାଇଛନ୍ତି। ଏହି ଅଭିନବ ଅଲୌକିକ ପ୍ରୟାସର ଗତକାଲି ଟ୍ରାଏଲ ହୋଇଛି। ନିରନ୍ତର ୪ ମିନିଟ ଧରି ରାମଙ୍କ ମସ୍ତକରେ ସୂର୍ଯ୍ୟ କିରଣ ପଡ଼ି କିଭଳି ମୁଖମଣ୍ଡଳକୁ ଦୀପ୍ତମାନ କରିବ ସେଥିପାଇଁ ଯୋଜନା ହୋଇଛି। ଏହି ବୈଜ୍ଞାନିକ ପଦ୍ଧତି ପାଇଁ ଉନ୍ନତ ଦର୍ପଣ, ଲେନ୍ସ ଓ ଅଷ୍ଟଧାତୁ ନିର୍ମିତ ସ୍ୱତନ୍ତ୍ର ପାଇପ ସହାୟତା ନିଆଯାଇଛି। ଅପଟି-ମେକାନିକାଲ ସିଷ୍ଟମର ପ୍ରୟୋଗରେ କରାଯାଇ ଏହି ସୂର୍ଯ୍ୟ ତିଲକ ପାଇଁ ପ୍ରୟାସ କରାଯାଇଛି। ତେବେ ଓଡ଼ିଶା ପାଇଁ ଗୌରବର କଥା ହେଉଛି ଏହି ପ୍ରୋଜେକ୍ଟର ମୁଖ୍ୟ ବିଜ୍ଞାଣୀ ହେଉଛନ୍ତି ଜଣେ ଓଡ଼ିଆ ବୈଜ୍ଞାନିକ ଡ.ସରୋଜ ପାଣିଗ୍ରାହୀ।

## ଛିଡ଼ିଲା ଆସନ ଅଙ୍କ: ଉଦ୍ଧବଙ୍କୁ ୨୧, କଂଗ୍ରେସକୁ ମିଳିଲା ୧୭




ନୂଆଦିଲ୍ଲୀ, ୦୯/୪ : ପାଖେଇ ଆସିଲାଣି ଲୋକସଭା ନିର୍ବାଚନ। ଏଭଳି ପରିସ୍ଥିତିରେ ସମସ୍ତ ଦଳ ନିଜ ନିଜ ପ୍ରାର୍ଥୀଙ୍କ ନାଁ ଘୋଷଣା କରିବାରେ ବ୍ୟସ୍ତ ଅଛନ୍ତି। ଏହାରି ଭିତରେ ମହାରାଷ୍ଟ୍ରରେ ଫାଇନାଲ ହୋଇଛି ସିଟ୍ ସେୟାରିଂ। ମହାରାଷ୍ଟ୍ରର ମହାବିକାଶ ଆଘାଡି ମେଣ୍ଟ ମଧ୍ୟରେ ସିଟ୍ ଭାଗ ବଣ୍ଟାକୁ ନେଇ ଜାରି ରହିଥିବା ସମସ୍ୟାର ସମାଧାନ ହୋଇଛି। ଏନେଇ ଶବସେନା ନେତା ସଞ୍ଜୟ ରାଉତ ଘୋଷଣା କରିଛନ୍ତି। ଉଦ୍ଧବ ଠାକରେଙ୍କ ଶିବସେନା (ୟୁବିଟି) ମହାରାଷ୍ଟ୍ରରେ ୨୧ଟି ଆସନରେ ନିର୍ବାଚନ ଲଢ଼ିବ। ସେହିପରି କଂଗ୍ରେସକୁ ୧୭ଟି ଆସନ ମିଳିଛି। ଶରଦ ପାୱାରଙ୍କ ଏନ୍‌ସିପି ମୋଟ ୧୦ଟି ଲୋକସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଏନେଇ ମୁମ୍ବାଇରେ ହୋଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ ମହାବିକାଶ ଅଘାଡି ମେଣ୍ଟର ନେତାମାନେ ଘୋଷଣା କରିଛନ୍ତି। ସିଟ୍ ଭାଗ ବଣ୍ଟା ନେଇ ଘୋଷଣା କରିବା ପରେ ଶରଦ ପାୱାର କହିଛନ୍ତି, 'ଆମେ ସମସ୍ତେ ଏକାଠି ଅଛୁ। ଆମ ଭିତରେ କୌଣସି ପାର୍ଥକ୍ୟ ନାହିଁ।' ସେହିପରି ଉଦ୍ଧବ ଠାକରେ କହିଛନ୍ତି ଯେ 'ସବୁ ସିଟରେ ଲଢିବାକୁ ସମସ୍ତଙ୍କର ଇଚ୍ଛା ଅଛି। ଏଥିରେ କୌଣସି ଭୁଲନାହିଁ । କିନ୍ତୁ ବିଜୟ କ୍ଷମତା ଥିବା ପ୍ରାର୍ଥୀଙ୍କୁ ପ୍ରାଥମିକତା ଦିଆଯିବ। ଏହି ଲଢେଇ ଆମ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ।' କେବଳ ସେତିକି ନୁହେଁ ବିଜେପି ଟାର୍ଗେଟ୍ କରି ଉଦ୍ଧବ କହିଛନ୍ତି, 'ଗତକାଲି ପ୍ରଧାନମନ୍ତ୍ରୀ ମହାରାଷ୍ଟ୍ର ଆସିଥିଲେ। କାଲି ସୂର୍ଯ୍ୟଗ୍ରହଣ ଓ ଅମାବାସ୍ୟା ଥିଲା ଏହାସହ ପ୍ରଧାନମନ୍ତ୍ରୀଙ୍କ ସଭା ମଧ୍ୟ ଥିଲା। ଆମେ ପ୍ରଧାନମନ୍ତ୍ରୀ ପଦକୁ ସମାଲୋଚନା କରୁନୁ ବରଂ ଭ୍ରଷ୍ଟ ଜନତା ପାର୍ଟିର ନେତାଙ୍କୁ ସମାଲୋଚନା କରୁଛୁ। ଭ୍ରଷ୍ଟ ଜନତା ପାର୍ଟି ଏକ ୱାସିଂ ମେସିନ ରଖିଛି। ଏଥିସହ ନିଜ ପାଖରେ 'ଦାଗ ଅଚ୍ଛେ ହେଁର ୱାସିଂ' ପାଉଡର ମଧ୍ୟ ରଖିଛି। ସବୁ ଦାଗୀ ସେଠାରେ ସଫା ହୋଇଯାଉଛନ୍ତି।' ସେହିପରି କଂଗ୍ରେସ ନେତା ନାନା ପଟୋଲେ କହିଛନ୍ତି, କଂଗ୍ରେସ ଏକ ଜାତୀୟ ଦଳ। ଏହି ମେଣ୍ଟ ପାଇଁ ସୋନିଆ ଗାନ୍ଧିଙ୍କୁ ଇଡି ଅଫିସରେ ରଖାଗଲା।

▶▶ପୃଷ୍ଠା ୭

## ୧୧ରେ ପାଳନ ହେବ ଇଦ୍

ଭୁବନେଶ୍ୱର, ୦୯/୪ (ନି.ପ୍ର): ଓଡ଼ିଶାରେ ଆସନ୍ତା ୧୧ତାରିଖ ଗୁରୁବାର ପବିତ୍ର ଇଦ୍-ଉଲ-ଫିତର ପାଳନ ହେବ । ରାଜ୍ୟର ମୁସଲିମ୍ ସମୁଦାୟର ଲୋକମାନେ ୧୧ତାରିଖରେ ଇଦ୍ ପାଳିବେ ବୋଲି କଟକସ୍ଥିତ ଅଞ୍ଜୁମନ ଇସଲାମିୟା ଚାନ୍ଦ କମିଟି ଘୋଷଣା କରିଛନ୍ତି । ଆଜି ମଙ୍ଗଳବାର କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଅଞ୍ଜୁମନ ଇସଲାମିୟା ଚାନ୍ଦ କମିଟି କହିଛି ଯେ, ମଙ୍ଗଳବାର ଚାନ୍ଦ (ଚନ୍ଦ୍ର) ଦେଖାନଯିବା କାରଣରୁ ଗୁରୁବାର ଇଦ୍ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଛି । ଇସଲାମିକ ପରମ୍ପରା ଅନୁସାରେ, ଇଦ୍ ପର୍ବ ପାଳନ ପାଇଁ ଚାନ୍ଦ ଦୃଶ୍ୟମାନ ହେବା ଜରୁରୀ । ଯଦି ପବିତ୍ର ରମଜାନ୍ ମାସର ୨୯ତମ ଦିନରେ ଚାନ୍ଦ ଦୃଶ୍ୟମାନ ନହୁଏ ତା'ହେଲେ ୩୦ତମ ଦିନ ଉପବାସ କରାଯାଏ ଓ ତା'ର ପରଦିନ ଇଦ୍ ଉଲ-ଫିତର ପାଳନ କରାଯାଏ । ଅବଶ୍ୟ ସାଉଦିଆରବରେ ବୁଧବାର ଇଦ୍ ପାଳନ କରାଯିବ । କାରଣ ସେଠାରେ ମଙ୍ଗଳବାର ଚାନ୍ଦ ଦୃଶ୍ୟମାନ ହୋଇଛି । ସାଧାରଣତଃ ସାଉଦିଆରବ ଭଳି ମରୁଭୂମି ଥିବା ଦେଶଗୁଡ଼ିକରେ ଇଦ୍ ପାଳନର ଦିନକ ପରେ ଭାରତରେ ଇଦ୍ ପାଳିତ ହୋଇଥାଏ ।

## ୧୩ ପରଠୁ ପୁଣି ବଢ଼ିବ ତାତି

ଭୁବନେଶ୍ୱର, ୦୭/୦୪ (ନି.ପ୍ର): ବର୍ଷା ଯୋଗୁ ତିନି ଦିନ ହେଲାଣି ରାଜ୍ୟରେ ପାଗ ଟିକେ ଭଲ ଅଛି। ଖରାର ପ୍ରକୋପ କମିଛି। ଏମିତି ପାଗ ଆଉ ତିନି ଚାରି ଦିନ ରହିପାରେ। କିନ୍ତୁ ତା'ପରେ ପୁଣି ଅବସ୍ଥା ଅସମ୍ଭାଳ ହୋଇପାରେ। ତାତି ବଢ଼ିପାରେ। ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି, ୧୩ ତାରିଖ ପରଠୁ ରାଜ୍ୟରେ ପଶ୍ଚିମ ତଥା ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ ବାୟୁର ପ୍ରଭାବ ବୃଦ୍ଧି ସହିତ ପୁଣି ଦିନ ତାପମାତ୍ରାରେ ଦୃଷ୍ଟାନ୍ତମୂଳକ ବୃଦ୍ଧି ସମ୍ଭାବନା ରହିଛି। ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶାର କିଛି ଅଞ୍ଚଳରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁବାର ସମ୍ଭାବନା ରହିଛି। ଆଜି ବଲାଙ୍ଗିର, ନୂଆପଡ଼ା ଓ ବିରଗଡ଼ ଜିଲ୍ଲାର କିଛି ଅଞ୍ଚଳରେ ହାଲୁକା ବର୍ଷା ହୋଇଥିବା ବେଳେ ରାଜ୍ୟର ଆଉ କିଛି ସ୍ଥାନରେ ଦିନ ସାଢ଼େ ୧୧ଟା ସୁଦ୍ଧା ତାପମାତ୍ରା ୩୫ ଡିଗ୍ରୀ ପାର ହୋଇଥିଲା। ପାରାଦୀପରେ ଦିନ ସାଢ଼େ ୧୧ଟା ସୁଦ୍ଧା ତାପମାତ୍ରା ସର୍ବାଧିକ ୩୫.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଚାନ୍ଦବାଲିରେ ୩୫.୨, ଗୋପାଳପୁରରେ ୩୪.୨, ବାଲେଶ୍ୱରରେ ୩୪.୨, ପୁରୀରେ ୩୨.୮, କେନ୍ଦୁଝରରେ ୩୨.୪, ଭୁବନେଶ୍ୱରରେ ୩୧, ରାଉରକେଲାରେ ୩୦.୨, ଝାରସୁଗୁଡ଼ାରେ ୨୭.୬, ସମ୍ବଲପୁରରେ ୨୫.୮ ଓ ହୀରାକୁଦରେ

▶▶ପୃଷ୍ଠା ୭

## ଗନ୍ଧମାର୍ଦ୍ଦନରେ ଗୁଳି ବିନିମୟ; ମୁହାଁମୁହିଁ ହେଲେ ସୁରକ୍ଷାକର୍ମୀ: ନକ୍ସଲ



ବରଗଡ଼, ୦୯/୪ (ନି.ପ୍ର): ବରଗଡ଼ ଜିଲ୍ଲାର ଗନ୍ଧମାର୍ଦ୍ଦନ ପାହାଡ଼ରେ ସୁରକ୍ଷାକର୍ମୀ ଓ ନକ୍ସଲ ମୁହାଁମୁହିଁ ହୋଇଛନ୍ତି। ଗତକାଲି ବିଳମ୍ବିତ ରାତିରୁ ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ଚାଲିଛି। ଏବେ ମଧ୍ୟ ସେଠାରେ ଜାରି ରହିଛି ଅପରେସନ। ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳକୁ ଯାଉଥିବା ଜଣାଯାଇଛି। ଗତକାଲି ବିଳମ୍ବିତ ରାତିରେ ସୁରକ୍ଷାକର୍ମୀମାନେ ଗନ୍ଧମାର୍ଦ୍ଦନ ପାହାଡ଼ରେ ସର୍ଚ୍ଚ ଅପରେସନ ଚଳାଇଥିଲେ। ଏହି ସମୟରେ ହଠାତ୍ ଅପର ପାର୍ଶ୍ୱରୁ ଆଖିବୁଜା ଫାୟାରିଂ ହେବା ଆରମ୍ଭ ହେଲା। ଗନ୍ଧମାର୍ଦ୍ଦନ ପାହାଡ଼ରେ ବହୁ ସଂଖ୍ୟାରେ ନକ୍ସଲ

▶▶ପୃଷ୍ଠା ୭

## ବିଜେପି ଟିକେଟରେ ରାଉରକେଲାରୁ ପ୍ରାର୍ଥୀ ହେବେ ଦିଲ୍ଲୀପ ରାୟ ?



ରାଉରକେଲା, ୦୯/୪ (ନି.ପ୍ର): ରାଉରକେଲା ବିଧାନସଭା ଆସନରୁ ନିର୍ବାଚନ ଲଢ଼ିବେ ଦିଲ୍ଲୀପ ରାୟ। ବିଜେପି ଟିକେଟରେ ସେ ଏଠାରୁ ହେବେ ପ୍ରାର୍ଥୀ। ଆଜି ଏଭଳି କିଛି ସୂଚନା ଦେଇଛନ୍ତି ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ। ଶ୍ରୀ ଓରାମ କହିଛନ୍ତି, ଦିଲ୍ଲୀପ ବାବୁଙ୍କ ନାଁ କେନ୍ଦ୍ରୀୟ ନିର୍ବାଚନ କମିଟି ସର୍ଟଲିଷ୍ଟ କରି ରଖିଛନ୍ତି। କେବଳ ତାଙ୍କ କୋର୍ଟ ମାମଲାକୁ ଅପେକ୍ଷା କରାଯାଇଥିଲା। କୋର୍ଟ ମାମଲାରେ ଯଦି ସେ ଜିତିବେ, ତା'ହେଲେ ରାଉରକେଲା ଟିକେଟ ତାଙ୍କୁ ଦିଆଯିବ ବୋଲି କେନ୍ଦ୍ରୀୟ ନିର୍ବାଚନ କମିଟିରେ ଏକରକମର ନିର୍ଣ୍ଣୟ ହୋଇଛି। ବିଧାନସଭା ନିର୍ବାଚନ ପାଇଁ ଭାରତୀୟ ଜନତା ପାର୍ଟିର ଦ୍ୱିତୀୟ ପ୍ରାର୍ଥୀ ତାଲିକା ଯେତେବେଳେ ବାହାରିବ ସେତେବେଳେ ଦିଲ୍ଲୀପ ବାବୁଙ୍କ ନାଁ ବାହାରିବ ବୋଲି ଆଶା କରାଯାଉଛି। ଦିନେ ଦୁଇ ଦିନ ଭିତରେ ଏହି

▶▶ପୃଷ୍ଠା ୭

## ପିଟିଦେଲା 'ଲକ୍ଷ୍ମୀ ବସ୍', ବାଇକ୍ ଆରୋହୀଙ୍କ ମୃତ୍ୟୁ

ବୌଦ୍ଧ, ୦୯/୪ (ନି.ପ୍ର): ବାଇକ୍‌କୁ ପିଟିଦେଲା 'ଲକ୍ଷ୍ମୀ ବସ୍'। ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଆଜି ଏପରି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ବୌଦ୍ଧ ଜିଲ୍ଲା କଣ୍ଟାମଳ ବ୍ଲକ ଅନ୍ତର୍ଗତ ଲମ୍ବସିରି ଛକ ନିକଟରେ ଘଟିଛି। ବିଚିକା ଗାଁର ବାଲ୍ମୀକି ମହାନନ୍ଦିଆ ଓ ପ୍ରଶାନ୍ତ ମହାନନ୍ଦିଆ କୌଣସି କାମରେ ବାଇକ୍‌ରେ ବୌଦ୍ଧ ଯାଉଥିଲେ। ତେବେ ଲମ୍ବସିରି ଛକରେ ବାଇକ୍‌କୁ ପଛ ପାର୍ଶ୍ୱରୁ ଧକ୍କା ଦେଇଥିଲା ଲକ୍ଷ୍ମୀ ବସ୍। ଉଭୟ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସରେ ଉଭୟଙ୍କୁ ଉଦ୍ଧାର କରି କଣ୍ଟାମଳ ମେଡ଼ିକାଲ୍ ନେଇଥିଲେ। ହେଲେ ବାଲ୍ମୀକିଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର। ଏବେ ମଧ୍ୟ ପ୍ରଶାନ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଉଦ୍‌ବେଗ ଜନକ ରହିଛି। ସେଠାରେ ତାଙ୍କର ଚିକିତ୍ସା ଚାଲିଛି।

## କେଜ୍ରିୱାଲ ନିରାଶ: ଜେଲରୁ ମୁକୁଳିବାକୁ ମିଳିଲାନି ଅନୁମତି



ନୂଆଦିଲ୍ଲୀ, ୦୯/୪ : ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ମିଳିନି କୌଣସି ଆଶ୍ୱସ୍ତି। ଇଡି ଗିରଫଦାରୀ ଓ ରିମାଣ୍ଡ ବିରୋଧରେ ସେ ଦିଲ୍ଲୀ ହାଇକୋର୍ଟରେ କରିଥିବା ଆବେଦନ ଖାରଜ ହୋଇଯାଇଛି। ଦିଲ୍ଲୀ ହାଇକୋର୍ଟ କେଜ୍ରିୱାଲଙ୍କ ଗିରଫଦାରୀକୁ ଯଥାର୍ଥ ବୋଲି କହିବା ସହ ତାଙ୍କର ସମସ୍ତ ଯୁକ୍ତିକୁ ଅଗ୍ରାହ୍ୟ କରି ଦେଇଛନ୍ତି। ଇଡି ତଦନ୍ତ ବେଳେ ପାଇଥିବା ସାମଗ୍ରୀ ଗିରଫଦାରୀ ପାଇଁ ଯଥେଷ୍ଟ ବୋଲି କୋଟଆ କହିଛନ୍ତି। ହାଇକୋର୍ଟ କେଜ୍ରିୱାଲଙ୍କ ଆବେଦନକୁ ଖାରଜ କରି ଦେଇଥିବାରୁ ସେ ପୂର୍ବଭଳି ତିହାର ଜେଲରେ ରହିବେ। କାରଣ ଏପ୍ରିଲ ୧୫ ଯାଏ ତଳ କୋର୍ଟ କେଜ୍ରିୱାଲଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲା। ତେବେ ହାଇକୋର୍ଟଙ୍କ ରାୟ ବିରୋଧରେ କେଜ୍ରିୱାଲଙ୍କ ଆପ ସୁପ୍ରିମକୋର୍ଟ ଯିବ ବୋଲି କହିଛି। ମାର୍ଚ୍ଚ ୨୧ରେ ଇଡି କେଜ୍ରିୱାଲଙ୍କୁ ଗିରଫ କରିଥିଲା। ଏହା ବିରୋଧରେ ସେ ହାଇକୋର୍ଟକୁ ଯାଇଥିଲେ। ଆଜି ଶୁଣାଣି ବେଳେ କୋର୍ଟ କହିଛନ୍ତି, ଇଡି ଜବତ କରିଥିବା ସାମଗ୍ରୀରୁ ସ୍ପଷ୍ଟ ହୋଇଛି ଯେ କେଜ୍ରିୱାଲ ଅନ୍ୟମାନଙ୍କ ସହ ମିଶି ଷଡ଼ଯନ୍ତ୍ର କରିଥିଲେ। ନିଜର ବ୍ୟକ୍ତିଗତ କ୍ଷମତା ଓ ଆପର ଜାତୀୟ ଆବାହକ ଭାବେ ସେ ଅନ୍ୟମାନଙ୍କ ସହ ମିଶି ଷଡ଼ଯନ୍ତ୍ର କରିଥିଲେ। ଇଡି ପାଖରେ ଏମିତି କିଛି ସାମଗ୍ରୀ ରହିଛି, ଯାହା ମନିଲଣ୍ଡରିଂ ମାମଲାରେ କେଜ୍ରିୱାଲଙ୍କୁ ଗିରଫ କରିବା ପାଇଁ ଯଥେଷ୍ଟ। ପ୍ରଥମେ ଗିରଫ ଓ ପରେ ରାଜସାକ୍ଷୀ ବନିଥିବା କିଛି ଲୋକଙ୍କ ବୟାନ ଆଧାରରେ ଇଡି କେଜ୍ରିୱାଲଙ୍କୁ ଗିରଫ କରିବା ଠିକ ନୁହେଁ ବୋଲି କୋର୍ଟରେ ତାଙ୍କ ଓକିଲ ଯୁକ୍ତି ବାଢ଼ିଥିଲେ। କିନ୍ତୁ ଏହାକୁ ମଧ୍ୟ କୋର୍ଟ ଗ୍ରହଣ କରି ନାହାନ୍ତି।

▶▶ପୃଷ୍ଠା ୭

# ସାଂସଦ ଓ ବିଧାୟକଙ୍କ ବିରୋଧରେ ୪୩୮ ଫୌଜଦାରୀ ମାମଲା

କଟକ, ୦୯/୪ (ନି.ପ୍ର): ରାଜ୍ୟରେ ସାଂସଦ ଓ ବିଧାୟକଙ୍କ ବିରୋଧରେ ବିଚାରାଧୀନ ଫେ ?ଜଦାରୀ ମାମଲା ଗୁଡିକର ତ୍ୱରିତ ଶୁଣାଣି ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରି ଆସୁଛନ୍ତି। ସୁପ୍ରିମକୋର୍ଟ 'ଅଶ୍ୱିନୀ କୁମାର ଉପାଧ୍ୟାୟ ବନାମ କେନ୍ଦ୍ର ସରକାର' ମାମଲାର ଶୁଣାଣି କରି ୨୦୨୩ ନଭେମ୍ବର ୯ରେ ପ୍ରଦାନ କରିଥିବା ନିର୍ଦ୍ଦେଶ ଆଧାରରେ ସାଂସଦ ଓ ବିଧାୟକଙ୍କ ବିରୋଧରେ ଥିବା ମାମଲା ଗୁଡ଼ିକର ତ୍ୱିରତ ଫଏସଲା ପ୍ରସଙ୍ଗ ତଦାରଖ ପାଇଁ ହାଇକୋର୍ଟ ନିଜ ଆଡୁ ଏକ ମାମଲା ରୁଜୁ କରିଥିଲେ। ୨୦୨୩ ଡିସେମ୍ବର ୧୧ରେ ହାଇକୋର୍ଟ ମାମଲାର ଶୁଣାଣି କରି ସାଂସଦ ଓ ବିଧାୟକଙ୍କ ବିରୋଧରେ ନୂଆକରି ରୁଜୁ ହେଉଥିବା ମାମଲା, ଫଏସଲା ହେଉଥିବା ମାମଲା ଓ ବିଚାରାଧୀନ ମାମଲାର ତଥ୍ୟ ପ୍ରତି ମାସର ୩ ତାରିଖ ସୁଦ୍ଧା ଦାଖଲ ପାଇଁ ସବୁ ଜିଲ୍ଲା ଜଜ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୃତ୍ୟୁଦଣ୍ଡ ଓ ଆଜୀବନ କାରାଦଣ୍ଡ ସଂପର୍କିତ ମାମଲା ଗୁଡ଼ିକୁ ପ୍ରାଥମିକତା ଦିଆଯିବ। ଏହାପରେ ୫ ବର୍ଷ ବା ତା ଠାରୁ ଅଧିକ ଜେଲ ଦଣ୍ଡ ଥିବା ମାମଲା ଓ ତା ପରେ ଅନ୍ୟ ମାମଲା ଗୁଡ଼ିକର ଶୁଣାଣି କରାଯିବ। ସ୍ୱତନ୍ତ୍ର ଅଦାଲତ



(ଡେଜିଗନେଟେଡ୍ କୋର୍ଟ) ଏହି ସବୁ ମାମଲାର ତ୍ୱରିତ ଶୁଣାଣି କରିବେ। ଶୁଣାଣି ଘୁଞ୍ଚାଇବା ପାଇଁ କେବଳ ବିଶେଷ ସ୍ଥିତିରେ ଅନୁମତି ଦିଆଯିବ। ଜିଲ୍ଲା ଜଜ୍ ସ୍ୱତନ୍ତ୍ର ଅଦାଲତ ଗୁଡ଼ିକୁ ଆବଶ୍ୟକ ଭିତ୍ତଭୂମି ଯୋଗାଇବା ବ୍ୟବସ୍ଥା କରିବେ। ଏଥି ସହିତ କୋର୍ଟ ୱେବସାଇଟରେ ସ୍ୱତନ୍ତ୍ର ବିଭାଗ ତିଆରି କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ବିଭାଗରେ ସାଂସଦ ଓ ବିଧାୟକଙ୍କ ବିରୋଧରେ ବିଚାରାଧୀନ ମାମଲା ଗୁଡ଼ିକର ଜିଲ୍ଲାୱାରୀ ତଥ୍ୟ ଉପଲବ୍ଧ କରାଯିବ ବୋଲି ହାଇକୋର୍ଟ କହିଥିଲେ। ଏହି ମାମଲା ଏବେ ହାଇକୋର୍ଟରେ ବିଚାରାଧୀନ ଥିବା ବେଳେ ପ୍ରତିମାସରେ ସାଂସଦ ଓ ବିଧାୟକଙ୍କ ବିରୋଧରେ ଥିବା ବିଚାରାଧୀନ ମାମଲାର ତଥ୍ୟ ୱେବସାଇଟ୍‌ରେ ଉପଲବ୍ଧ କରାଯାଉଛି।

ଉପଲବ୍ଧ ତଥ୍ୟ ଅନୁସାରେ ୨୦୨୪ ମାର୍ଚ୍ଚ ୩୧ ସୁଦ୍ଧା ୩୦ଟି ଜିଲ୍ଲାରେ ସାଂସଦ ଓ ବିଧାୟକଙ୍କ ବିରୋଧରେ ମୋଟ ୪୩୮ଟି ମାମଲା ବିଚାରାଧୀନ ରହିଛି। ସାଂସଦ/ବିଧାୟକଙ୍କ ବିରୋଧରେ ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୮୮ଟି ମାମଲା ବିଚାରାଧୀନ ରହିଛି। ଏହି କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ଥିବା ସମ୍ବଲପୁର ଜିଲ୍ଲାରେ ୫୪ଟି, ତୃତୀୟ ସ୍ଥାନରେ ରହିଥିବା କୋରାପୁଟ ଜିଲ୍ଲାରେ ୫୩ଟି, ଚତୁର୍ଥ ସ୍ଥାନରେ ଥିବା ଗଞ୍ଜାମ ଜିଲ୍ଲାରେ ୫୦ଟି ମାମଲା ସାଂସଦ/ବିଧାୟକଙ୍କ ବିରୋଧରେ ବିଚାରାଧୀନ ରହିଛି। ଅନୁଗୁଳରେ ୨୭ଟି, ବଲାଙ୍ଗୀରରେ ୨୬ଟି, ବାଲେଶ୍ୱରରେ ୨୭ଟି, ବରଗଡ଼ରେ ଗୋଟିଏ, କଟକରେ ୩୭ଟି, କଳାହାଣ୍ଡିରେ ଗୋଟିଏ, କେନ୍ଦୁଝରରେ ୩ଟି, ମୟୂରଭଞ୍ଜରେ ୨୪ଟି, ନୟାଗଡ଼ରେ ୫ଟି, ସୋନପୁରରେ ଗୋଟିଏ, ସୁନ୍ଦରଗଡ଼ରେ ୪୧ଟି ମାମଲା ସାଂସଦ/ବିଧାୟକଙ୍କ ବିରୋଧରେ ବିଚାରାଧୀନ ରହିଛି।

# କଂଟାପାଲି ଗ୍ରାମବାସୀଙ୍କ ଆହ୍ୱାନ: ସ୍କୁଲ ନାହିଁ ତ ଭୋଟ ନାହିଁ

ବଲାଙ୍ଗୀର, ୦୯/୪ (ନି.ପ୍ର): ଆଗଲପୁର (ଡୁଡୁକା) ବ୍ଲକ କୁଟାସିଂହା ପଂଚାୟତ କଂଟାପାଲି ଗ୍ରାମବାସୀ ଆସନ୍ତା ୨୦୨୪ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ନିଷ୍ପତି ନେଇଛନ୍ତି। ଏହି ଗାଁରେ ୧୯୭୨ ମସିହାରେ ଏକ ୟୁ ପି ସ୍କୁଲ ସ୍ଥାପିତ ହୋଇଥିଲା, ପ୍ରଥମ ରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଆରମ୍ଭ ହୋଇଥିବା ଏହି ସ୍କୁଲରେ ଜଣେ ଶିକ୍ଷକ ନିଯୁକ୍ତ ହୋଇଥିଲେ। ପୁଣି ଏହାର କିଛି ବର୍ଷ ପରେ ୫ମ ପର୍ଯ୍ୟନ୍ତ ହୋଇଥିଲା ଓ ଦୁଇ ଜଣ ଶିକ୍ଷକ ନିଯୁକ୍ତି ହେଲେ। ସବୁ ଠିକଠାକ ଥିଲା ହେଲେ ୨୦୨୨ ମସିହାରେ ସରକାରଙ୍କ ନୂଆ ଗାଇଡ଼ ଲାଇନ ଆସିଲା ୩୦ ଜଣରୁ କମ ଥିବା ସ୍କୁଲ ଉଠିଯିବ ସେଇ ସମୟରେ ଏହି ସ୍କୁଲ ରେ ୨୮ ଜଣ ଛାତ୍ର ଛାତ୍ରୀ ଥିବାରୁ ତାହା ସରକାରଙ୍କ ପକ୍ଷରୁ ଉଠାଇଦିଆଯାଇ କୁଟାସିଂହା ହାଇସ୍କୁଲରେ ସାମିଲ ହେଲା। ଏଠାରେ କାର୍ଯ୍ୟରତ ୨ ଜଣ ଶିକ୍ଷକ ମଧ୍ୟ ସେଠାରେ ନିଯୁକ୍ତି ହେଲେ। କିନ୍ତୁ ହାଇସ୍କୁଲକୁ ଛୁଆ ପଢିବାକୁ ଗଲେନାହିଁ। ସମସ୍ୟା ହେଲା ଗାଁରୁ ହାଇସ୍କୁଲ ବହୁ ଦୂର ହେବ ତାହାପୁଣି ମୁଖ୍ୟ ରାସ୍ତାରେ ଥିବାରୁ ଦୈନିକ ଶହ ଶହ ଯାନବାହନ ଚଳ ପ୍ରଚଳ କରୁଥିବାରୁ ନିଜ ଛୋଟ ଛୋଟ ଛୁଆଙ୍କୁ ସେଠାକୁ ଛାଡିବାକୁ ଅଭିଭାବକ ମାନେ ସୁରକ୍ଷିତ ମଣୁନଥିବା କହିଛନ୍ତି। ସେଇଥି ପାଇଁ ଯିଏ ଯୁଆଡେ ପାରିଲା ନିଜ ଛୁଆଙ୍କୁ ପଢ଼ାଉଛନ୍ତି। ଏପଟେ ଛୁଆ ପଢିବାକୁ ଆସୁ ନ ଥିବାରୁ ୨ ଜଣ ଶିକ୍ଷକ ବସି ରହୁଛନ୍ତି। ଏ ସମ୍ପର୍କ ରେ ସିଆରସିସି, ବିଆରସି, ବିଓ, ଏବିଓ, ଡି ଓ, ପର୍ଯ୍ୟନ୍ତ ଜଣେଇ ଥିଲେ ସୁଦ୍ଧା କିଛି ସୁଫଳ ମିଳିନଥିବା କହିଛନ୍ତି ଗ୍ରାମବାସୀ। ସେମାନଙ୍କ କହିବାନୁସାରେ, ସ୍କୁଲ ନ ଉଠିବାକୁ କେସ ମଧ୍ୟ କରାଯାଇଛି ଯାହା ଏବେ ହାଇକୋର୍ଟରେ ବିଚାରାଧୀନ ଅଛି। ଅନ୍ୟପକ୍ଷରେ ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ଏ ବିଷୟରେ ଦୃଷ୍ଟି ଆକର୍ଷଣ କରାଯାଇଛି ହେଲେ କାହାରି ଠାରୁ କୌଣସି ପ୍ରତିକ୍ରିୟା ମିଳିନାହିଁ। ଆଗକୁ ୨୦୨୪ ସାଧାରଣ ନିର୍ବାଚନ ଆସୁଥିବାରୁ ସ୍କୁଲ ନାହିଁ ତ ଭୋଟ ନାହିଁ ବୋଲି ଗାଁ ସଭାରେ ନିଷ୍ପତି ନିଆଯାଇଛି। ତେଣୁ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ଉଚିତ ପଦକ୍ଷେପ ନେବାକୁ ଦାବୀ ହୋଇଛି।

# ଏକମ୍ବା ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ପାଳିତ

ଜୟପୁର, ୦୯/୪ (ନି.ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟ,ଏକମ୍ବାରେ ପ୍ରବେଶ ଉତ୍ସବ ପାଳନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତଥା ଉକ୍ତ ସଭାର ସଭାପତି ଶ୍ରୀମତୀ ଡ଼ଃ. ଜ୍ୟୋତ୍ସ୍ନା ମିଶ୍ରଙ୍କ ତତ୍ୱାବଧାନତରେ ଏହି ଉତ୍ସବଟି ପାଳନ କରାଯାଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଏକମ୍ବା ପଂଚାୟତର ଜଣେ ଜଣାଶୁଣା ସମାଜସେବୀ ରାମନାଥ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବରେ ଏକମ୍ବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କେ.ଗୋପାଳ, ଏସ.ଏମ.ଡ଼ି.ସି. କମିଟିର ସଭ୍ୟ ଲଇଚନ ହରିଜନ, ମୋ ସ୍କୁଲ ଅଭିଯାନର ଆଲୁମିନୀ ସଭାପତି ସଞ୍ଜୟ ସ୍ୱାଇଁ, ଘାସୀରାମ ହରିଜନ, ଲଇଚନ ହରିଜନ ଓ ଅନ୍ୟାନ୍ୟ ଆଲୁମିନିମାନେ ମଧ୍ୟ ଉପସ୍ଥିତ ରହିଥିଲେ। ସର୍ବପ୍ରଥମେ ଅତିଥିମାନଙ୍କ ଦ୍ୱାରା ବିଘ୍ନବିନାଶନ ବିଦ୍ୟାଦାତା ଶ୍ରୀ ଗଣେଶଙ୍କ ଠାରେ ଦୀପ ପ୍ରଜ୍ୱଳନ କରି ପୂଜାର୍ଚ୍ଚନା କରାଯାଇଥିଲା। ବିଦ୍ୟାଳୟର ସଂସ୍କୃତ ପଣ୍ଡିତ ମନୋଜ କୁମାର ମିଶ୍ର ବେଦ ପାଠ କରିଥିଲେ। ପ୍ରବେଶ ଉତ୍ସବରେ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀମାନେ ବିଭିନ୍ନ ପ୍ରକାରର ଝୋଟି, ଫୁଲ, କଳସ ଇତ୍ୟାଦି ଦ୍ୱାରା ନୂତନ ଭାବରେ ବିଦ୍ୟାଳୟର ନବମ ଶେଣୀରେ ନାମ ଲେଖାଇ ଥିବା ତଥା ଲେଖାଇବାକୁ ଆସିଥିବା ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟର ଫାଟକ ପାଖରେ ଫୁଲ, ଚନ୍ଦନ, ସିନ୍ଦୂର ଦେଇ ସ୍ୱାଗତ କରି ବିଦ୍ୟାଳୟର ଶ୍ରେଣୀଗୃହକୁ ପାଛୋଟି ନେଇ ଅତିଥିମାନଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟପୁସ୍ତକ ବଣ୍ଟନ କରାଯାଇଥିଲା। ତାପରେ ସଭାପତିଙ୍କ ଦ୍ୱାରା ସଭା ପରିଚାଳନା ହୋଇଥିଲା। ସଭାପତି, ଶିକ୍ଷକଶିକ୍ଷିକାମାନେ ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୂତନ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ଭାଷଣ ତଥା ଦିବସର ମହତ୍ୱ ବିଷୟରେ ଅଭିଭାଷଣ ରଖିଥିଲେ । ତାପରେ ଛାତ୍ରଛାତ୍ରୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

## ଘସିପୁରାରେ ଅଷ୍ଟ ପ୍ରହର ନାମଯଜ୍ଞ

ଘଟଗାଁ, ୦୯/୪ (ନି.ପ୍ର): ଆନନ୍ଦପୁର ପୌର ପରିଷଦ ଅନ୍ତର୍ଗତ ଘସିପୁରାରେ ପ୍ରତିବର୍ଷ ଭଳି ଚଳିତବର୍ଷ ଗତ ୬ରୁ ୮ତାରିଖ ପର୍ଯ୍ୟନ୍ତ ଅଷ୍ଟ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦୁଝର ଜିଲ୍ଲାର ଅତାସାହି, ବାଲିପଶି, ଦେହୁରୀ ସାହି, କଇନିପୁରା, ସାତକୋସିଆ, ଡିହ ସାହି, ବାଉଁଶଗଡ଼, ତୁଳସିପୁର, କଣ୍ଟିପାଳ, ବେଲଦା, ସିଙ୍ଗଡୋଭ, ଗ୍ରାମର ୧୧ଟି ସଂକୀର୍ତନ ଦଳ ଯୋଗଦେଇ ଅଖଣ୍ଡ ନାମ ସଂକୀର୍ତନ କରିଥିଲେ। ସମଗ୍ର ଅଂଚଳରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ନାମଯଜ୍ଞରେ ଆଶାୟୀ ପ୍ରାର୍ଥୀ ମାନେ ଯୋଗଦେଇ ଆଶୀର୍ବାଦ ଭିକ୍ଷା କରିଥିଲେ। ପ୍ରବଚକ ଜିତୁ ଦାଶ ଯୋଗଦେଇଥିଲେ। ସାତ କୋଶିଆ ମହିଳା କିର୍ତନ ମଣ୍ଡଳୀର ମନମୁଗ୍ଧ କର ସଂଗୀତ ସମସ୍ତଙ୍କ ହୃଦୟକୁ ଛୁଇଁ ଯାଇଥିଲା। ୬ ତାରିଖ ଠାରୁ ଆରମ୍ଭ ହୋଇଥିବା ଅଷ୍ଟ ପ୍ରହର ନାମଯଜ୍ଞର କର୍ତା ଭାବେ ଜୟସେନ ସାହୁ ସଂକଳ୍ପ କରିଥିବା ବେଳେ ଅତିଥି ଭାବେ ଶୈଳଙ୍ଗ ମଠର ମହନ୍ତ ଈଶ୍ୱର ବାବା, ଝାଡ଼େଶ୍ୱର ମଠର ସ୍ୱାମି ପ୍ରଫୁଲ ବାବା ଓ ଭଗୁ ବାବା ପ୍ରମୁଖ ଯୋଗଦେଇ ନାମ ଯଜ୍ଞକୁ ଉଦଘାଟନ କରିଥିଲେ।

# ମିଲେଟ୍ ମିସନରେ ମହାଦୁର୍ନୀତି: କର୍ଣ୍ଣାଟକରୁ ଆସୁଛି ମାଣ୍ଡିଆ, ରାୟଗଡ଼ା ଚାଷୀଙ୍କ ନାଁରେ ବିକ୍ରି

ରାୟଗଡ଼ା, ୦୯/୪ (ନି.ପ୍ର): ଟ୍ରକ୍ ଟ୍ରକ୍ ମାଣ୍ଡିଆ ଆସୁଛି କର୍ଣ୍ଣାଟକ ଓ ଆନ୍ଧ୍ରରୁ। ମଣ୍ଡିରେ ବିକ୍ରି ହେଉଛି ରାୟଗଡ଼ା ଚାଷୀଙ୍କ ନାଁରେ। ଉତ୍ପାଦନ ନଥିବା ସତ୍ତ୍ୱେ ଠଙ୍କକତା କରି ମଣ୍ଡି ଅର୍ଥ ହଡ଼ପ କରୁଛନ୍ତି ସ୍ୱେଚ୍ଛାସେବୀ ଅନୁଷ୍ଠାନ। କାଗଜପତ୍ରରେ ମିଛ ଚାଷୀଙ୍କ ନାଁ ଦର୍ଶାଇ ପ୍ରତି ବର୍ଷ ହଡ଼ପ ଚାଲିଛି ଲକ୍ଷାଧିକ ଟଙ୍କା। ଚନ୍ଦ୍ରପୁରର ପ୍ରଭାତ ଏନ୍‌ଜିଓ ବିରୋଧରେ ଏପରି ସଙ୍ଗୀନ ଅଭିଯୋଗ ଆସିଥିବା ବେଳେ କର୍ଣ୍ଣାଟକରୁ ଆସିଥିବା ମାଣ୍ଡିଆ ଟ୍ରକ୍‌କୁ ଅଟକ ରଖି ଘୁମର ଖୋଲିଛନ୍ତି ଗ୍ରାମବାସୀ ଓ ଚାଷୀ। ଘଟଣା ସାମ୍ନାକୁ ଆସିବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମନୋଜ କୁମାର ପ୍ରଧାନ ଚନ୍ଦ୍ରପୁର ଯାଇ ତଦନ୍ତ କରିଛନ୍ତି। ରାଜ୍ୟରେ ମାଣ୍ଡିଆ କ୍ରୟ ପାଇଁ ଆଦିବାସୀ ଉନ୍ନୟନ ସମବାୟ କର୍ପୋରେସନ (ଟିଡିସିସି)କୁ ଦାୟିତ୍ୱ ଦିଆଯାଇଛି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ସମବାୟ ବିଭାଗ ଓ ମିଲେଟ୍ ମିସନ୍ ସହଯୋଗରେ ରାୟଗଡ଼ା ଜିଲ୍ଲାରେ ୧୩ଟି ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି ଓ ୭ଟି ଚାଷୀ ଉତ୍ପାଦକ ସଂଗଠନ ମାଧ୍ୟମରେ ଚାଷୀଙ୍କଠାରୁ ମାଣ୍ଡିଆ କିଣିବା ନିମନ୍ତେ ମଣ୍ଡି ଖୋଲାଯାଇଛି। ଚନ୍ଦ୍ରପୁର ବ୍ଲକରେ ଏଫ୍‌ପିଓ



ମାଧ୍ୟମରେ ମାଣ୍ଡିଆ କିଣିବା ପାଇଁ ପ୍ରଭାତ ନାମକ ସ୍ୱେଚ୍ଛାସେବୀ ସଂଗଠନ ଅନୁବନ୍ଧିତ ହୋଇଛି। ତେବେ ଏହି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜିଲ୍ଲାର ଚାଷୀଙ୍କ ନିକଟରୁ ମାଣ୍ଡିଆ ନ କିଣି ବାହାର ରାଜ୍ୟରୁ ଆଣି ଆରଏମ୍‌ସି ଗୋଦାମରେ ମହଜୁଦ୍ ରଖି ବିକ୍ରି କରୁଛି। ଗତ ୬ତାରିଖରେ କର୍ଣ୍ଣାଟକରୁ ଏକ ମାଣ୍ଡିଆ ବୋଝେଇ ଟ୍ରକ୍ ଚନ୍ଦ୍ରପୁର ବ୍ଲକ୍ ଡାଙ୍ଗସୋରଡ଼ା ପଞ୍ଚାୟତକୁ ଆସିଥିଲା। ହାଟପଦାରେ ମାଣ୍ଡିଆ ଅନଲୋଡ୍ ହେଉଥିବା ବେଳେ ଗ୍ରାମବାସୀ ସନ୍ଦେହରେ ଡ୍ରାଇଭରକୁ ପଚରାଉଚରା କରି ଟ୍ରକ୍‌ରେ ମାଣ୍ଡିଆ ଥିବା ଜାଣି ପାରିଥିଲେ। କର୍ଣ୍ଣାଟକରୁ ଆସିଥିବା ଟ୍ରକରେ ୩୫ଟନ୍ ମାଣ୍ଡିଆ ଥିବା ନେଇ ଗ୍ରାମବାସୀ ଚନ୍ଦ୍ରପୁର ପୁଲିସକୁ ଅବଗତ କରିଥିଲେ। ପୁଲିସ ଏଥିରେ ହସ୍ତକ୍ଷେପ ନ କରିବାରୁ ଗ୍ରାମବାସୀ ଟ୍ରକ୍‌କୁ ଛାଡ଼ି ଦେଇଥିଲେ। ଡାଙ୍ଗସୋରଡ଼ା ସରପଞ୍ଚ ଅନିତା ଶବର ଅଭିଯୋଗ କରିଛନ୍ତି, ପ୍ରଭାତ ସ୍ୱେଚ୍ଛାସେବୀ ସଂଗଠନ ସିଂ ଟ୍ରେଡର୍ସ ନାମକ ସଂସ୍ଥା ଦ୍ୱାରା ରାଜ୍ୟ ବାହାରୁ ଶହ ଶହ କ୍ୱିଣ୍ଟାଲ୍ ମାଣ୍ଡିଆ ଆଣି ଚାଷୀଙ୍କ ନାମରେ ମଣ୍ଡିରେ ବିକ୍ରି କରୁଛି। ଚଳିତ ବର୍ଷ ଚନ୍ଦ୍ରପୁର ବ୍ଲକକୁ ୧୧ ହଜାର କ୍ୱିଣ୍ଟାଲ୍ ମାଣ୍ଡିଆ କିଣିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଏତେ ପରିମାଣର ମାଣ୍ଡିଆ ସୁଦୂର କର୍ଣ୍ଣାଟକରୁ ଆସିଲା କାହିଁକି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାରୀ ସୂଚନା ମୁତାବକୁ ଆଜି ସୁଦ୍ଧା ଚନ୍ଦ୍ରପୁର ବ୍ଲକରୁ ୬୧୫୯ କ୍ୱିଣ୍ଟାଲ ମାଣ୍ଡିଆ ମଣ୍ଡି ମାଧ୍ୟମରେ କିଣାଯାଇଛି। ଗତ ୨୦୨୨-୨୩ ମସିହାରେ ରାଜ୍ୟରେ କୋରାପୁଟ ଜିଲ୍ଲା ମାଣ୍ଡିଆ ସଂଗ୍ରହରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବ୍ଲକସ୍ତରରେ ରାୟଗଡ଼ା ଜିଲ୍ଲାର ଚନ୍ଦ୍ରପୁର ପ୍ରଥମ ସ୍ଥାନ ଅଧିକାର କରିଥିଲା। କିନ୍ତୁ ସ୍ୱେଚ୍ଛାସେବୀ ସଂଗଠନର କେଳେଙ୍କାରୀ ଜଣାପଡ଼ିବା ପରେ ମିଲେଟ୍ ମିସନ୍ ପଛର ଅସଲ ଚିତ୍ର ପଦାକୁ ଆସିଛି। ସୂଚନାଯୋଗ୍ୟ, ଚଳିତ ବର୍ଷ ରାୟଗଡ଼ା ଜିଲ୍ଲାରେ ୯୦ହଜାର କ୍ୱିଣ୍ଟାଲ୍ ମାଣ୍ଡିଆ ସଂଗ୍ରହ ଟାର୍ଗେଟ ଥିବାବେଳେ ଆଜି ଯାଏ ମାତ୍ର ୩୭ହଜାର ୬୬୭ କ୍ୱିଣ୍ଟାଲ୍ ମାଣ୍ଡିଆ ସଂଗ୍ରହ ହୋଇଛି।

# ଟଙ୍କା ଚାଲାଣ ସନ୍ଦେହ, ଆଜିଠୁ କଳା କାଚ ଯାଞ୍ଚ: ଉଲ୍ଲଂଘନ ହେଲେ ୫ ହଜାର ଟଙ୍କା ଜରିମାନା/ ୬ ମାସ ଜେଲ୍

ଭୁବନେଶ୍ୱର, ୦୯/୪ (ନି.ପ୍ର): ପୁଣି ଫେରିଲା କଳାକାଚ ଯାଞ୍ଚ ଅଭିଯାନ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ କରିବାକୁ କମିସନରେଟ୍ ପୁଲିସ ନିଷ୍ପତ୍ତି ନେଇଛି। ଅତି ବିଶ୍ୱସ୍ତ ସୂତ୍ରରୁ ମିଳୁଥିବା ସୂଚନା ଅନୁସାରେ, କଳାକାଚ ଆଢୁଆଳରେ ନିର୍ବାଚନ ଲାଗି ଟଙ୍କା ଚାଲାଣ ସନ୍ଦେହ କରାଯାଉଛି। ଏ ସଂକ୍ରାନ୍ତରେ ଗୁଇନ୍ଦା ରିପୋର୍ଟ ମଧ୍ୟ ଆସିଛି। ସେଥିପାଇଁ ପୁଲିସ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଯାଉଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏହି କ୍ରମରେ ଟିନ୍‌ଟେଡ୍ ଗ୍ଲାସ୍ ଥିବା ଗାଡ଼ିକୁ ଯାଞ୍ଚ କରିବାକୁ ପୁଲିସ କମିସନର ନିର୍ଦ୍ଦେଶ ଦେଇଛନ୍ତି। ଦୁଇ ଡିସିପି ଓ ଟ୍ରାଫିକ୍ ଡିସିପିଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ଏହି ଯାଞ୍ଚ କରିବେ। ଉଲ୍ଲେଖଥାଉକି, ଗାଡ଼ିରେ ଯେ କୌଣସି ଡାର୍କ ଫିଲ୍ମ ବା ଅନ୍ୟ କୌଣସି ଜିନିଷ ଲଗାଇବା ଉପରେ



ନିଷେଧାଦେଶ ରହିଛି। ଯଦି କୌଣସି ବ୍ୟକ୍ତି ବ୍ଲାକ୍ ଫିଲ୍ମ କିମ୍ବା ଅନ୍ୟ କିଛି ସେଫ୍‌ଟି ଗ୍ଲାସ୍ ଵିଣ୍ଡସ୍ ସ୍କ୍ରିନ୍ ଅଥବା ସାଇଡ୍ ସ୍କ୍ରିନ୍‌ରେ ଲଗାଇଥିବେ, ତେବେ ଏଣିକି ଫସିବେ। ଯଦି ଏହି ନିୟମର କେହି ଉଲ୍ଲଂଘନ କରନ୍ତି, ତେବେ ତାଙ୍କ ବିରୋଧରେ ମାମଲା ରୁଜୁ କରିପାରିବ ପୁଲିସ। ଏହାଛଡ଼ା ସେକ୍ସନ୍ ୧୮୨ (ଏ) (୪) ଅନୁଯାୟୀ ୫,୦୦୦ ଟଙ୍କା ଜରିମାନା କିମ୍ବା ୬ ମାସ ଜେଲ ଦଣ୍ଡ ଭୋଗିପାରନ୍ତି। ଆରଟିଓ ଓ ପୁଲିସ ମିଳିତ ଭାବେ ଏହି ପଦକ୍ଷେପ ନେବାକୁ କମିସନର ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତାକାଲି ଠାରୁ ଏହି ଅଭିଯାନ ଆରମ୍ଭ ହେବ। ତେଣୁ ଲୋକମାନେ ନିଜ ଗାଡ଼ିରୁ ବ୍ଲାକ୍ ଫିଲ୍ମ କିମ୍ବା ସେହିପରି ଅନ୍ୟ କିଛି ଲଗାଇଥିଲେ ତାହାକୁ କାଢ଼ିଦେବାକୁ କମିସନର ପରାମର୍ଶ ଦେଇଛନ୍ତି। ଗାଡ଼ିରେ କଳାକାଚ ନେଇ ପୂର୍ବରୁ ଅନେକ ଅଭିଯାନ କରାଯାଇଛି। ସଚେତନତା ପରେ ପୁଲିସ ସେସବୁ ଗାଡ଼ିକୁ ଧରି ଅର୍ବାନ ପୁଲିସ ଆଇନ ବଳରେ ୫୦୦ ଟଙ୍କା ଜରିମାନା ଆଦାୟ କରୁଥିଲା।

# ଧାନ କିଣାରେ ବଡ଼ଧରଣର ଦୁର୍ନୀତି ସନ୍ଦେହ: ରହସ୍ୟ ଘେରରେ ୧୩୮୭ କୁଇଣ୍ଟାଲ ଧାନ

ଯାଜପୁର, ୦୯/୪ (ନି.ପ୍ର): ପୂର୍ବବର୍ଷ ତୁଳନାରେ ୨୦୨୩-୨୪ ଖରିଫ ଋତୁରେ ଧାନ ଫସଲ ଭଲ ହୋଇଥିଲା। ଏହାସତ୍ତ୍ୱେ ଯାଜପୁର ଜିଲ୍ଲାରେ ଏଥର ୧ଲକ୍ଷ ୬୪ ହଜାର ୩୨୨ କୁଇଣ୍ଟାଲ ଧାନ କମ୍ କିଣାଯାଇଛି। ଗତବର୍ଷ ୪୪ ହଜାର ଚାଷୀ ଧାନ ବିକ୍ରି କରିଥିବା ବେଳେ ଏଥର ୩୮ହଜାରରୁ କମ୍ ଚାଷୀ ଧାନ ବିକିଛନ୍ତି। ଧାନ କିଣା ହ୍ରାସ ପାଇଥିବାବେଳେ ଧାନ କିଣାବିକା କାରବାରରେ ବି ବଡ଼ଧରଣର ଘୋଟଲା ଧରାପଡ଼ିଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଯାଜପୁର ବ୍ଲକ୍ ମାର୍କଣ୍ଡପୁର ଆରଆଇଙ୍କ ଅଧୀନରେ ମା' ସାହାଡ଼ା ସୁନ୍ଦରୀ ଏସଏଚ୍‌ଜି ଜରିଆରେ ଖୋଲାଯାଇଥିବା ଧାନମଣ୍ଡିରେ ଏକ ଦମ୍ପତିଙ୍କଠାରୁ କିଭଳି ୧୩୮୭କୁଇଣ୍ଟାଲ କିଣାହେଲା, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟିହୋଇଛି। ଏପରିସ୍ଥଳେ କରାଯାଇଥିବା ଅନୁସନ୍ଧାନରୁ ରୋଚକ ତଥ୍ୟ ସାମ୍‌ନାକୁ ଆସିଛି। ଏଥିରୁ ଜଣାପଡ଼ିଛି ଯେ ୨୦୨୨-୨୩ ଖରିଫ୍ ଋତୁରେ ୧୫୮ଟି ସରକାରୀ ଧାନମଣ୍ଡିରେ ୪୪,୭୨୦ ଚାଷୀଙ୍କଠାରୁ ୧୮ଲକ୍ଷ ୨୬ହଜାର ୧୯କୁଇଣ୍ଟାଲ ଧାନ କିଣାଯାଇଥିବା ଯାହା ଦର୍ଶାଯାଇଛି, ତାହା କେବଳ କାଗଜପତ୍ରରେ। ବରଂ, ଏହିଭଳି ଠଙ୍କକତା ମାଧ୍ୟମରେ କୋଟିକୋଟି ଟଙ୍କା ଦୁର୍ନୀତି କରାଯାଇଛି। ଏଥିରେ ଏଆରସିଏସଙ୍କ କାର୍ଯ୍ୟାଳୟର ସମ୍ପୃକ୍ତି ଥିବା ଅଭିଯୋଗ ହୋଇଛି। ଚଳିତବର୍ଷ ଧାନ ଫସଲ ଭଲ ହୋଇଥିବା ସତ୍ତ୍ୱେ ଧାନମଣ୍ଡିରେ ଶୋଷଣ ଓ ନିର୍ଯାତନା ପାଇଁ ଚାଷୀମାନେ ବାହାର ରାଜ୍ୟର ବେପାରୀ ଓ ମିଲରଙ୍କ ଦଲାଲଙ୍କୁ କମ୍ ଦାମରେ ବିକିଦେଇଛନ୍ତି। ସମୁଦାୟ ୫୩,୨୩୦ ଚାଷୀ ଧାନ ବିକିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ମାତ୍ର ୩୭,୯୧୦ଜଣ ଚାଷୀ ଧାନ ବିକ୍ରି କରିଛନ୍ତି। ୧୫,୩୨୦ଜଣ ଚାଷୀ ସରକାରୀ ମଣ୍ଡିରେ ଧାନ ବିକ୍ରି କରିନାହାନ୍ତି। ଏଥର ମୋଟ୍ ୧୬ଲକ୍ଷ ୬୧ହଜାର ୬୯୭କୁଇଣ୍ଟାଲ ଧାନ ବିକ୍ରି ହୋଇଛି ବୋଲି କାଗଜପତ୍ରରେ ଦର୍ଶାଯାଇଛି। ଧାନ କିଣାବିକା ହୋଇଥିବା ତଥ୍ୟରୁ ଜଣାପଡ଼ିଛି ଯେ ଜିଲ୍ଲା ସଦର ମହକୁମା ତହସିଲର ମାର୍କଣ୍ଡପୁର ଆରଆଇ ସର୍କଲ ଅଧୀନରେ ମା' ସାହାଡ଼ା ସୁନ୍ଦରୀ ଏସ୍‌ଏଚ୍‌ଜି ୧୪୮ଜଣ ଚାଷୀଙ୍କଠାରୁ ୧୦,୧୩୪ କୁଇଣ୍ଟାଲ ଧାନ କିଣିଛି। ସେଥିରୁ ମାନସ କୁମାର ଦାସଙ୍କଠାରୁ ୮୭୦.୯୬କୁଇଣ୍ଟାଲ ଓ ତାଙ୍କ ପତ୍ନୀ ଗୀତାରାଣୀ



ଦାସଙ୍କଠାରୁ ୫୧୬.୬୧କୁଇଣ୍ଟାଲ କିଣାଯାଇଛି। ଦାସ ଦମ୍ପତିଙ୍କଠାରୁ ମୋଟ ୧୩୮୭ କୁଇଣ୍ଟାଲରୁ ଅଧିକ ଧାନ କିଣାଯାଇଛି। ଏହି ଦମ୍ପତିଙ୍କ ନାମରେ ମାତ୍ର ୨/୩ ଏକର ଜମିରହିଛି। ତେବେ ଶ୍ରୀ ଦାସଙ୍କ ପରିବାର ନାମରେ କିପରି ୭୩ ଏକରରୁ ଅଧିକ ଜମିର ଜାଲ କାଗଜପତ୍ର କରି ଧାନ କିଣାଗଲା, ଏହି କାରବାର ସ୍ଥାନୀୟ ଆରଆଇ ଓ ଏସଆରସିଏସ କାର୍ଯ୍ୟାଳୟ କିପରି ଜାଣି ପାରିଲେ ନାହିଁ- ତାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟିହୋଇଛି। ଏ ସମ୍ପର୍କରେ ଆରଆଇ ସଚ୍ଚିକାନ୍ତ ସାମଲ କହନ୍ତି, ଏସ୍‌ଏଚ୍‌ଜି ଯେଉଁ ଫର୍ମ ଆଣି ଦେଇଥିଲେ, ତାହା ସର୍ଭେ କରି ଦିଆଯାଇଛି। ତେବେ, ଅଧିକ କିଛି ଜାଣି ନାହିଁ। ଶ୍ରୀ ଦାସଙ୍କ ପରିବାର ନାମରେ ଏତେ ପରିମାଣର ଜମି ନାହିଁ ବୋଲି ଆରଆଇ ଶ୍ରୀ ସାମଲ ସ୍ପଷ୍ଟ କରିଛନ୍ତି।

# ପ୍ରଭୁ କୃପାକୁ ଅନାଇ ବସିଛନ୍ତି ପ୍ରଭୁପ୍ରକାଶ: କିଡ୍‌ନି ପ୍ରତିରୋପଣ ପାଇଁ ଅର୍ଥ ବାଧକ

ବଲାଙ୍ଗୀର, ୦୯/୪ (ନି.ପ୍ର): ଘରେ ୩୫ ବର୍ଷର ପୁଅ ଶଯ୍ୟାଶାୟୀ। ବୃଦ୍ଧ ମା',ବାପା ପୁଅର ଅବସ୍ଥା ଦେଖି ଅବାକ୍। ସ୍ୱାମୀର ଚିକିତ୍ସା ପାଇଁ ସ୍ତ୍ରୀର ଅନବରତ ସଂଘର୍ଷ। ଏସବୁର ସାକ୍ଷୀ କୁନି ଝିଅର ନିରବତା। ସହାୟତା ଆଶାରେ ସମସ୍ତଙ୍କ ଆଖିରୁ ଝରୁଛି ଲୁହ। ଏକ ଚଳଚ୍ଚିତ୍ରର ଦୃଶ୍ୟ ଭଳି ମନେହେଉଥିବା ଏଭଳି ସତ କାହାଣୀ ଘଟିଛି ବଲାଙ୍ଗୀର ସହରର ଇନ୍ଦିରାନଗରରେ।



ଏହି ଯୁବକ ଜଣକ ହେଉଛନ୍ତି ପ୍ରଭୁପ୍ରକାଶ ନାୟକ (୩୫ବର୍ଷ)। ଦୀର୍ଘ ୯ ବର୍ଷ ହେଲା କିଡ୍‌ନି ରୋଗରେ ସଂଘର୍ଷ କରୁଛନ୍ତି ପ୍ରଭୁପ୍ରକାଶ। ତାଙ୍କ ପରିବାର କହିଲେ ବାପା ପ୍ରମୋଦ ନାୟକ, ମା' ସ୍ୱର୍ଣ୍ଣଲତା, ସ୍ତ୍ରୀ ଚନ୍ଦ୍ରମା ଏବଂ ୮ ବର୍ଷର ଝିଅ ପିନାକୀ। ପ୍ରମୋଦ ତନଖି ଫାଟକରେ ଚାକିରିକରି ଅବସର ନେଇସାରିଲେଣି। ଏବେ ପେନ୍‌ସନ୍ ପାଉଛନ୍ତି ମାସିକ ମାତ୍ର ୩ ହଜାର ଟଙ୍କା। ପ୍ରଭୁ ଡ୍ରାଇଭର ଭାବେ କାମ କରୁଥିଲେ ହେଁ ଯାହା ଉପାର୍ଜନ ହେଉଥିଲା, ହସଖୁସିରେ ସଂସାର ଚାଲୁଥିଲା। ହେଲେ, ୨୦୧୬ ମସିହାରେ ଅଚାନକ ଅସୁସ୍ଥ ହୋଇପଡ଼ିଲେ ପ୍ରଭୁ। ଡାକ୍ତରଙ୍କୁ ଦେଖାଇବାରୁ ତାଙ୍କୁ ଯକ୍ଷ୍ମା ହୋଇଥିବ ବୋଲି ସନ୍ଦେହ କଲେ। ସେହି ହିସାବରେ ଉପଚାର ଆରମ୍ଭ ହେଲା। କିନ୍ତୁ ପ୍ରଭୁଙ୍କ ସ୍ୱାସ୍ଥ୍ୟାବସ୍ଥାରେ କିଛି ଉନ୍ନତି ହେଲା ନାହିଁ। ସେ କିଡ୍‌ନି ରୋଗରେ ଆକ୍ରାନ୍ତଥିବା ପରେ ଜଣାପଡ଼ିଲା। ୨୦୧୬ ମସିହାରୁ ହିଁ ସପ୍ତାହକୁ ତିନିଥର ତାଙ୍କ ଡାଇଲିସିସ୍ ଚାଲିଛି। ବିଜୁ ସ୍ୱାସ୍ଥ୍ୟକାର୍ଡରୁ ଏହି ଖର୍ଚ୍ଚ କଟୁଛି। କିନ୍ତୁ ଗତ ତିନିମାସ ହେଲା ପ୍ରଭୁଙ୍କ ଅଣ୍ଟା ତଳକୁ ଅଚଳ ହୋଇପଡ଼ିଛି। ହ୍ୱିଲ୍ ଚେୟାରରେ ତାଙ୍କ ଦିନ କଟୁଛି। ଡାକ୍ତରଙ୍କ ପରାମର୍ଶ ପରେ ମା' ସ୍ୱର୍ଣ୍ଣଲତା ଗୋଟିଏ କିଡ୍‌ନି ଦେବାକୁ ରାଜି ଅଛନ୍ତି। କିନ୍ତୁ, ଏହି ପ୍ରତିରୋପଣ ପାଇଁ ପର୍ଯ୍ୟାପ୍ତ ଅର୍ଥ ଆବଶ୍ୟକ। ୬ରୁ ୭ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଡାକ୍ତର କହୁଛନ୍ତି। ବଲାଙ୍ଗୀର ଅକ୍ସିଜେନ ବ୍ୟାଙ୍କ ଓ ୧୯୮୨ ମାଟ୍ରିକ ବ୍ୟାଚ୍‌ର ପରି କିଛି ବଦାନ୍ୟ ବ୍ୟକ୍ତି ଓ ଅନୁଷ୍ଠାନର ସହାୟତାରୁ ଲକ୍ଷେ ଟଙ୍କା ଯୋଗାଡ଼ କରି ପ୍ରଭୁଙ୍କୁ ବିଶାଖାପାଟଣା ନିଆଯାଇଛି। କିନ୍ତୁ ହାତରେ ଏବେ ମାତ୍ର ୩୦ ହଜାର ଟଙ୍କା। ସଫଳ ଅସ୍ତ୍ରୋପଚାର ପାଇଁ ସ୍ତ୍ରୀ ଚନ୍ଦ୍ରମା, ମୋବାଇଲ ନମ୍ବର-୭୦୦୮୫୨୩୦୧୫, ବ୍ୟାଙ୍କ ଆକାଉଣ୍ଟ (ଏସ୍‌ବିଆଇଏନ୍ ୦୦୦୦୪୬/୩୬୨୯୫୭୫୯୨୩୬)ରେ ସହାୟତା କରିବାକୁ ନିବେଦନ କରିଛନ୍ତି।

# ରାସ୍ତାକଡରେ ଥିବା ମୋମୋସ୍ ଖାଉଛନ୍ତି କି ? ଜାଣନ୍ତୁ ଏହାର ବିପଦ

**ପ୍ରତ୍ୟେକ ବ୍ୟକ୍ତି ନିଜ ପାଟିର ସ୍ୱାଦ ପାଇଁ ବଜାରରୁ ବିଭିନ୍ନ ପ୍ରକାର ଖାଦ୍ୟ ସେବନ କରିଥାନ୍ତି । କିଏ ତେଲ ଜାତିୟ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି ତ ଆଉ କିଏ ପିଜା ବରଗର ଇତ୍ୟାଦି ଖାଇଥାନ୍ତି । ତେବେ ଏହିସବୁ ଖାଦ୍ୟ ମଧ୍ୟରେ ମୋମସ୍ ମଧ ସାମିଲ ଅଛି । ଯାହାର ଚାହିଦା ଆଜିର ସମୟରେ ଖୁବ୍ ବେଶି ରହିଛି । ପିଲାଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତେ ମୋମସ୍ ଖାଇଥାନ୍ତି । ଖାସ୍ କରି ଆଜିକାଲି ରାସ୍ତାକଡରେ ଏହି ମୋମସ୍ ଅଧିକ ମାତ୍ରାରେ ଏବଂ ଶସ୍ତାରେ ମଧ ମିଳୁଛି । ଯାହାକୁ ମେୟୋନିଜ୍ ଏବଂ ଲାଲ୍ ଚଟଣି ସହତ ଦିଆଯାଏ । କିନ୍ତୁ ଆପଣମାନେ ଜାଣିଛନ୍ତି କି ରାସ୍ତା କଡରେ ଥିବା ଏହି ମୋମୋସ୍ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତି କାରକ ହୋଇଥାଏ । ଏଥିସହିତ ଏଥିରେ ଦିଆଯାଉଥିବା ଲାଲ୍ ଚଟଣୀ ଶରୀର ଉପରେ କେତେ ମାତ୍ରାରେ ପ୍ରଭାବ ପକାଇଥାଏ । ବର୍ତ୍ତମାନ ଆସନ୍ତୁ ଜାଣିବା ଏହି ସମ୍ପର୍କରେ...**

ସ୍ୱାସ୍ଥ୍ୟପାଇଁ କ୍ଷତିକାରକ ମୋମୋସ୍: ମୋମୋସ୍ ସୂକ୍ଷ୍ମ ମଇଦାରୁ ନିର୍ମିତ ହୋଇଥାଏ । ଏଥିରେ ଆଜୋଡିକାର୍ବୋନାମାଇଡ୍, ବେନୋଜୋଏଲ୍ ପେରକ୍ସାଇଡ୍ ପରି ଉପାଦାନଗୁଡିକ ସାମିଲ ଥାଏ । ଏଥିସହିତ ମୋମୋସକୁ ନରମ ରଖିବା ପାଇଁ ଏଥିରେ ଆଲକ୍ସାନ୍ ନାମକ ଏକ ଉପାଦାନ ମଧ ମିଶ୍ରଣ କରାଯାଇଥାଏ । ଯାହାକି ଆମ ସ୍ୱାସ୍ଥ୍ୟ ପାଇଁ ବହୁତ କ୍ଷତିକାରକ । ବାସ୍ତବରେ, ମମୋସ୍ ତିଆରି କରିବା ପାଇଁ ମଇଦାରେ ଯୋଗ କରାଯାଉଥିବା ଏହି ଉପାଦାନଗୁଡିକ ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥାଏ । ଏହି ଉପାଦାନଗୁଡ଼ିକ ଶରୀରର ଅଗ୍ନାଶୟକୁ କ୍ଷତି ପହଞ୍ଚାଇପାରେ । ଏହା ବ୍ୟତୀତ ଏହା ମଧୁମେହ ହେବାର ଆଶଙ୍କା ମଧ ବୃଦ୍ଧି ପାଇଥାଏ ।

ମୋମୋସର ଲାଲ୍ ଚଟଣି ମଧ କ୍ଷତିକାରକ: ତେବେ ଆଜିକାଲି ରାସ୍ତାକଡରେ ଏହି ମୋମସ୍ ଅଧିକ ମାତ୍ରାରେ ଏବଂ ଶସ୍ତାରେ ମଧ ମିଳୁଛି । ଯାହାକୁ ମେୟୋନିଜ୍ ଏବଂ ଲାଲ୍ ଚଟଣି ସହତ ଦିଆଯାଏ । ଯାହାକି ଲାଲ୍ ଶୁଖିଲା ଲଙ୍କାରୁ ପ୍ରସ୍ତୁତ ହୋଇଥାଏ । ଏଥିସହିତ ଏହା ବହୁତ ମସଲା ଯୁକ୍ତ ମଧ ହୋଇଥାଏ । ତେବେ ଏହାକୁ ସେବନ କରିବା ଦ୍ୱାରା ପେଟ ଜନିତ ସମସ୍ୟା ଦେଖାଦେଇଥାଏ । ଯାହାକି ପରବର୍ତ୍ତି ମୁହୂର୍ତ୍ତରେ ଅନେକ ସମସ୍ୟା ସୃଷ୍ଟି କରେ । ତେଣୁ ଅଧିକ ମୋମୋସ୍ ଖାଇବା ଶରୀର ପାଇଁ ବହୁତ କ୍ଷତି କାରକ ହୋଇଥାଏ ।



## ବିଳାସମୟ ଘରରେ ପରିଣତ ହେଲା ସ୍କୁଲ୍ ବସ୍



ବସ୍ ଭିତରେ ବିଳାସମୟ ଘର । ପାଖାପାଖି ୨୭୦ ସ୍କୋୟାର ଫୁଟର ସ୍କୁଲ ବସ ଏକ ବିଳାସମୟ ଘରରେ ପରିଣତ ହୋଇଛି । ଆଉ ଏଥିପାଇଁ ଖର୍ଚ୍ଚ ହୋଇଛି ପାଖାପାଖି ୩୫ ହଜାର ଡଲାର ଅର୍ଥାତ ୨୫ ଲକ୍ଷ ଟଙ୍କା । ଆଉ ଏହି ଘରେ ରହୁଛନ୍ତି ଜେଫ୍, ତାଙ୍କ ପତ୍ନୀ ଏନା ବେଟରଟନ, ତାଙ୍କର ୫ଜଣ ଛୁଆ, ଦୁଇଟି କୁକର ଏବଂ ଗୋଟିଏ ବିଲେଇ । ଜାତୀୟ ଗଣମାଧ୍ୟମରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ବସ ଭିତରେ ବେଡ୍ରୁମ୍ ସମେତ, ବାଥରୁମ୍, ଟଏଲେଟ୍, ରେନ୍ ଫଲ୍ ସାୱାରର ମଧ ବ୍ୟବସ୍ଥା ରହିଛି । ତେବେ ବସ ଭିତରେ ଥିବା ଏହି ଘରର ଫଟୋ ସୋସିଆଲ ମିଡିଆରେ ଏବେ ବେଶ ଭାଇରାଲ ହେଉଛି । ବସ ଭିତରେ ଘର ଭଳି ସମସ୍ତ ସୁବିଧା ରହିଛି । କିଚେନାରୁ ଆରମ୍ଭ କରି ଏକ କିଙ୍ଗ ସାଇଜ୍ ବେଡ୍ ରୁମ୍ ମଧ ଏହି ବସ ଭିତରେ ରହିଛି । ଭିତରୁ ଦେଖିଲେ ଆପଣ ଅନୁମାନ ବି କରିପାରିବେ ନାହିଁ ଯେ, ଆପଣ ଏକ ବସ୍ ଭିତରେ ଅଛନ୍ତି । ତେବେ ଏହି ବିଳାସମୟ ଘରର ଫଟୋ ଏବେ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି ।

## ପ୍ରଦୂଷିତ ପାଣିରୁ ଜାତ ଆଳୁ, ଗାଜର, ଟମାଟୋ ଖାଆନ୍ତୁନି: ନାଳ ପାଣି ବଢ଼ାଇବ କ୍ୟାନସର, ଚର୍ମ ଓ ପେଟରୋଗ- କୃଷି ବିଶେଷଜ୍ଞ



ଭାରତ ଏକ କୃଷି ପ୍ରଧାନ ଦେଶ ହୋଇଥିବା ବେଳେ କୃଷକଙ୍କ ବିକାଶ ସହିତ ରୋଜଗାର ବୃଦ୍ଧି ପାଇଁ କେନ୍ଦ୍ର ସରକାର ନୂଆ ନୂଆ ପଦକ୍ଷେପ ଗ୍ରହଣ କରୁଛନ୍ତି । ତେବେ ଅନେକ କ୍ଷେତ୍ରରେ କୃଷକମାନେ ନାଳର ମଇଳା ପାଣିକୁ ନେଇ ନିଜ ଫସଲରେ ମଡ଼ାଇଥାନ୍ତି । ଏହାଦ୍ୱାରା ଫସଲରେ କୌଣସି ପ୍ରଭାବ ପଡ଼ିନଥାଏ ବୋଲି ସମସ୍ତଙ୍କର ଧାରଣା ଥାଏ । ମାତ୍ର ଏହା ସମ୍ପୂର୍ଣ୍ଣ ଭୁଲ୍ । କୃଷି ବିଶେଷଜ୍ଞ ଏ ବାବଦରେ ଭିନ୍ନ ମତ ଦେଇଛନ୍ତି । ଏ ବାବଦରେ ବିହାରର ଡାକ୍ତର ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡା. ଆର.ସି ଶ୍ରୀବାସ୍ତବ କିଛି ପରାମର୍ଶ ଦେଇଛନ୍ତି । ସ୍ୱଚ୍ଛ ଓ ପରିଷ୍କାର ପାଣିର ଅଭାବ କାରଣରୁ ଅନେକ ସମୟରେ କୃଷକମାନେ ନାଳରେ ଯାଉଥିବା ଖରାପ ପାଣି ଶସ୍ୟରେ ମଡ଼ାଇଥାନ୍ତି । ଏପରି ସ୍ଥଳେ ପ୍ରଦୂଷିତ ପାଣିର ପ୍ରଭାବ ଫସଲ ଉପରେ ପଡ଼ିବା ସହିତ ତାହାକୁ ସେବନ କରିବା ଦ୍ୱାରା ମଣିଷର ସ୍ୱାସ୍ଥ୍ୟ ମଧ ପ୍ରଭାବିତ ହୋଇଥାଏ । ଏହି ମଇଳା ପାଣି ପ୍ରଥମେ ନାଳରୁ ଫସଲକୁ ଓ ତା'ପରେ ଫସଲରୁ ମଣିଷର ପେଟକୁ ଯାଇଥାଏ । ତେବେ ଏହି ମଇଳା ପାଣିରୁ ଜାତ ଫସଲକୁ ସେବନ କରିବା ଫଳରେ କ୍ୟାନସର ସହିତ ଅନେକ ଚର୍ମ ରୋଗ ହେବାର ସମ୍ଭାବନା ରହିଥାଏ । ତେଣୁ ଏହି ଫସଲକୁ ଆପଣମାନେ ଖାଇବା ଅନୁଚିତ । ଏଥିସହିତ ଏହି ପାଣିର ବ୍ୟବହାର ଶସ୍ୟକ୍ଷେତ୍ରରେ ନ କରିବା ପାଇଁ କୃଷକଙ୍କୁ ପରାମର୍ଶ ଦେବା ଜରୁରୀ । ଖାସ୍ କରି ସହର ନିକଟସ୍ଥ କୃଷକମାନେ ଫସଲରେ ପ୍ରଦୂଷିତ ପାଣିରେ ସିଞ୍ଚନ କରିଥାନ୍ତି । ଏହି ପ୍ରଦୂଷିତ ପାଣିର ପ୍ରଭାବରେ ଆଳୁ, ଟମାଟୋ, ଗାଜର ପରି ସବଜି ଉପରେ ପଡ଼ିଥାଏ । ପରିଣାମ ସ୍ୱରୂପ ତାହାକୁ ଖାଉଥିବା ଲୋକଙ୍କର ସ୍ୱାସ୍ଥ୍ୟ ଖରାପ ହୋଇଥାଏ ବୋଲି ଡା. ଶ୍ରୀବାସ୍ତବ କହିଛନ୍ତି ।

## ଶରୀରକୁ ଦିଅନ୍ତୁ ପୋଷଣ

**ଆୟୁର୍ବେଦ ଅନୁସାରେ, ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ାଇବାକୁ ଚାହୁଁଥିଲେ ପ୍ରଥମେ ଉତ୍ତମ ପୋଷକତତ୍ତ୍ୱଯୁକ୍ତ ଖାଦ୍ୟ ଖାଆନ୍ତୁ । ଏହା ସହ ଭୋଜନର ନିର୍ଦ୍ଦିଷ୍ଟ ସମୟ ରଖିବା ମଧ ଜରୁରୀ।**

ମୁମ୍ବାଇର ଖାଦ୍ୟ ବିଶେଷଜ୍ଞ ପ୍ରତିମା ଜେସ୍ୱାଲ୍‌ଙ୍କ ମତରେ ସୂର୍ଯ୍ୟୋଦୟର ପରେ ଆମ ଶରୀରକୁ ମଧ ଶକ୍ତି ମିଳେ । ଏଇ ସମୟରେ ଆମେ ବିଭିନ୍ନ ପ୍ରକାର ଭୋଜନ କଲେ ମଧ ତାହା ହଜମ ଶୀଘ୍ର ହେଇଥାଏ । ସୂର୍ଯ୍ୟାସ୍ତ ପରେ ପରେ ଶରୀରର ପାଚନ ତନ୍ତ୍ରର ଶକ୍ତି ମଧ ହ୍ରାସ ପାଉଥିବାର ବିଶେଷଜ୍ଞଙ୍କ ମତ ।

ସକାଳୁ ଉଠିବାର ମଧ ଘଣ୍ଟା ମଧ୍ୟରେ ଜଳଖିଆ ଖାଇନେବା ଉଚିତ । ଅଧିକ ସମସ୍ୟା ଭୋକିଲା ରହିଲେ ଅମ୍ଳ ସମସ୍ୟା ହୋଇଥାଏ । ଶଯ୍ୟା ତ୍ୟାଗର ୫.୭ ମିନିଟ୍ ପରେ ୧ ଗିଲାସ ନଖ ଉଷୁମ ପାଣି ପିଅନ୍ତୁ ।

ଦ୍ୱିପହର ଭୋଜନ ଦିନ ୧୨ଟାରୁ ୨ଟା ମଧ୍ୟରେ କରିନେବା ଆବଶ୍ୟକ । ଜଳଖିଆ ଓ ଦ୍ୱିପହର ଭୋଜନ ମଧ୍ୟରେ ୪ ଘଣ୍ଟାରୁ ଅଧିକ ବ୍ୟବଧାନ ରଖିବା ଭଲ ନୁହେଁ । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା, ଶରୀରକୁ ଭୋକିଲା ରଖି କଷ୍ଟ ଦିଅନ୍ତୁ ନାହିଁ । ସମୟକ୍ରମେ ଏହା ଆପଣଙ୍କ ଶରୀରକୁ ଦୁର୍ବଳ କରିଥାଏ ।

ରାତ୍ରିଭୋଜନ ମଧ ସେଇ ଅନୁରୂପ ଶୀଘ୍ର ହେବା ଉଚିତ । ଯେତେ ଶୀଘ୍ର ଖାଇବେ, ତାହା ଆପଣଙ୍କ ପାଇଁ ସେତେ ଭଲ । ଶୋଇବାର ୩ ଘଣ୍ଟା ପୂର୍ବରୁ ହିଁ ରାତ୍ରିଭୋଜନ କରିନେଲେ ସେସବୁ ଖାଦ୍ୟ ହଜମ ହେବା ପାଇଁ ସମୟ ପାଇଥାଏ ।

## ବ୍ରହ୍ମାଙ୍କ ପଞ୍ଚମ ମୁଣ୍ଡ କିଏ ଓ କାହିଁକି କାଟିଥିଲେ, ସୃଷ୍ଟିକର୍ତ୍ତା ପୂଜା ନ ପାଇବାର କାରଣ କ'ଣ ?

ହିନ୍ଦୁ ଧର୍ମରେ ସମସ୍ତ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ । ମାତ୍ର ସାରା ସୃଷ୍ଟିର ରଚୟିତା ବ୍ରହ୍ମାଙ୍କ ପୂଜା କରାଯାଏ ନାହିଁ । ଏପରିକି କୌଣସି ସ୍ଥାନରେ ବି ତାଙ୍କର ମନ୍ଦିରଟିଏ ନାହିଁ । ଏହାଛଡ଼ା କୌଣସି ସ୍ଥାନରେ ତାଙ୍କର ମୂର୍ତ୍ତି ରଖି ପୂଜା ବି କରାଯାଏ ନାହିଁ । ତେବେ ଏକଥା ଅନେକ ହୁଏତ ଜାଣିନଥିବେ ପୁଷ୍କରରେ ଥିବା ବିଖ୍ୟାତ ମନ୍ଦିରରେ ବ୍ରହ୍ମାଙ୍କର ପୂଜା କରାଯାଇଥାଏ । ବ୍ରହ୍ମାଙ୍କର ଚାରିଟି ନୁହେଁ ପାଞ୍ଚଟି ମୁଣ୍ଡ ଥିଲା । ସେଥିମଧ୍ୟରୁ ଗୋଟିଏ ମୁଣ୍ଡକୁ ଦେବଦେବ ମହାଦେବ ଶିବ କାଟି ଦେଇଥିଲେ । ଶାସ୍ତ୍ର ଅନୁସାରେ, ବ୍ରହ୍ମା ଯେତେବେଳେ ସଂସାରର ରଚନା କରୁଥିଲେ ସେତେବେଳେ ସେ ଏକ ସୁନ୍ଦର ସ୍ତ୍ରୀଙ୍କୁ ସୃଷ୍ଟି କରିଥିଲେ, ଯେ କି ସତରୂପା ଥିଲେ । ସେ ଏତେ ସୁନ୍ଦର ଥିଲେ ଯେ ସ୍ୱୟଂ ବ୍ରହ୍ମା ମଧ ତାଙ୍କ ରୂପରେ ମୁଗ୍ଧ ହୋଇଯାଇଥିଲେ ।

ତେବେ ସତରୂପା ବ୍ରହ୍ମାଙ୍କ ହରକତରୁ ବର୍ତ୍ତିବା ପାଇଁ ଶତ ଚେଷ୍ଟା କରିଥିଲେ, ମାତ୍ର ସଫଳ ହୋଇନଥିଲେ । ସତରୂପା ନିଜକୁ ବଞ୍ଚାଇବା ପାଇଁ ଉପରକୁ ଚାହିଁବାରୁ ବ୍ରହ୍ମା ନିଜର ଏକ ମୁଣ୍ଡ ଉପର ଆଡ଼େ ବିକଶିତ କରିଦେଇଥିଲେ । ବ୍ରହ୍ମାଙ୍କର ଏହିସବୁ ହରକତ ଶିବ ଦେଖୁଥିଲେ । ଶିବଙ୍କ ଦୃଷ୍ଟିରେ ସତରୂପା ବ୍ରହ୍ମାଙ୍କର ଝିଅ ପରି । ତେଣୁ ଏହା ତାଙ୍କୁ ଘୋର ପାପ ଲାଗିଲା ଓ ସେ ବ୍ରହ୍ମାଙ୍କର ପଞ୍ଚମ ମୁଣ୍ଡକୁ କାଟିଦେଇଥିଲେ । ପୁରାଣ ଅନୁସାରେ, ଥରେ ବ୍ରହ୍ମା ଧରିତ୍ରୀକୁ ଏକ ପଦ୍ମ ଫୁଲ ପଠାଇଥିଲେ । ଫୁଲଟି ରାଜସ୍ଥାନର ପୁଷ୍କର ନାମକ ସ୍ଥାନରେ ପଡ଼ିଥିଲା । ପଦ୍ମର ଅଂଶ ପଡ଼ିବା କାରଣରୁ ସେ ସ୍ଥାନରେ ଏକ ପୋଖରୀ ସୃଷ୍ଟି ହୋଇଥିଲା । ସେଠାରେ ଏକ



ଯଜ୍ଞ କରିବା ପାଇଁ ସମସ୍ତ ଦେବାଦେବୀ ପହଞ୍ଚିଥିଲେ । ତେବେ ପରେ ବ୍ରହ୍ମା ଓ ତାଙ୍କ ମାତା ଗାୟତ୍ରୀ ପୃଥିବୀ ପୃଷ୍ଠରେ ଯଜ୍ଞସ୍ଥଳରେ ଏକତ୍ର ବସିଥିଲେ । ପୃଥିବୀ ଲୋକ ଯାଇଥିବା ଜାଣି ତାଙ୍କ ପତ୍ନୀ ସାବିତ୍ରୀ ଅଭିଶାପ ଦେଇଥିଲେ ଯେ ବ୍ରହ୍ମାଙ୍କର ପୂଜା ଧରିତ୍ରୀ ବକ୍ଷରେ କରାଯାଇ ପାରିବ ନାହିଁ । ମାତ୍ର ଅଭିଶାପ ଫେରସ୍ତ କରି ନେବାକୁ ସମସ୍ତ ଦେବାଦେବୀ ତାଙ୍କୁ ଅନୁରୋଧ କରିଥିଲେ । ଏହା ପରେ ସାବିତ୍ରୀ ଅଭିଶାପ ପ୍ରତ୍ୟାହାର କରିନେଇଥିଲେ ଓ ସାରା ଦୁନିଆରେ କେବଳ ପୁଷ୍କରରେ ହିଁ ବ୍ରହ୍ମାଙ୍କର ପୂଜା କରାଯାଇଥିଲା ।

## ସକାଳୁ ପେଟ ଖାଲି ରଖିଲେ ଉପୁଜିଥାଏ ନାନା ସମସ୍ୟା: ଏହି ସବୁ ଖାଦ୍ୟ ଶରୀର ପାଇଁ ଭଲ

ଆମେ ଅଧିକାଂଶ ସମୟରେ ବ୍ୟସ୍ତତା ହେତୁ ସକାଳ ଜଳଖିଆ ପ୍ରତି ଟିକେ ଯତ୍ନଶୂନ୍ୟ ହୋଇପଡୁ । ମାତ୍ର ମନେରଖନ୍ତୁ ଦିନ ଭିତରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସକାଳର ଖାଦ୍ୟ । ସକାଳୁ ପେଟ ପୂରା ଖାଇଲେ ହିଁ ଆପଣଙ୍କ ଶରୀର ସୁସ୍ଥ ରହିବ । ସକାଳୁ ଯଦି ଆପଣ କିଛି ଆଡୁସାଡୁ ଖାଦ୍ୟ ଖାଇ ଦଉଛନ୍ତି ତେବେ ଏହା ଆପଣଙ୍କ ହଜମ ପ୍ରକ୍ରିୟାକୁ ପ୍ରଭାବ ପକାଇବ ଓ ଯେଉଁ କାରଣରୁ ଆପଣଙ୍କୁ ନାନା ସମସ୍ୟାର ସାମ୍ନା କରିବାକୁ ହେବ । ସକାଳ ଖାଇବାକୁ ନେଇ ଯତ୍ନବାନ ରହିଲେ ହଜମ ପ୍ରକ୍ରିୟା ଠିକ୍ ରହିଥାଏ, ଯାହାକି ବ୍ୟକ୍ତିକୁ ନିରୋଗ ରଖେ । ସକାଳୁ ଉଚିତ ଖାଦ୍ୟ ଖାଇଲେ ଶରୀରରେ ପିଏଚ୍ ସ୍ତର ନିୟନ୍ତ୍ରଣରେ ରହେ । ତେବେ ଚାଲନ୍ତୁ ଜାଣିବା ସକାଳୁ ସକାଳୁ କ'ଣ ସବୁ ଖାଇବା ଆମ ସ୍ୱାସ୍ଥ୍ୟ ପାଇଁ ହିତକର ହୋଇଥାଏ । ସକାଳ ପାନୀୟ ଭାବରେ କେହି କେହି ଜୀରା ପାଣି, ପଇଡ଼ ପାଣି, ଚା ଆଦି ଗ୍ରହଣ କରିଥାନ୍ତି । ଆପଣ ସକାଳୁ ଅଳ୍ପ ଉଷୁମ ପାଣିରେ ମହୁ ମିଶାଇ ପିଅନ୍ତୁ । କେହି କେହି ଓଜନ ହ୍ରାସ ପାଇଁ ମଧ ମହୁ ଓ ଗରମ ପାଣି ପିଇଥାନ୍ତି । ପାଚିଲା ଅମୃତଭଣ୍ଡା ସହ ଯଦି ଆପଣ ନିଜର ଦିନ ଆରମ୍ଭ କରୁଛନ୍ତି



ତା'ହେଲେ ଖୁବ୍ ଭଲ କଥା । ଶରୀରକୁ ଶକ୍ତି ଯୋଗାଇଥାଏ ଏହି ଫଳ । ଏଥିରେ ଥିବା ଫାଇବର ଶରୀର ପାଇଁ ଖୁବ୍ ଉପକାରୀ ।

ସକାଳୁ ଖାଲି ପେଟରେ ଭିଜା ଯାଇଥିବା ଆଲମଣ୍ଡ୍ ଖାଇବା ବି ଖୁବ୍ ଭଲ ହୋଇଥାଏ ଶରୀର ପାଇଁ । ଗାଜର, କଲରା, ଲାଉ ଆଦି ପରିବା ରସ ସକାଳୁ ଖାଇପାରିବେ । ଆପଣ ଚାହିଁଲେ ଅଁଳା ଓ ଆଲୋବେରା ରସ ବି ପିଇପାରିବେ ।

## ଯନ୍ତ୍ରଣାରୁ ମୁକ୍ତି ଦିଏ ସଙ୍ଗୀତ

ଏକ ନୂତନ ସର୍ବେକ୍ଷଣରୁ ଜଣାପଡ଼ିଛି, ସଂଗୀତ ଶୁଣିଲେ ସ୍ଥାୟୀ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ । ସର୍ବେକ୍ଷଣ ଅନୁଯାୟୀ ସଂଗୀତ ଶୁଣୁଥିବା ୧୦ଜଣଙ୍କ ମଧ୍ୟରୁ ଅତି କମରେ ୪ଜଣଙ୍କୁ ଦୀର୍ଘକାଳୀନ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ । 'ଡେଲିମେଲ' ରିପୋର୍ଟ ଅନୁଯାୟୀ ଲାର୍ୟଡ଼ ଫାର୍ମାସୀ ଦ୍ୱାରା ଏହି ସର୍ବେକ୍ଷଣ କରାଯାଇଥିଲା । ଏଥିରୁ ୧୬ରୁ ୪୪ ଆୟୁ ବର୍ଗର ୬୬ ପ୍ରତିଶତ ଲୋକ ସଂଗୀତରୁ ଆରାମ ମିଳୁଥିବା କଥା ସ୍ୱୀକାର କରିଛନ୍ତି । ଏହି ସର୍ବେକ୍ଷଣରେ ୧୫୦୦ ଲୋକଙ୍କୁ ସାମିଲ କରାଯାଇଥିଲା । ରିପୋର୍ଟ ଅନୁଯାୟୀ ସର୍ବେକ୍ଷଣରେ ସାମିଲ ଲୋକମାନଙ୍କ ମଧ୍ୟରେ ପପ ସଂଗୀତକୁ ସବୁଠାରୁ ଲୋକପ୍ରିୟ ଥିଲା । ପ୍ରାୟ ୨୧ ପ୍ରତିଶତ ଲୋକ ପପ ସଂଗୀତ ଶୁଣି ଯନ୍ତ୍ରଣାରୁ ମୁକ୍ତି ପାଇଥିବା ସ୍ୱୀକାର କରିଥିଲେ । ସେହିଭଳି ଶାସ୍ତ୍ରୀୟ ସଂଗୀତ ଶୁଣି ୧୭ ପ୍ରତିଶ ଲୋକଙ୍କର ଯନ୍ତ୍ରଣା ଲାଘବ ହୋଇଥିଲା । ସେହିଭଳି ୧୬ ପ୍ରତିଶତ ଲୋକ ରକ ବା ଇଣ୍ଡି ସଂଗୀତ ଶୁଣି ଯନ୍ତ୍ରଣାରୁ ମୁକ୍ତି ପାଇଥିଲେ । ଉଟାହ ବିଶ୍ୱବିଦ୍ୟାଳୟର ପ୍ରଫେସର ଡେଭିଡ଼ ବ୍ରେଡଶା କହିଛନ୍ତି ଯନ୍ତ୍ରଣା ପାଉଥିବା ବ୍ୟକ୍ତି ନିଜକୁ କୌଣସି ନା କୌଣସି କାର୍ଯ୍ୟରେ ଅତ୍ୟନ୍ତ ବ୍ୟସ୍ତ ରଖିବା ଉଚିତ୍ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପ୍ରଥମ ବିଶ୍ୱର ସମସ୍ୟା ଓ ଭାରତ...

ବର୍ତ୍ତମାନ ସମୟରେ ସମଗ୍ର ବିଶ୍ୱ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବଳରେ ଯେତିକି ନିକଟତର ହୋଇଛି, ନିହାତି କମ୍‌ରେ ପାଞ୍ଚ ଦଶନ୍ଧି ପୂର୍ବରୁ ସେତିକି ନଥିଲା, ଯଦିଓ ବିଶ୍ୱର ବିଭିନ୍ନ ରାଷ୍ଟ୍ରମାନଙ୍କ ମଧ୍ୟରେ ତିକ୍ତ ହେଉ କି ମଧୁର ସମ୍ପର୍କ ପ୍ରତିଷ୍ଠା ହୋଇ ପାରିଥିଲା । ଗୋଟିଏ ରାଷ୍ଟ୍ରର ଅନ୍ୟ ଗୋଟିଏ ରାଷ୍ଟ୍ର ସହିତ ସମ୍ପର୍କର ସଂଜ୍ଞାକୁ ଅଧ୍ୟକତଃ ନିର୍ଦ୍ଧାରଣ କରିଥାଏ ସମ୍ପୃକ୍ତ ରାଷ୍ଟ୍ରର ବିଦେଶ ନୀତି । ଗତ ଅଳ୍ପ କିଛି ବର୍ଷ ଭିତରେ ଭାରତୀୟ ନାଗରିକମାନେ ବିଦେଶ ବ୍ୟାପାର କ୍ଷେତ୍ରରେ କ୍ରମ ବର୍ଦ୍ଧନଶୀଳ ଭାବରେ ସମସ୍ୟାଗୁଡ଼ିକର ଅବର୍ଣ୍ଣନୀୟ ସମାହାରକୁ ସାମ୍ନା କରୁଛନ୍ତି। ଏହି ସମସ୍ୟାସବୁ ଦେଶର ସମାଜବାଦୀ ଉପାଖ୍ୟାନଗୁଡ଼ିକଠାରୁ ଢେର୍ ଦୂରରେ ରହି ଆସିଛି ଯାହା ଦିନେ ଲୋକମାନଙ୍କୁ ଚିନ୍ତା କରିବାକୁ ଖୋରାକ ଯୋଗାଉ ଥିଲା ଯେ ଆମେ କେମିତି ଏକ ଅବିକଶିତ ରାଷ୍ଟ୍ରରୁ ବିକାଶଶୀଳ ରାଷ୍ଟ୍ର ଅଭିମୁଖେ ଗତି କରୁଛୁ; ଆମେମାନେ ବିଦେଶୀ ଶାସନର ଏକ ପୀଡ଼ିତ ରାଷ୍ଟ୍ର ଥିଲୁ ଏବଂ 'ବିଦେଶୀ ଶକ୍ତି'ଙ୍କ ଷଡ଼ଯନ୍ତ୍ରର ଏକ ସହଜ ଶିକାର ହେବା ଭଳି ରାଷ୍ଟ୍ର । ଏସବୁ ସମସ୍ୟା କାନାଡାଠାରୁ ଆରମ୍ଭ କରି ଅନ୍ୟାନ୍ୟ ରାଷ୍ଟ୍ର ପର୍ଯ୍ୟନ୍ତ ବ୍ୟାପିଛି, ଯାହା ଅଭିଯୋଗ କରିଛି ଯେ ଭାରତ ଏହାର ନିର୍ବାଚନଗୁଡ଼ିକରେ ହସ୍ତକ୍ଷେପ କରିଛି, ଠିକ୍ ସେମିତି, ଯେମିତି ଆମେରିକାର ରାଷ୍ଟ୍ରପତି ନିର୍ବାଚନଗୁଡ଼ିକରେ ରୁଷିଆ ମୁଣ୍ଡ ଖେଳାଇବା ଭଳି କଥାଠାରୁ ଆରମ୍ଭ କରି ପାକିସ୍ତାନ ଚିତ୍କାର କରିବା ଭଳି ଯେ ଭାରତ ଏହାର ମାଟିରେ ଲକ୍ଷ୍ୟଭୁକ୍ତ ହତ୍ୟାଗୁଡ଼ିକ କରିବା ପନ୍ଥାର ଆଶ୍ରୟ ନେବାକୁ ଚାହୁଁଥିବା ପର୍ଯ୍ୟନ୍ତ। ଅଧିକାଂଶ ଭାରତୀୟଙ୍କ ପାଇଁ, ସେମାନଙ୍କ ଜୀବନର ସମଗ୍ର ଅବଧି ନିମନ୍ତେ ଭାରତ ଏକ ସହଜ ଶିକାର ହେବାର ରାଷ୍ଟ୍ର ଭାବରେ ପରିଗଣିତ ହୋଇ ଆସିଛି- ଯାହା ହେଉଛି, ଆତଙ୍କବାଦର ଶିକାର ହେବା ସମ୍ବନ୍ଧିତ, ଯେଉଁ ଆତଙ୍କବାଦୀମାନେ ପାକିସ୍ତାନ ମାଟିରେ ଲାଳିତପାଳିତ ଏବଂ ପ୍ରଶିକ୍ଷିତ ହୋଇଛନ୍ତି ଏବଂ ଅନ୍ୟ ଦେଶମାନଙ୍କ ଦ୍ୱାରା ଅନୁପ୍ରବେଶ ଓ ଆକ୍ରମଣର ଶିକାର ହେବା, ଯାହା ମଧ୍ୟରେ ଚୀନ୍ ମଧ ଅନ୍ତର୍ଭୁକ୍ତ। ଏହା ବାଦ୍ ଯୁକ୍ତରାଷ୍ଟ୍ର ଆମେରିକା ବା ଅନ୍ୟାନ୍ୟ ପାଶ୍ଚାତ୍ୟ ଶକ୍ତିମାନଙ୍କ ହାତରେ କ୍ରୀଡ଼ନକ ହେବା କଥାକୁ କ୍ୱଚିତ୍ ବାଦ୍ ଦେଇହେବ। ପାକିସ୍ତାନର ଅପରାଧୀମାନେ ଯେତେବେଳେ ସୀମା ପାର ହୋଇ ଭାରତକୁ ଆସି ସେମାନଙ୍କ ଉଦ୍ଦେଶ୍ୟମାନ ପୂରଣ କରି ଚାଲି ଯାଆନ୍ତି, ସେ ଦାଉଦ୍ ଇବ୍ରାହିମ୍ ହେଉ କି ଧୋବ ଧାଉଳିଆ ଜାଲିଆତିକାରୀମାନେ ହୁଅନ୍ତୁ, ଭାରତ କେବଳ ପ୍ରତ୍ୟର୍ପଣ ରୂପକ ଆଇନ ଆଢ଼ୁକୁ ଅନେଇ ରୁହେ, ଯାହା ମାଧ୍ୟମରେ ସେମାନଙ୍କୁ ବିଚାରାଳୟକୁ ଆଣି ସେମାନଙ୍କ ଅପରାଧର ବିଚାର କରିବା କ୍ଷେତ୍ରରେ କେବଳ ବିଫଳତାକୁ ହିଁ ସାମ୍ନା କରିଥାଏ । ଉପରୋକ୍ତ ପ୍ରସଙ୍ଗର ଉଦାହରଣ ଭାବରେ ନିଆଯାଇପାରେ ୨୦୦୮, ନଭେମ୍ବର ୨୬ର ସେଇ ମର୍ମନ୍ତୁଦ ଆତଙ୍କବାଦୀ ଆକ୍ରମଣକୁ । କହିବା ବାହୁଲ୍ୟ, ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ଅତ୍ୟନ୍ତ ନିଃସହାୟ ଭାବରେ ଶ୍ରୀଯୁକ୍ତ ମୋଦୀ ମଧ କାମନା କରିଥିବେ ଯେ ସରକାର ଏବଂ ଏହାଙ୍କ ଏଜେନ୍ସିମାନେ ଦେଶର ଶତ୍ରୁମାନଙ୍କୁ କଡ଼ା ଜବାବ ଦେବା ଉଚିତ। ସେ ଯେମିତି ବି ହେଉ, ଏହି କାର୍ଯ୍ୟ ଶ୍ରୀଯୁକ୍ତ ମୋଦୀଙ୍କ କାନ୍ଧକୁ ଆସିଲା । ପ୍ରଥମେ ସେ ଜବାବ ଦେଲେ ସୀମାପାର ସର୍ଜିକାଲ ଷ୍ଟ୍ରାଇକ୍ ଜରିଆରେ, ଯଦିଓ ଏହି ଆକ୍ରମଣ ସୀମିତ ଥିଲା ପିଓକେରେ ଅବସ୍ଥିତ ଆତଙ୍କବାଦୀମାନଙ୍କ ଶିବିରଗୁଡ଼ିକ ଉପରେ। ନିକଟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଯେଉଁ ବିବୃତି ପ୍ରଦାନ କରିଛନ୍ତି ଯେ ଆବଶ୍ୟକ ପଡ଼ିଲେ ସୀମା ଆରପଟେ ମଧ୍ୟ ଆତଙ୍କବାଦୀମାନଙ୍କୁ ଖୋଜି ଖୋଜି ନିପାତ କରାଯିବ, ତାହା ହେଉଛି- ଶ୍ରୀଯୁକ୍ତ ମୋଦୀଙ୍କ ଶାସନ କିପରି ଭାରତକୁ ପରିବର୍ତ୍ତିତ କରିଛି ଏବଂ ଏହାର ପରିବର୍ତ୍ତିତ ଗତିପଥରେ ସ୍ୱାଧୀନତା ଲାଭ କରିବା ପରଠାରୁ ଭାରତବର୍ଷରେ ଭାରତ ପ୍ରଥମ ଥର ପାଇଁ କିପରି 'ପ୍ରଥମ ବିଶ୍ୱ ସମସ୍ୟାଗୁଡ଼ିକ'ର ସାମ୍ନା କରୁଛି । ଦେଶର ଅର୍ଥନୀତିର ଉଦାରୀକରଣ ପରେ ଭାରତୀୟମାନେ ସମ୍ଭବତଃ ଆମେରିକୀୟ ପ୍ରତିନିଧିମାନେ ଆମ ଦେଶକୁ ଆସିବା ଏବଂ ଏହାର ଅଧିକାରୀମାନେ କର୍ପୋରେଟ୍ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଉଥିବା ଆଉ ତା'ପରେ ଆମେରିକାରେ ସେମାନେ କିପରି ଚାକିରି ସୃଷ୍ଟି କରିଦେବାରେ ସଫଳ ହୋଇଛନ୍ତି, ତାହା କହି ନିଜର ସଫଳତା ବଖାଣିବାକୁ ଦେଖି ବିସ୍ମିତ ହୋଇଥିବେ। ଯେତେବେଳେ ଶ୍ରୀଲଙ୍କା ବା ମାଳଦ୍ୱୀପ କି ଇଣ୍ଡୋନେସିଆ ଅଭିଯୋଗମାନ କଲେ ଯେ ଭାରତ ସରକାର ଏହାର ଶୀର୍ଷସ୍ଥାନୀୟ କର୍ପୋରେଟ୍‌ମାନଙ୍କ ବ୍ୟବସାୟ ନିମନ୍ତେ ଉଦ୍ଦେଶ୍ୟମୂଳକ ଭାବରେ ଉଦ୍ୟମ କରୁଥିଲା, ସେତେବେଳେ ଏହା ଅନୁଭବ କରିହେଲା ଯେ ଏହା କେବଳ ନବ ଭାରତର ଶକ୍ତି ନୁହେଁ, ବରଂ ଏମିତି ଏକ ଶକ୍ତି ଯାହା ଭାରତ ପାଇଁ ନୂଆ । ସ୍ୱାଧୀନତାର ୭୫ ବର୍ଷ ପରେ ଭାରତ ନୂଆ ସମସ୍ୟାଗୁଡ଼ିକର ସମାହାରକୁ ସାମ୍ନା କରୁଛି । ଏଭଳି ପରିପ୍ରେକ୍ଷୀରେ ଶ୍ରୀଯୁକ୍ତ ମୋଦୀଙ୍କୁ ଏଇଥପାଇଁ ଧନ୍ୟବାଦ ଦିଆଯିବା ଆବଶ୍ୟକ କି ସେ ଭାରତକୁ ଏକ ନୂଆ ରୂପରେଖ ପ୍ରଦାନ କରିଛନ୍ତି ଯାହା ଫଳରେ ଏକ ସାଧାରଣତନ୍ତ୍ର ଭାବରେ ଏହା ସେହି ସ୍ତରରେ ପହଞ୍ଚି ପାରିଛି ।

# ଓଡ଼ିଶାରେ ଲୋକ ନାଟକ ଦଣ୍ଡନାଟ



### ଡକ୍ଟର ଲକ୍ଷ୍ମଣ ସାହୁ

ଓଡ଼ିଶାର ଦଣ୍ଡନାଟ ଏକ ପ୍ରାଚୀନ ଓ ପାରମ୍ପରିକ ନାଚ । ବିଶେଷ କରି ଏହା ଗଞ୍ଜାମ ଜିଲ୍ଲାର ଏକ ଲୋକ ପର୍ବ । ଏହା ଗ୍ରାମାଞ୍ଚଳରେ ଏହା କାମନା ଦଣ୍ଡ ଭାବେ ପରିଚିତ । ଏହି ନୃତ୍ୟ ଦ୍ୱାରା ଧର୍ମୟ ଧାରଣା ଓ ଈଶ୍ୱର ବିଶ୍ୱାସ ଜାଗ୍ରତ ହୋଇଥାଏ । ଆଦି ନାଟକର ସୃଷ୍ଟି ରହସ୍ୟମୟ । ତାହା କେବେ ଆରମ୍ଭ ହୋଇଥିଲା ଯଥାର୍ଥ ଉତ୍ତର ନାହିଁ, ବିବାଦୀୟ ହୋଇ ରହିଛି । ତଥାପି ଆଧୁନିକ ନାଟକ ସୃଷ୍ଟିର ବହୁ ପୂର୍ବରୁ ଲୋକନାଟକଗୁଡ଼ିକ ସୃଷ୍ଟି ହୋଇଥିବା ବିଷୟକୁ ଅସ୍ୱୀକାର କରିହେବ ନାହିଁ । କାରଣ ବେଦ, ଭରତମୁନିଙ୍କ ନାଟ୍ୟଶାସ୍ତ୍ର, ବୌଦ୍ଧ ନିକାୟ,ପାଣିନି, କୃଶାଶ୍ୱ ଓ ବିଭିନ୍ନ ପୌରାଣିକ ଗ୍ରନ୍ଥରୁ ଲୋକନାଟକ ସମ୍ପର୍କରେ ସଂକେତ ମିଳିଥାଏ । ଲୋକନାଟକ ବର୍ହିଲକ୍ଷ ଓ ଅନ୍ତର୍ଲକ୍ଷ ହେଉଛି ଶିକ୍ଷା ପ୍ରଦାନ କରିଥାଏ । ଜନଜୀବନର କାହାଣୀକୁ ବିଶ୍ୱସ୍ତ ଭାବେ ଉପସ୍ଥାପିତ କରିବା ଲୋକନାଟକର ଲକ୍ଷ । ନାଟକ ହେଉଛି ଦୃଶ୍ୟକାବ୍ୟ ଓ କାବ୍ୟମାନଙ୍କ ମଧ୍ୟରେ ଶ୍ରେଷ୍ଠ । ନାଟକର ସ୍ରଷ୍ଟା ନାଟ୍ୟ ଶିଳ୍ପିର ମାୟାଜାଲ ବିସ୍ତାର କରି ଦର୍ଶକର ଚିତ୍ତ ବିନୋଦନ ସହିତ ସତ୍ୟ, ଶିବ ଓ ମଙ୍ଗଳର ଜୟଗାନ କରିଥାନ୍ତି । ଲୋକ ନାଟକର କାରଣ ହେଉଛି -ପ୍ରକୃତି ପ୍ରଭାବ, ଧର୍ମ ଚିନ୍ତନ, କୃଷି ସଭ୍ୟତା, ସାମରିକ ପରମ୍ପରା, କାରୁକଳା, ଆଦିବାସୀ ଓ ଓଡଶୀ ନୃତ୍ୟ ।

ଦଣ୍ଡ ନାଟ୍ୟର ଉତ୍ପତ୍ତି ଓ ବିଶ୍ୱାସ ପୁରାଣ ସମ୍ବଳିତ କଥାକୁ ନେଇ ।ଥରେ ଦକ୍ଷ ପ୍ରଜାପତି ଯଜ୍ଞର ଆୟୋଜନ କରି ନିଜ କନ୍ୟା ସତୀ ଓ ଜାମାତା ଶିବଙ୍କ ଛାଡି ଅନ୍ୟ ଦେବତାମାନଙ୍କୁ ଆମନ୍ତ୍ରିତ କରିଥିଲେ । ନିମନ୍ତ୍ରିତ ନଥିବାରୁ ସତୀ ଯଜ୍ଞସ୍ଥଳକୁ ଯିବାରୁ ଦକ୍ଷ ତାଙ୍କୁ ଭର୍ତ୍ସନା କରିବା ସହ ଶିବଙ୍କୁ ଚରମ ଅପମାନ ଦେଲେ । ଏହା ସହି ନ ପାରି ସତୀ ଯଜ୍ଞକୁଣ୍ଡରେ ଝାସଦେଇ ପ୍ରାଣତ୍ୟାଗ କଲେ । ଏହି ଦୁଃଖଦ ଖବର ପାଇ ଶିବ କ୍ରୋଧାନ୍ୱିତ ହୋଇ ଦକ୍ଷଙ୍କର ଶିରଚ୍ଛେଦ କରିଥିଲେ । ତାଙ୍କର ଉଗ୍ରରୂପକୁ ଶାନ୍ତ କରିବାପାଇଁ ଦକ୍ଷ ପତ୍ନୀ ପ୍ରସୂତୀ ଅର୍ଘ୍ୟ ଦେଇ ବନ୍ଦାପନା କରିବାକୁ ଆସିବା ବେଳେ ଶିବଙ୍କର ଦିଗମ୍ବର ରୂପକୁ ଦେଖି ତାଙ୍କୁ ଲିଙ୍ଗରୂପରେ ପୂଜା ପାଇବାକୁ ଅଭିଶାପ ପ୍ରଦାନ କଲେ । ସେହି ଅଭିଶାପରେ ଶିବଲିଙ୍ଗ ଭୂପତିତ ହେଲା ଓ ଆଦିଶକ୍ତି ଉଭା ହୋଇ ଏହି ଲିଙ୍ଗକୁ ଧାରଣ କଲେ । ସେହିଦିନଠାରୁ ଶିବଶକ୍ତି ଦଣ୍ଡ ଓ ଘଡ଼ି ରୂପରେ ପୂଜା ପାଉଛନ୍ତି । ବ୍ରହ୍ମା ଏହି ଦଣ୍ଡ-ଘଡ଼ି ପୂଜା କରିବାକୁ ଚଢ଼େଇଆକୁ ଦେବା ଦିନ ଠାରୁ ଦଣ୍ଡଯାତ୍ରାର ଆରମ୍ଭ ଘଟିଛି ।

ସେଭଳି ଅନ୍ୟ ଏକ ପୌରାଣିକ କାହାଣୀ ରହିଛି । ବ୍ରହ୍ମାଙ୍କ ପାଞ୍ଚ କୁମାର ମରୀଚି, ପୁଲହ, ପୁଲସ୍ତ୍ୟ, କ୍ରତୁ ଓ ଅଙ୍ଗିରା ଇନ୍ଦ୍ରଙ୍କ ପାଞ୍ଚ ପୁଅ ଜୟନ୍ତ, ପାକଶାସ୍ତ୍ରୀ, ସୁବସ୍ତ୍ର, ସୁରସେନ, ଗନ୍ଧର୍ବସେନ ଓ କୁବେରଙ୍କ ତିନିପୁତ୍ର ନଳ, ମଣିଭଦ୍ର, ସୁକୁବେର ସତ୍ୟ ଯୁଗରେ ଦେବଗୁରୁ ବୃହସ୍ପତିଙ୍କଠାରୁ ବିଦ୍ୟାଶିକ୍ଷା କରି ଫେରୁଥିବା ସମୟରେ ପିତୃଲୋକଙ୍କୁ ଜଳଦାନ କରୁଥିବା ଋଷି କର୍ତ୍ତୃଙ୍କୁ ଦେଖି ହସିବାରୁ ଶାପିତ ହୋଇ କୁଷ୍ଠରୋଗାକ୍ରାନ୍ତ ହେଲେ । ଏଥିରୁ ମୁକ୍ତି ପାଇବାକୁ ସେମାନେ ମହାଦେବ ଶିବଙ୍କ କୃପାପ୍ରାର୍ଥୀ ହେଲେ । ତେବେ ମହାଦେବ ସ୍ୱୟଂ ଆଦିଶକ୍ତିଙ୍କୁ ସ୍ମରଣ କରୁଥିଲେ । ଏ ସମୟରେ ମା କାଳୀ ଆବିର୍ଭୂତା ହୋଇ ୧୩ ଦିନ ରୁଦ୍ରକାଳୀ ଦଣ୍ଡବ୍ରତ ପାଳନ କରିବାକୁ କହିବାରୁ ଦଣ୍ଡଯାତ୍ରାର ଆରମ୍ଭ ହୋଇ ଆସୁଛି । ଆଉ ଏକ ପୌରାଣିକ କାହାଣୀ ହେଉଛି ତରଣୀ ଋଷିଙ୍କର ୧୪ ଜଣ ଉଦ୍ଧତ ପୁଅ ଅନେକ ଅନ୍ୟାୟ ଅତ୍ୟାଚାର କରୁଥିଲେ । ସେମାନଙ୍କ ଭିତରୁ ଜଣେ ଅଭକ୍ଷ୍ୟ ଭକ୍ଷଣ କରି ମୃତ୍ୟୁବରଣ କଲା ଓ ଅନ୍ୟମାନଙ୍କୁ ବ୍ରହ୍ମା ଉଇହୁଙ୍କା ପାଲଟି ଯିବାକୁ ଅଭିଶାପ ଦେଇଥିଲେ । ସେହି ତେରଜଣଙ୍କ ଭିତରୁ ଜଣେ ଶିବଙ୍କ ଶରଣାପନ୍ନ ହୋଇ ଦଣ୍ଡ ପାଳନ କରି ବ୍ରହ୍ମାଙ୍କୁ ତୁଷ୍ଟ କରିବାରୁ ତେରଭାଇ ଶାପମୁକ୍ତ ହୋଇଥିଲେ । ଏହି ତେର ଋଷିପୁତ୍ରଙ୍କୁ ନେଇ ତେର ଦଣ୍ଡନାଟର ଆରମ୍ଭ ବୋଲି ବିଶ୍ୱାସ ରହିଛି ।

ଭିନ୍ନ ଏକ ପୌରାଣିକ କିମ୍ବଦନ୍ତୀ ହେଉଛି ଅଷ୍ଟାବକ୍ର ଋଷିଙ୍କର କୁରୂପ ଶରୀରକୁ ଦେଖି ବୃହସ୍ପତି, ଇନ୍ଦ୍ର ଓ କୁବେରଙ୍କର ୧୩ ପୁତ୍ର ପରିହାସ କରିବାରୁ ଋଷିଙ୍କ ଅଭିଶାପରେ ସେମାନେ ଚଢ଼େୟା ଶବର ଭାବେ ପୃଥିବୀ ପୃଷ୍ଠରେ ଜନ୍ମ ହେଲେ । ଥରେ ନିଷିଦ୍ଧ ଅଞ୍ଚଳରେ ପକ୍ଷୀ ଶିକାର କରିବାରୁ ପକ୍ଷୀମାନେ ଗରୁଡ଼ଙ୍କୁ ନିଜର ଦୁଃଖ ଜଣାଇଲେ । ଫଳତଃ ଗରୁଡ଼ଙ୍କ ଆଦେଶରେ ଶିବଙ୍କର ସର୍ପ ଦଂଶନ କରି ମାରିଦେଲେ । ସେମାନଙ୍କ ପତ୍ନୀ ମା କାଳୀଙ୍କୁ ପ୍ରାର୍ଥନା କରିବାରୁ ସେ ୧୩ ଜଣ ଚଢ଼େୟାଙ୍କୁ ଜୀବଦାନ ଦେଲେ । ତେଣୁ ଏହି ମହିମାକୁ ପ୍ରଚାର କରିବାପାଇଁ ୧୩ ଜଣ ଦଣ୍ଡୁଆ ଦଣ୍ଡକାଳୀ ବ୍ରତ ଧାରଣ କରିବାର ପ୍ରଥା ରହିଛି । ନିଷ୍ଠା ଓ ବିଶ୍ୱାସ ଅଛି ଯେ ଏହି ଦଣ୍ଡନାଚରେ ପ୍ରଭା, ନାଗ, ଫାସ, ଦଣ୍ଡ, ଗୌରୀବେତ, ମୟୂରଚନ୍ଦ୍ରିକା, ଚମ୍ପାବର, ଗୁଆ, କଷାୟବସ୍ତ୍ର, ପତାକା ଓ ବେତ ଏକାନ୍ତ ଆବଶ୍ୟକ । ଗୌରୀବେତରେ ସ୍ୱୟଂ ଶିବ ବିରାଜମାନ କରିଥିବା ବିଶ୍ୱାସ ଅଛି । ଏହି ପର୍ବ ପ୍ରାଚୀନ କାଳରୁ ଓଡ଼ିଶାରେ ଚଳି ଆସୁଛି । ଏପରିକି ଓଡ଼ିଶା ବାସୀଙ୍କର ନୂଆ ବର୍ଷ ଦିନ ଅର୍ଥାତ୍ ମହାବିଷୁବ ସଂକ୍ରାନ୍ତି ବା ମେଷ ସଂକ୍ରାନ୍ତି ଦିନ ଏହା ଉଦଯାପିତ ହୁଏ । ଦଣ୍ଡନାଚରେ ଉଭୟ ଭଗବାନ ଶିବ ଓ ମା କାଳୀଙ୍କୁ ଉପାସନା କରାଯାଏ । ଏହା ବୈଶାଖ ମାସରେ ଆରମ୍ଭ ହୋଇ ୧୩ ଦିନ ପର୍ଯ୍ୟନ୍ତ ପାଳନ ହୁଏ । ୧୩ ଦିନ ଶେଷର ଦିନକୁ ମେରୁ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି କୁହାଯାଏ ।

ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଏହି ଦଣ୍ଡପୂଜା ହୋଇ ଆସୁଛି । କଟକ, ଢେଙ୍କାନାଳ, ଗଞ୍ଜାମ, ନୟାଗଡ଼ ଆଦି ଦଣ୍ଡ ପୂଜା ବହୁ ପୁରୁଷ ଧରି ଚାଲିଛି । ଦଣ୍ଡନାଚର ପାଳନରେ ଭିନ୍ନ ?ତା ପରିଲକ୍ଷିତ ହୋଇଥାଏ । ଶୈବ ଧର୍ମରୁ ଏହାର ଉତ୍ପତ୍ତି । ରଣ ଶିବ ସକଳ ନାଟ୍ୟପ୍ରକଟ ଶାସ୍ତ୍ର ମୂଳ ଦେବତା । କୋଠର ନିୟମରେ ରହି ଶିବ ପାର୍ବତୀଙ୍କ କଥା ପ୍ରଚାର କରିବା ଦଣ୍ଡ ନାଟର ଲକ୍ଷ୍ୟ। ମାନସିକ ପୂରଣ ପାଇଁ ସାଧାରଣତଃ ଏହା କରାଯାଏ । ଏହାର ସୃଷ୍ଟି ସମ୍ପର୍କରେ ଶିବ ପୁରାଣରେ ବର୍ଣ୍ଣନା ଅଛି । ଚୈତ୍ର ବୈଶାଖ ମାସ ଶିବଶକ୍ତି ଉପାସନା ପାଇଁ ଉପଯୁକ୍ତ ସମୟ । ଏହି ଦଣ୍ଡ ବ୍ରତ ୧୩ କିମ୍ବା ୨୧ ଦିନ ଧରି ଆରମ୍ଭ ହୋଇ ପଣା ସଂକ୍ରାନ୍ତି ଦିନ ଶେଷ ହୁଏ । ପାରିବାରିକ କଷ୍ଟ ଦୂରୀକରଣ, କୃଷିର ଉନ୍ନତି ବା ମନସ୍କାମନା ପୂର୍ତ୍ତିର ଫଳ ସ୍ୱରୂପ ଶରୀରକୁ କଷ୍ଟ ଦେଇ ୧୩, ୧୮ ବା ୨୧ ଦିନ ପର୍ଯ୍ୟନ୍ତ ମା' ଦଣ୍ଡକାଳୀ ଓ ରୁଦ୍ର ମହାଦେବଙ୍କୁ ଧ୍ୟାନ କରି ଚୈତ୍ରମାସ ପୂର୍ଣ୍ଣିମା ପରଠାରୁ ଭକ୍ତମାନେ ରହିଥାନ୍ତି ।

ପାରମ୍ପରିକ ବିଧି ଅନୁସାରେ ୨୧ ଦିନ ପର୍ଯ୍ୟନ୍ତ ଆମିଷ, ମଦ୍ୟ, ନାରୀସଂସର୍ଗ ପରିହାରର ସଂକଳ୍ପ କରି ୧୩ ଜଣ ଦଣ୍ଡୁଆ ବା ଭୋକ୍ତା ଗେରୁଆ ବସ୍ତ୍ର ପିନ୍ଧି କାମନା ମନ୍ଦିର ପୀଠରେ ଯାତ୍ରା ଆରମ୍ଭ ଦିନର ମଧ୍ୟରାତ୍ରରେ ଏକାଠି ହୁଅନ୍ତି । କାମନା ଘଟ ସ୍ଥାପିତ ହୁଏ ଓ ତା ପରେ ଦୁଇଟି ବେତକୁ ଶିବ ଓ ଗୌରୀଙ୍କ ପ୍ରତୀକରୂପେ ସ୍ଥାପନ କରାଯାଏ । ଦଳର ମୁଖ୍ୟ ପାଟ ଦଣ୍ଡୁଆ ଓ ଅନ୍ୟ ଦଣ୍ଡୁଆମାନେ ଉପବୀତ ଧାରଣ ପୂର୍ବକ ବାଉଁଶକାଠକୁ ଘର୍ଷଣ କରି ଶିବାଗ୍ନି ବାହାର କରନ୍ତି । ଏଥିରେ ନଡ଼ାରେ ତିଆରି ରମ୍ଭାବରକୁ ପ୍ରଜ୍ୱଳିତ କରାଯାଏ ଯାହା ୧୩ ଦିନ ପର୍ଯ୍ୟନ୍ତ ଜଳିରହେ । କାଳୀଙ୍କ ଚିତ୍ରପଟ, ମହାଦେବଙ୍କ ପ୍ରତୀକ ନାଗ ମୂର୍ତ୍ତି, ମୟୂରପୁଚ୍ଛ, ପତାକା ପୂଜାପରେ ଦଣ୍ଡନାଟ ଆରମ୍ଭ ହୁଏ । ଢୋଲ, ମହୁରୀ, ସାହାନାଇ, ଘଣ୍ଟ, ଶଙ୍ଖ,କାହାଳୀ, ଝାଞ୍ଜ, ଘୁଙ୍ଗୁର, ଘାଗୁଡ଼ି, ଦାସକାଠି, ରାମତାଳି, ଘୁଡୁକୀ, ଖଞ୍ଜଣୀ ପ୍ରଭୃତି ପାରମ୍ପରିକ ବାଦ୍ୟର ତାଳେ ତାଳେ ଦଣ୍ଡନାଟ ପ୍ରଥମେ କାମନା ମନ୍ଦିର ପରିସରରେ ଆରମ୍ଭ ହୋଇ ପରେ ମାନସିକଧାରୀ ଭକ୍ତମାନଙ୍କ ଗୃହ ସମ୍ମୁଖରେ ଅନୁଷ୍ଠିତ ହୋଇଥାଏ ।

ଏପରି ୧୩, ୧୮, ୨୧ ଦିନ ବୁଲିବାପରେ ଦଣ୍ଡଦଳ ବିଷୁବ ସଂକ୍ରାନ୍ତି ଦିନ କାମନା ମନ୍ଦିର ପାଖରେ ରୁଣ୍ଡ ହୁଅନ୍ତି । ସେଠାରେ ମେରୁଯାତ୍ରା ଅନୁଷ୍ଠିତ ହୁଏ । ଅନ୍ୟକ ଜାଗାରେ ମେରୁକୁଣ୍ଡର ଦୁଇପାଖରେ ବେଲକାଠଦ୍ୱାରା ଦୁଇଟି ଖୁଣ୍ଟ ପୋତାଯାଏ । ସେ ଦୁଇଟିକୁ ଗୋଟିଏ କାଠଦ୍ୱାରା ସଂଯୁକ୍ତ ହୋଇଥାଏ। ମୁଖ୍ୟ ଦଣ୍ଡୁଆ ସ୍ନାନସାରି ଓଦାବସ୍ତ୍ରରେ ପ୍ରଭୁଙ୍କୁ ଦର୍ଶନ କରନ୍ତି । ତାଙ୍କ ଦେହରେ କାଳୀ ଲାଗିଲା ପରେ କେତକ ଲୋକ ମିଶି ତାଙ୍କୁ ନିୟନ୍ତ୍ରଣ କରନ୍ତି। ପରେ ତାଙ୍କୁ ସେହି କାଠରେ ଓଲଟା ଲଟକାଇ ଦିଆଯାଏ । ତଳେ ଝୁଣା ଧୂଆଁର ଝାସରେ ତାଙ୍କ ନାସାରୁ ତିନିଟୋପା ରକ୍ତ ପଡ଼ିବାପରେ ସେ ଅଚେତ ଅବସ୍ଥାରେ ସେଥିରେ ଝୁଲି ରହନ୍ତି। ତାଙ୍କୁ ନିକଟସ୍ଥ ଜଳାଶୟକୁ ନେଇ ତାଙ୍କ ଚେତା ଫେରାଇ ଆଣିବାପରେ ଦଣ୍ଡନାଚ ଶେଷ ହୁଏ । ଏହି ପର୍ବରେ ମିଶିଥିବା ଭକ୍ତଙ୍କୁ ଦଣ୍ଡୁଆ ବା ଭୋକ୍ତା କୁହାଯାଏ । ଭୋକ୍ତାମାନେ ବହୁ କଷ୍ଟ କରି ଶରୀରକୁ ଦଣ୍ଡ ଦେଉଥିବାରୁ ଏହାକୁ ଦଣ୍ଡନାଚ କୁହାଯାଏ । ଦଣ୍ଡ ନାଟରେ ମିଶିବାଦ୍ୱାରା ମା'କାଳୀଙ୍କ କୃପାରୁ ପାପ ଓ ଦୁଖ ଦୂର ହୋଇ ମାନବ ଶାନ୍ତି ଓ ଧନ ପ୍ରାପ୍ତ ହୁଏ ବୋଲି ବିଶ୍ୱାସୀ ଓଡ଼ିଆ ଏହି ପର୍ବକୁ ପାଳନ କରେ । ଦଣ୍ଡନାଚରେ ୧୩ଜଣ ମୁଖ୍ୟଭୋକ୍ତା ଥାଆନ୍ତି । ଏହି ୧୩ଜଣ ତେର ବର୍ଷ ପାଇଁ ଅଂଶଗ୍ରହଣ କରିବାକୁ ବାଧ । ସେମାନଙ୍କ ମଧ୍ୟରେ ଜଣେ ପାଟଭୋକ୍ତା ଥାଆନ୍ତି । ଭୋକ୍ତାମାନଙ୍କ ପାଇଁ କଠିନ ଆଚରଣ, ନିଷ୍ଠା ଓ ତ୍ୟାଗର ବିଧିବିଧାନ ରହିଛି । ଭୋକ୍ତାମାନେ ଯେଉଁ ୧୬ପ୍ରକାର ଦଣ୍ଡ ପରମ୍ପରା ଅନୁସାରେ ଗ୍ରହଣ କରନ୍ତି । ସେଗୁଡ଼ିକ ମଧ୍ୟରେ ଆହାର, ଉଜାଗର (ନିଦ୍ରା), ମୈଥୁନ ତ୍ୟାଗ, ଗୃହତ୍ୟାଗ, ପଦଗମନ, ଶ୍ମଶାନ, ନୃତ୍ୟ, ଧୂଳି, ପାଣି, ଅଗ୍ନି, ଗୃହଦଣ୍ଡ, ଅଙ୍ଗବଳୀ, ମେରୁପଟା (କଣ୍ଟା ଫୋଡ଼ିବା), ଶୁଦ୍ଧିକ୍ରିୟା, କୁଳଭୋଜି ଓ ଅଗ୍ନି ପରୀକ୍ଷା (ଅଗ୍ନିରେ ଚାଲିବା) ଆଦି ।

ଲିଆ, ପଣା ତଥା ମୁଗସିଝା ଏମାନଙ୍କର ଖାଦ୍ୟ । ଭୋକ୍ତାମାନେ ଶିବ, ପାର୍ବତୀ, କାଳୀ, କଳସ, ବେତ, ଛତ୍ର, ବାନା, ଆଲଟ, ଚାମର, ଘଣ୍ଟ, ଢୋଲ, ମହୁରୀ, ଶଙ୍ଖ, ତୁରୀ ଧରି ଗାଁକୁ ଗାଁ ବୁଲନ୍ତି। ମାନସିକ କରିଥିବା ବ୍ୟକ୍ତି ସେମାନଙ୍କୁ ନିମନ୍ତ୍ରଣ କରନ୍ତି । ଷୋହଳ ସୁଆଙ୍ଗ ଦଣ୍ଡନାଚର ମୁଖ୍ୟ ଆକର୍ଷଣ । ଯଜମାନଙ୍କ ମନସ୍କାମନା ପୂର୍ଣ୍ଣ ପାଇଁ ପ୍ରାର୍ଥନା କରି ପାଣିଦଣ୍ଡ, ଧୂଳି ଦଣ୍ଡ, ବଜ୍ର ଦଣ୍ଡ, ଅଗ୍ନି ଦଣ୍ଡ, ନୃତ୍ୟ ଦଣ୍ଡ ଆଦି ବରଣ କରନ୍ତି । ପ୍ରଚଣ୍ଡ ଖରାରେ ତତଲା ବାଲି ଉପରେ ଗଡ଼ି, ପିରାମିଡ଼ କରି ଭୋକ୍ତାମାନେ ପାଣିଦଣ୍ଡ ନୃତ୍ୟ ପରିବେଷଣ କରନ୍ତି । ଶିବ ପାର୍ବତୀ, ଯୋଗିଯୋଗିଆଣୀ, କେଳା କେଳୁଣୀ, ଶବର ଶବରୁଣୀ, ହାଡ଼ି ହାଡ଼ିଆଣୀ, ଚଢ଼େୟା ଚଢ଼େୟାଣୀ, ବୀଣାକାର ଇତ୍ୟାଦି ସୁଆଙ୍ଗ ଦର୍ଶକମାନଙ୍କୁ ଆକୃଷ୍ଟ କରେ । ସୁଆଙ୍ଗବେଳେ ଚରିତ୍ରକୁ ଚାହିଁ ବେଶ ପୋଷାକ ପିନ୍ଧିଥାନ୍ତି ।

ବାସ୍ତବରେ ପୌରାଣିକ, କୃଷିଭିତ୍ତିକ ଓ ସାଧାରଣ ଜୀବନ ଦର୍ଶନର ପ୍ରଭାବ ଦଣ୍ଡନାଟରେ ଦେଖିବାକୁ ମିଳିଥାଏ । ଏଥିରେ ଅତି ସରଳ ଗ୍ରାମୀଣ ଭାଷା ବ୍ୟବହାର କରାଯାଇଥାଏ । ବିଷୁବ ସଂକ୍ରାନ୍ତି ଦିନ ଦଣ୍ଡନାଚ ଶେଷ ହୁଏ । ଏହି ଶେଷଦିନକୁ ମେରୁ ପୂଜା କୁହାଯାଏ । ପ୍ରଜ୍ୱଳିତ ଅଗ୍ନି ଉପରେ ମେରୁ ଖୁଣ୍ଟରେ ଝୁଲି ପାଟଭୋକ୍ତା ଭକ୍ତମାନଙ୍କ ପାଇଁ ଶାରିରୀକ କଷ୍ଟ ଗ୍ରହଣ କରନ୍ତି । ଘଣ୍ଟ, ଝାଞ୍ଜ ଓ ଢୋଲ ଇତ୍ୟାଦି ବାଦ୍ୟଯନ୍ତ୍ର ବାଜୁଥିବା ବେଳେ ଭୋକ୍ତାମାନଙ୍କ କଳାରୁଦ୍ରମଣିକି ଭଜ ହେ ଧ୍ୱନି ଶ୍ରଦ୍ଧାଳୁଙ୍କ ମନରେ ଭୟ ମିଶ୍ରିତ ଭକ୍ତି ଭାବ ସୃଷ୍ଟି କରିଥାଏ । ଏହାର ପରଦିନ କୁଳଭୋଜି ହୁଏ । ସମସ୍ତେ ଏକାଠି ବସି ଖାଆନ୍ତି ଓ ନିଜ ନିଜର ଶୁଦ୍ଧିକ୍ରିୟା କରି ଭୋକ୍ତାମାନେ ଘର ବାହୁଡ଼ା କରନ୍ତି ।

ବୈଦିକ ଯୁଗରୁ ଏହି ଲୋକ ନାଟକ ସୃଷ୍ଟି ଘଟିଛି । କିନ୍ତୁ ଏବେ ଏହା ଲୋକ ସମାଜରେ ମୁମୂର୍ଷ ଅବସ୍ଥାରେ ବଞ୍ଚିରହିଛି । ପୁନରୁଦ୍ଧାର ପାଇଁ ସମଗ୍ର ବିଶ୍ୱ ପ୍ରୟାସ ରଖିଛି । କାରଣ ବିଶ୍ୱରେ ନାନା ପ୍ରକାରର ଲୋକନାଟକ ପ୍ରଚଳିତ । ଚୀନ, ଆମେରିକା, ଲୋହିତ ଭାରତୀୟ, ଆଫ୍ରିକାର ଆଦିବାସୀ, ୟୁରୋପର ଅନୁନ୍ନତ ଅଞ୍ଚଳ ତଥା ଭାରତର ବିଭିନ୍ନ ପ୍ରଦେଶରେ ବିଭିନ୍ନ ପ୍ରକାରର ଲୋକନାଟ୍ୟ ଦେଖିବାକୁ ମିଳେ...!!!


ଉ ଅଧକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪

ମୋ: ୯୦୪୦୧୫ ୧୪୭୫


# ସୁନୀଲ ଗାଭାସ୍କର: ଦି ଲିଟିଲ୍ ମାଷ୍ଟର



### ଶ୍ରୀବତ୍ସ ନାୟକ

ଇଂଲଣ୍ଡର ଜାତୀୟ ଖେଳ ହେଲେ ମଧ ଭାରତର ସର୍ବଜନାଦୃତ ଖେଳ କ୍ରିକେଟରେ ବିଶ୍ୱର ସମସ୍ତ କ୍ରୀଡାପ୍ରେମୀଙ୍କ ପାଇଁ ସେ ଥିଲେ 'ଲିଟିଲ୍ ମାଷ୍ଟର' । ଉଚ୍ଚତାରେ 'ଲିଟିଲ୍' କିନ୍ତୁ କ୍ରିକେଟ ଖେଳ ହେଉ କିମ୍ବା କ୍ରିକେଟ ପ୍ରଶାସନ,କ୍ରିକେଟ ସମୀକ୍ଷକ ହେଉ କିମ୍ବା କ୍ରିକେଟ ସ୍ତମ୍ଭକାର ଭାବେ ସେଥିଲେ 'ମାଷ୍ଟର' । ବିଶେଷ କରି ପଢ଼ିଆରେ ଦୂର୍ଦ୍ଧର୍ଷ ଦ୍ରୁତଗାମୀ ବୋଲରମାନଙ୍କ ବିପକ୍ଷରେ ନିଜର ବ୍ୟାଟ୍ ଚାଳନାର ଦକ୍ଷତା ପ୍ରତିପକ୍ଷ ଦଳକୁ ଧରାଶାୟୀ କରିଛି । ୱେଷ୍ଟଇଣ୍ଡିଜର ଅଭେଦ୍ୟ ଦୁର୍ଗ ମଧ୍ୟରୁ ବିଜୟର ସ୍ୱାଦ,ଇଂଲଣ୍ଡ ମାଟିରେ ବିଜୟର ବାସ୍ନା, ଅଷ୍ଟ୍ରେଲିଆ ଠାରୁ ପରାଜୟର ଧାରାରେ ରୋକ୍ କ୍ଷେତ୍ରରେ ନିଜର ଅବଦାନ ଚିରସ୍ମରଣୀୟ । ଦୀର୍ଘ ୧୭ ବର୍ଷ ଧରି ଭାରତୀୟ କ୍ରିକେଟ ପ୍ରତି ତାଙ୍କର ସେବା ଓ ଉତ୍ସର୍ଗୀକୃତ ମନୋଭାବ ନିଶ୍ଚିତ ପକ୍ଷେ ଯୁବପୀଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ହେବ। କ୍ୟାରିୟରରେ ଅନେକ ଉଥାନପତ୍ତନ ଦେଇ ଗତି କରିଥିଲେ ମଧ ବଳିଷ୍ଠ କାର୍ଯ୍ୟ ଦକ୍ଷତା ଓ ନିଷ୍ଠାପର ସାଧନା ଯୋଗୁଁ ବିଶ୍ୱ କ୍ରିକେଟ ଇତିହାସ ରେ ତାଙ୍କ ନାଁ ଲିପିବଦ୍ଧ ହୋଇ ରହିଛି ।

୧୯୪୯ ମସିହା ଜୁଲାଇ ୧୦ ତାରିଖରେ ଏକ ମଧ୍ୟବିତ୍ତ ମରାଠୀ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ଲିଟିଲ୍ ମାଷ୍ଟର ସୁନୀଲ ଗାଭାସ୍କର । ତୁଳସୀ ଦୁଇ ପତ୍ରରୁ ବସିଲା ଭଳି କ୍ରିକେଟ ପ୍ରତି ତାଙ୍କର ମହନୀୟତା ଓ ଆନ୍ତରିକତା ନିଜର ଶୈଶବ ଅବସ୍ଥାରୁ ହିଁ ପ୍ରତିଫଳିତ ହୋଇଥିଲା ।୧୯୬୬ ମସିହାରେ ସେଣ୍ଟ ଜାଭିୟର ଉଚ୍ଚ ବିଦ୍ୟାଳୟର ଛାତ୍ର ଭାବେ ଲଣ୍ଡନ ବିଦ୍ୟାଳୟ ବିପକ୍ଷରେ ଶତକ ମାରିବା ସହ ନିଜ ମାଧ୍ୟମିକ ଶିକ୍ଷାର ଶେଷ ବର୍ଷରେ ଯଥାକ୍ରମେ ୨୮୫ ଓ ୨୪୬ ଅପରାଜିତା ରନ୍ କରି ଭାରତର ଶ୍ରେଷ୍ଠ ସ୍କୁଲ କ୍ରିକେଟର ଭାବେ ସମ୍ମାନିତ ହୋଇ ଶୈଶବ ଅବସ୍ଥାରୁ ତାଙ୍କ କ୍ରୀଡା ପ୍ରତିଭାର ପରିଚୟ ଦେଇଥିଲେ । ସେ ୧୯୬୬-୬୭ ମସିହାରେ ଭାଜିରା ସୁଲତାନ କଲ୍ଟସ୍ ଏକାଦଶ ତରଫରୁ ନିଜର ପ୍ରଥମ ଶ୍ରେଣୀ କ୍ରିକେଟ ଖେଳିଥିଲେ ଏବଂ ପରେପରେ ବମ୍ବେ ରଣଜୀ ଦଳର ସଦସ୍ୟତା ଗ୍ରହଣ କରିଥିଲେ । ଯେମିତି ବିଫଳତା ନଥିଲେ ସଫଳତାର କିଛି ମାନେ ନାହିଁ ଠିକ୍ ସେମିତି ଲିଟିଲ୍ ମାଷ୍ଟରଙ୍କ କ୍ୟାରିୟର ଆରମ୍ଭର ବିଫଳତା ହିଁ ତାଙ୍କ ସଫଳତାର ଚାବି କାଠି । ସେଣ୍ଟ ଜାଭିୟର୍ସ ର ଆଲୁମିନି ଭାବେ କର୍ଣ୍ଣାଟକ ବିପକ୍ଷରେ ତାଙ୍କର ପ୍ରଦର୍ଶନ ଯଦିଓ ନୈରାଶ୍ୟଜନକ ଥିଲା ତଥାପି ତାଙ୍କର ମାମୁଁ ମାଧବ ମନ୍ତ୍ରୀ (ପୂର୍ବତନ ଭାରତୀୟ କ୍ରିକେଟ ୱିକେଟ କିପର) ଚୟନ କର୍ତ୍ତା ଥିବାରୁ ପରବର୍ତ୍ତୀ ମ୍ୟାଚ୍ ରେ ଖେଳିବାର ସୁଯୋଗ ପାଇଥିଲେ । କଥାରେ ଅଛି ନିଜର ପ୍ରତିଭାକୁ ବିକଶିତ କରିବାକୁ ଏକ ପ୍ଲାଟଫର୍ମ ଦରକାର । ବିଫଳତା ସତ୍ତ୍ୱେ ପରବର୍ତ୍ତୀ ମ୍ୟାଚ୍ ପାଇଁ ମନୋନୀତ ହେବା ସୁନୀଲଙ୍କ ପାଇଁ ଥିଲା ବରଦାନ ସଦୃଶ। ଅତୀତର ଭୁଲରୁ ଶିକ୍ଷା ଲାଭ କରି ପରବର୍ତ୍ତୀ ମ୍ୟାଚ୍ ଅର୍ଥାତ ରାଜସ୍ଥାନ ବିପକ୍ଷରେ ୧୧୪ ରନ୍ ସହ ଲଗାତାର ୩ଟି ଶତକ ମାରି ସମାଲୋଚକଙ୍କୁ ଦେଇଥିଲେ ମୁହଁତୋଡ୍ ଜବାବ୍ । ୧୯୭୦-୭୧ ମସିହାରେ ସୁନୀଲଙ୍କର ଆରମ୍ଭ ହୋଇଥିଲା ଆନ୍ତର୍ଜାତୀୟ କ୍ରିକେଟ କ୍ୟାରିୟର । ଭ୍ରମଣକାରୀ ଦଳ ଭାରତ ପକ୍ଷରୁ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳିଲେ ନିଜର ପ୍ରଥମ ଆନ୍ତର୍ଜାତୀୟ ଟେଷ୍ଟ ମ୍ୟାଚ। କ୍ୟାରିୟରର ଆରମ୍ଭ ତତ୍କାଳୀନ ଦୁର୍ଦ୍ଧର୍ଷ ୱେଷ୍ଟଇଣ୍ଡିଜ ଦଳ ସହ ତାହା ପୁଣି ୱେଷ୍ଟଇଣ୍ଡିଜର ଘରୋଇ ମାଟିରେ, ଯାହା କୌଣସି ଗୋଟେ ଖେଳାଳୀ ପାଇଁ ଚ୍ୟାଲେଞ୍ଜ ସଦୃଶ । ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ୱେଷ୍ଟଇଣ୍ଡିଜର ଦ୍ରୁତଗାମୀ ବୋଲିଂ ଆଗରେ ମୁଣ୍ଡ ନ ନୁଆଇଁ ସିରିଜ୍ ର ୫ଟି ମ୍ୟାଚ୍ ରୁ ୧୫୪.୮୦ ଆଭରେଜରେ ମୋଟ୍ ୭୭୪ ରନ୍ ସଂଗ୍ରହ କରି ସିରିଜର ଅଗ୍ରଣୀ ସ୍କୋରର ହୋଇଥିଲେ ଯାହାକି ଅଦ୍ୟାବଧି କୌଣସି ବ୍ୟାଟ୍ସମ୍ୟାନଙ୍କ ପାଇଁ ଡେବ୍ୟୁ ଶୃଙ୍ଖଳାରେ ସର୍ବାଧିକ ସ୍କୋର ଭାବେ ରେକର୍ଡ । ଗାଭାସ୍କର ତାଙ୍କ ନିଜର ପଦାର୍ପଣ ଶୃଙ୍ଖଳାରେ ଭାରତକୁ ଭେଟି ଦେଇଥିଲେ ୱେଷ୍ଟଇଣ୍ଡିଜ ବିପକ୍ଷରେ ପ୍ରଥମ ମ୍ୟାଚ ଓ ପ୍ରଥମ ସିରିଜ୍ ବିଜୟର ସ୍ୱାଦ । ୱେଷ୍ଟଇଣ୍ଡିଜ ମାଟିରେ ଲିଟିଲ୍ ମାଷ୍ଟରଙ୍କ ଖେଳ ଦେଖି ୱେଷ୍ଟଇଣ୍ଡିଜର ପ୍ରସିଦ୍ଧ ସଙ୍ଗୀତ ଗାୟକ କାଲିପସୋ ତାଙ୍କୁ ଏକ କବିତା ଉପହାର ଦେଇଥିଲେ । କବିତାର ସବୁଠାରୁ ଲୋକପ୍ରିୟ ପଦ ଥିଲା:- ଈଟ୍ ୱାଜ୍ ଗାଭାସ୍କର,ଦି ରିଅଲ ମାଷ୍ଟର, ଜଷ୍ଟ ଲାଇକ ଏ ୱାଲ୍, ୱି କୁଡ୍ ନଟ୍ ଆଉଟ୍ ଗାଭାସ୍କର ଆଟ୍ ଅଲ୍ । ନଟ୍ ଆଟ୍ ଅଲ୍ । ୟୁ ନୋ ଦି ୱେଷ୍ଟଇଣ୍ଡିଜ କୁଡ୍ ନଟ୍ ଆଉଟ୍ ଗାଭାସ୍କର ଆଟ୍ ଅଲ୍ଝ ।

(କ୍ରମଶଃ)


ଅଧ୍ୟାପକ,ବାଣିଜ୍ୟ ବିଭାଗ,କଟକ

ମୋ: ୯୪୩୮୦୭୦୮୪୯





## ଆସ ମଣିଷଟିଏ ଖୋଜିବା

### ସିଦ୍ଧେଶ୍ୱର ତ୍ରିପାଠୀ

ଆସ ମଣିଷଟିଏ ଖୋଜିବା
ଯାହା ଭିତରେ ମଣିଷ ପଣିଆ ଥିବ
ଯିଏ ବୁଝି ପାରୁଥିବ ଅନ୍ୟର ଦୁଃଖ
ବାନ୍ଧି ପାରୁଥିବ ବନ୍ଧୁତା ।

ଆସ ମଣିଷଟିଏ ଖୋଜିବା
ଯାହାର ଚିନ୍ତା ଆଉ ଚେତନାରେ ଥିବ
ଅନ୍ୟର ସୁଖ କଥା
ଘର ଗାଁ ସମାଜ ପାଇଁ କିଛି କରିବାକୁ
ତା ପାଖରେ ଥିବ ସମୟ ।

ଆସ ମଣିଷଟିଏ ଖୋଜିବା
ଯିଏ ଚୋରି କରୁ ନଥିବ
ଅନ୍ୟର ଧନ ଅନ୍ୟର
ସଫଳତାକୁ ଦେଖି
ଜଳୁ ନଥିବ ଇର୍ଷାରେ ।

ଆସ ମଣିଷଟିଏ ଖୋଜିବା
ଯାହାର ଆଚାରଣ ଆଉ ଉଚାରଣ
ସମାନ ଥିବ
ଯିଏ ଠକ ନହୋଇ
ଚାଲୁଥିବ ଠିକ୍ ରାସ୍ତାରେ ।

ଆସ ମଣିଷଟିଏ ଖୋଜିବା
ଯିଏ କାମ ନଥିଲେବି
ଖୋଜୁଥିବ ବନ୍ଧୁକୁ
ଦେଉ ନଥିବ ମିଛ ଆଶ୍ୱାସନା ।

ଆସ ମଣିଷଟିଏ ଖୋଜିବା
ଯିଏ ହସୁଥିବ ହସାଉଥିବ
ନିଜେ ବଞ୍ଚି ଅନ୍ୟକୁ ବଞ୍ଚାଉ ଥିବ
ଉବୁଟୁବୁ ହେଉ ନଥିବ
ଛଳନା ଭିତରେ ।


+କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା
ମୋ:୭୦୦୮୩୧୫୦୪୦


## ବିରହିଣୀ ବସନ୍ତ

### ସୁବ୍ରତ ଜେନା

କବିତା ଯୋଉଠି ଡେଣା ଝାଡି ଉଡିଯାଏ
ସେଠି ତିଆରି ହୁଏ ଫୁଲର ବଗିଚା
ଅଚାନକ ଅନେକ ରଙ୍ଗ ନେଇ ଆସେ ବସନ୍ତ
ମଳୟ ପବନ କେମିତି ଆଉ ଚୁପ ରହନ୍ତା
ସେ ବି ସଂଚରି ଯାଏ ଦିଗରୁ ଦିଗ
ଏଇଠି ଲେଖା ଆରମ୍ଭ ହୁଏ ପ୍ରେମ ପ୍ରଣୟର ।

ପ୍ରତୀକ୍ଷା ଅନେକ ବର୍ଷର ତୁମେ ଗଲା ପରେ
ବିରହି କିନ୍ତୁ ନିତି ଅଶ୍ରୁରେ ଧୁଏ ବେନି ନେତ୍ରକୁ
ମନର ବେଦନା ଚାପି ରଖିବା ହୁଏତ ଅସମ୍ଭବ
ତଥାପି ସେ ଚେଷ୍ଟା କରେ ଜଡ଼ ହେବାକୁ
ଅପେକ୍ଷା କରିବାକୁ ଏମିତି ବସନ୍ତ ପରେ ବସନ୍ତ
ଅନେକ ଥର ମନ ବୁଝେନି
ସେ ଧାଇଁ ଯାଏ ଝରକା ପାଖକୁ
କାହାର ପାଦ ଶବ୍ଦରେ ଲାଗେ କାଳେ ତୁମେ ଆସିଛ ବୋଲି
ହେଲେ ସବୁଥର ଦେଖେ ନିରାଶାର ମୁଖ ।

ତୁମେ ଯେ କେମିତି !
କଣ ହୃଦୟକୁ ରଖିଛ ନା ଫିଙ୍ଗି ଦେଲଣି କୋଉଠି
ଏତେ ସହଜରେ ଭୁଲିଗଲ ଶେଷ ଶ୍ରାବଣ ର କଥାକୁ
ଯୋଉଠି ଏ ବେଙ୍ଗ ବେଙ୍ଗୁଲି ଦୁହେଁ ମିଳନରେ ବ୍ୟସ୍ତ
ପୃଥିବୀ ପିନ୍ଧୁଛି ନୂଆ ସବୁଜ ରଙ୍ଗର ଶାଢୀ
ମୁହଁ ରେ ମାଖୁଛି କେତେ ରଙ୍ଗର ଅବୀର
ଏ କେମିତି ବିଚାର କହିଲ
ବିଚାରୀକୁ ପିନ୍ଧିବାକୁ ପଡୁଛି ବିଧବା ନାରୀର ପ୍ରତୀକ
ନା ତୁମେ ବୁଝିପାରିବନି ନାରୀ ଅନ୍ତରକୁ
ତୁମେତ ଛାଡି ଯାଇଛ ଜଳି ଜଳି ଅଙ୍ଗାର ହବାକୁ
ହେଲେ ବୁଝୁନ କାହିଁକି
ସେ ଜଳନ୍ତା ଅଙ୍ଗାରର ପ୍ରତିଟି କଣିକାରୁ ବାହାରୁଛି ତୁମ ନାଁ
ପାରିବତ କେବେ ଥରେ ଆସି ଦେଖିପାରି ।

ଆଜି ମନ ଆକାଶରେ ମେଘର ସମ୍ଭାର
ମନ ହୁଏ ମନ ଖୋଲି ନାଚିବାକୁ ଏ ବର୍ଷାରେ ଭିଜି ଭିଜି
ତୁମେ ଯଦି ଥାନ୍ତ
ତୁମ ବାହୁ ବନ୍ଧନୀରେ ବର୍ଷାରେ ଭିଜିବାର ମଜା ନିଆରା
ଏ ବସନ୍ତ ମୋଉଛବ ରେ ତୁମେ ଚୋଳି ଧରନ୍ତ
ଫଗୁଣର ଅକୁହା ଉନ୍ମାଦନାକୁ
ତେଣିକି ଯିଏ ଯେତେ କହୁଛି କହୁ
ମତେ ଆଉ ତୁମକୁ ନେଇ
ଦେଖ ଆଜିବି ମୁଁ ତୁମ ପ୍ରତିକ୍ଷାରେ ।


+ଶୂରଡିହ,ନନ୍ଦିପୁର, ଯାଜପୁର
ମୋ: ୯୭୭୬୨୦୮୯୩୦


## ଚଇତି ମାସ

### ଜଗଦୀଶ ସାହୁ



ଇୟେ ପରା ସେଇ ଚଇତି ମାସ
ମଲ୍ଲୀ ଫୁଲ ଫୁଟି ବିତରେ ବାସ
ଆମ୍ବ ଚଟଣୀ
ସାଙ୍ଗରେ ପଖାଳ ବାସି ତୋରାଣୀ
ଖାଇଛି ଯିଏ
ହୋଇଥିବ ସିଏ ଓଡ଼ିଆଟିଏ !

ଇୟେ ପରା ସେଇ ଚଇତି ମାସ
ତାରିଣୀ ମାଆର ମୁହଁରେ ହସ
ମଙ୍ଗଳବାର
ମନ୍ଦାରଫୁଲର ବଢ଼େ ଆଦର
ଦାଣ୍ଡରେ ପଣା
ଦେଇଥାଏ ମାଆ ଟାଣି ଓଢଣା !

ଇୟେ ପରା ସେଇ ଚଇତି ମାସ
ଶ୍ରୀରାମ ନବମୀ ପାଳିବା ଆସ
ଚଇତି ଯାତ
ଓଡ଼ିଆ ଜାତିର ମାନ ମହତ
ଆମେ ଓଡ଼ିଆ
ଆମ ପରମ୍ପରା ଭାରି ବଢିଆ !


+ସଂଜପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ :-୯୦୭୮୧୮୫୬୧୬

# ଗୁପ୍ତ ସହର





*ସାରା ବିଶ୍ୱକୁ କବଳିତ କରିଥିବା କରୋନା ମହାମାରୀ ଭୂତାଣୁ ଚୀନ୍‌ରୁ ଆସିଥିବା ବିବାଦ ଏଯାବତ୍ ଲାଗି ରହିଛି । ଏହା ମଧ୍ୟରେ ଚୀନ୍‌ର ଆଉ ଏକ ରହସ୍ୟ ପଦାକୁ ଆସିଛି । ଏହି ଦେଶ ଏପରି ସହର ନିର୍ମାଣରେ ଲାଗିଛି ଯାହା କରୋନା ସହ ଭବିଷ୍ୟତରେ ଯେକୌଣସି ମହାମାରୀରୁ ବି ସୁରକ୍ଷିତ ରହିପାରିବ । ଖୁବ୍ ଗୋପନୀୟ ଭାବେ ଏହି ସହର ନିର୍ମାଣ ଚାଲିଥିଲେ ବି ଏହାର ତଥ୍ୟ ପଦାକୁ ଆସିଯାଇଛି । ଚୀନ୍ ସହିତ ବିଭିନ୍ନ ଦେଶର ମାଟିତଳେ ଥିବା ଚର୍ଚ୍ଚିତ ଗୁପ୍ତ ସହର ସମ୍ପର୍କରେ...*



### ସୁପାଇ ଗ୍ରାମ, ଆମେରିକା:

ବିଶ୍ୱର ଅନ୍ୟତମ ଆଶ୍ଚର୍ଯ୍ୟ ଗ୍ରାଣ୍ଡ କେନିୟାନ୍ ଦେଖିବାକୁ ସାରା ବିଶ୍ୱରୁ ପ୍ରତିବର୍ଷ ପ୍ରାୟ ୫୫ ଲକ୍ଷ ଲୋକ ଆମେରିକାର ଏରିଜୋନା ଯାଇଥାନ୍ତି । ତେବେ ଏଠାରେ ଥିବା ଅନ୍ୟତମ ଗର୍ତ୍ତ ହାଭାସୁ କେନିୟାନ ନିକଟରେ ସୁପାଇ ନାମରେ ଏକ ବହୁ ପ୍ରାଚୀନ ଗ୍ରାମ ରହିଛି । ଏଠାକାର ମୋଟ ଜନସଂଖ୍ୟା ୨୦୮ । ତେବେ ଗାଁଟି ଗ୍ରାଣ୍ଡ କେନିୟାନ୍ ଭିତରେ ପ୍ରାୟ ୩ ହଜାର ଫୁଟ ଗଭୀରତାରେ ଅବସ୍ଥିତ । ସମଗ୍ର ଆମେରିକାରେ ଏହା ଏକମାତ୍ର ଏପରି ଗ୍ରାମ ଯେଉଁଠି ଚିଠି ପହଁଞ୍ଚିବାକୁ ସର୍ବାଧିକ ସମୟ ଲାଗୁଛି ଏବଂ ଖଚର ଦ୍ୱାରା ଡାକ ଯୋଗାଯୋଗ କରାଯାଉଛି । ଏହି ଖଚର ଗାଡ଼ି ଉପରେ ୟୁନାଇଟେଡ ଷ୍ଟେଟ୍ ପୋଷ୍ଟାଲ୍ ସର୍ଭିସ୍‌ର ମୋହର ଲାଗିଥାଏ ।

### ଦିକ୍ସିୟା ଚେଙ୍ଗ, ଚୀନ୍:

ଯୁଦ୍ଧ ପରିସ୍ଥିତିରୁ ସୁରକ୍ଷିତ ରହିବା ଲାଗି ଏକାଧିକ ଭୂତଳ ସହର ଚୀନ୍‌ର ବିଭିନ୍ନ ରାଜ୍ୟରେ ରହିଥିବା ବେଳେ ଦିକ୍ସିୟା ଚେଙ୍ଗ ପ୍ରମୁଖ । ୧୯୬୯ ରେ ବେଜିଂ ଭୂମି ତଳେ ଏହି ସହର ନିର୍ମାଣ କରାଯାଇଥିଲା, ଯାହା ଶେଷ ହେବାକୁ ୧୦ବର୍ଷ ଲାଗିଥିଲା । ଏହା ଚୀନ୍‌ର ବିଶାଳ ଭୂତଳ ପ୍ରାଚୀନ ସହର ନାମରେ ପରିଚିତ । ଏଠାରେ ଏକାଧିକ ସ୍କୁଲ, ହସ୍ପିଟାଲ୍, ରହିବା ଏବଂ ଶୋଇବା ସୁବିଧା ଥିବା ବଡବଡ ହଲ୍ ନିର୍ମାଣ କରାଯାଇଛି । ଏହି ସହର ଭିତରକୁ ଯିବା ପାଇଁ ଶତାଧିକ ପ୍ରବେଶ ଦ୍ୱାର ରହିଥିବା ବେଳେ ଏକାଧିକ ଗୁମ୍ଫା ମଧ୍ୟ ଏଠାରେ ଅଛି ।

### କାପାଡୋସିୟା, ତୁର୍କୀ:

ଏହି ସ୍ଥାନରେ ଅତି କମ୍‌ରେ ୩୦ଟି ଭୂତଳ ସହର ରହିଛି । କାପାଡୋସିୟାକୁ ଭୂତଳ ସହରଗୁଡ଼ିକର ଏକ ଗ୍ରୁପ୍ ବୋଲି କୁହାଯାଇପାରେ । ଏଠାରେ ଛୋଟ ଛୋଟ ଗୁମ୍ଫା, ଦୋକାନ, ଘର, ସ୍କୁଲ, ଚର୍ଚ୍ଚ ଆଦି ରହିଛି । ତୁର୍କୀର ନେଭାସିର ଅନ୍ତର୍ଗତ ଡେରିନକୁୟୁ ଜିଲ୍ଲାରେ ଏହି ଭୂତଳ ସହର ରହିଛି । ଏଠାରେ ନିଜ ଜିନିଷପତ୍ର, ପଶୁସମ୍ପଦ ସହ ୨୦ ହଜାର ଲୋକ ଆଶ୍ରୟ ନେଇପାରିବେ ।

### କରୋନାନିରୋଧୀ ସହର:

ଚୀନ୍ ଖୁବ୍ ଗୋପନୀୟ ଭାବେ ବେଜିଂର ଜିୟୋଙ୍ଗ ଆନ୍ ନ୍ୟୁ ଏରିଆରେ ଏହି ସହର ନିର୍ମାଣ କରୁଥିଲେ । ଏହି ସହର କରୋନା ସହ ଭବିଷ୍ୟତର ଯେକୌଣସି ବଡ ମହାମାରୀରୁ ବି ଏଠାକାର ବାସିନ୍ଦାଙ୍କୁ ସୁରକ୍ଷିତ ରଖିପାରିବ । ଏଠାରେ ନିର୍ମିତ ଘରଗୁଡ଼ିକରେ ବଡବଡ ବାଲ୍‌କୋନି ସହ ଏକାଧିକ ଗ୍ରୀନ୍‌ହାଉସ ବ୍ୟବସ୍ଥା ରଖାଯିବ । ଛାତ ଉପରେ ଚାଷବାସ କରାଯାଇପାରିବ । ବଡ଼ବଡ଼ କାଠ ବ୍ଲକ୍‌ରେ ଏହି ଘରଗୁଡ଼ିକ ତିଆରି ହେବ । ଡ୍ରୋନ୍ ଦ୍ୱାରା ଏହି ସହର ଉପରେ ଦୃଷ୍ଟି ରଖାଯିବ ଯେପରିକି କୌଣସି ସମସ୍ୟା ହେଲେ ତୁରନ୍ତ ଜଣାପଡ଼ିପାରିବ । ବାର୍ସିଲୋନାର ଗୁଆଲେର୍ଟ ଆର୍କିଟେକ୍ଟସ ଏହି ସହର ନିର୍ମାଣ ଦାୟିତ୍ୱ ନେଇଛନ୍ତି । ଦେଶର ଆହୁରି ଏକାଧିକ ସ୍ଥାନରେ ଏପରି ସହର ନିର୍ମାଣ ଲାଗି ଚୀନ୍ ରାଷ୍ଟ୍ରପତି ଯୋଜନା କରିଥିବା ଜଣାଯାଇଛି । ସାରା ବିଶ୍ୱ ତାଲାବନ୍ଦ ହୋଇ ରହିଥିବା ବେଳେ ଚୀନ୍‌ରେ ଏହି ସହର ନିର୍ମାଣ ଚାଲିଥିଲା । ଏପରିକି ତାଲାବନ୍ଦ ସମୟରେ ହିଁ ଗୁଆଲେର୍ଟ ଆର୍କିଟେକ୍ଟସ ସଂସ୍ଥା ନିର୍ମାଣ କରିବାର ଟେଣ୍ଡର ପାଇଥିଲା । ୭୭୨ ବର୍ଗ ମାଇଲ ଅଞ୍ଚଳରେ ନିର୍ମାଣଧୀନ ଥିବା ଏହି ସହର ଲଣ୍ଡନ ଏବଂ ନ୍ୟୁୟର୍କଠାରୁ ବି ବଡ଼ । ତେବେ ଏପରି ସହର ନିର୍ମାଣ ପଛରେ ଭବିଷ୍ୟତକୁ ଚୀନ୍ ବିଶ୍ୱ ପାଇଁ ଆହୁରି ଅଧିକ ଭୟଙ୍କର ବିପଦ ସୃଷ୍ଟି କରିବାକୁ ଯାଉଥିବା ନେଇ ଚର୍ଚ୍ଚା ଚାଲିଛି ।



### ରିସୋ, କାନାଡ଼ା:

ଏଠାରେ ମଣ୍ଟ୍ରିଲ ସହର ତଳେ ଥିବା ଏହି ସହରଟି କାନାଡ଼ାକୁ ଧରି ରଖିଥିବା ସ୍ତମ୍ଭ ବୋଲି କୁହାଯାଏ । ଖରାଦିନେ ବି ମାଟି ତଳେ ଥିବା ଏହି ସହରରେ ଖୁବ୍ ଥଣ୍ଡା ଅନୁଭୂତ ହୋଇଥାଏ । ଏଠାରେ ହୋଟେଲ, ରେଷ୍ଟୋରାଁ, ସୁପରମାର୍କେଟ, ସପିଙ୍ଗ ମଲ, ମେଟ୍ରୋ ଷ୍ଟେସନ ପରି ସମସ୍ତ ଅତ୍ୟାଧୁନିକ ସୁବିଧା ଉପଲବ୍ଧ । ସିନେମା ହଲ୍, ଲାଇବ୍ରେରୀ ସହ ରହିବାକୁ ଆପାର୍ଟମେଣ୍ଟ ବି ଏଠାରେ ଅଛି ।

### ବର୍ଲିଂଟନ୍, ଇଂଲଣ୍ଡ:

ପରମାଣୁ ବୋମା ପରି ଆକ୍ରମଣ ସ୍ଥିତିରେ ସୁରକ୍ଷିତ ରହିବା ଲାଗି ଇଂଲଣ୍ଡର ୱିଲ୍‌ଟଶାୟର ସହରରେ ଭୂମି ତଳେ ବର୍ଲିଂଟନ୍ ସହର ନିର୍ମାଣ କରାଯାଇଛି । ୨୪୦ ଏକର ପରିବ୍ୟାପ୍ତ ଏହି ସହରରେ ୪ ହଜାର ରେଳଷ୍ଟେସନ୍, ହସ୍ପିଟାଲ, ଜଳାଶୟ ଏପରିକି ବିବିସିର ଏକ ଷ୍ଟୁଡିଓ ମଧ୍ୟ ରହିଛି । ବର୍ଲିଂଟନ୍‌ରେ ପ୍ରାୟ ୬୦ କିଲୋମିଟର ରାସ୍ତା ଜାଲ ପରି ବିଛାଇ ହୋଇ ରହିଥିବା ଜଣାଯାଏ ।

# ବ୍ଲଡ ସୁଗାର ଲେବୁଲକୁ କଂଟ୍ରୋଲ କରିବାକୁ ଚାହୁଁଛନ୍ତି କି ? ରାତିରେ ଶୋଇବା ପୂର୍ବରୁ କରନ୍ତୁ ଏହି ଉପାୟ

ଆଜିକାଲି ଦୁନିଆରେ ଡ଼ାଇବେଟିସ ଏକ କ୍ରନିକ ରୋଗ ଅଟେ । ଏହି ରୋଗକୁ ସମ୍ପୂର୍ଣ୍ଣ ଠିକ କରାଯିବା ଅସମ୍ଭବ, କିନ୍ତୁ ଲାଇଫଷ୍ଟାଇଲକୁ ବଦଳାଇ ଏହାକୁ କଣ୍ଟ୍ରୋଲ କରାଯାଇପାରିବ । ଡ଼ାଇବେଟିସ ରୋଗୀ ନିଜର ଖାଦ୍ୟ ପାନୀୟକୁ ଠିକ ରଖିବା ସହ ଜୀବନ ପ୍ରଣାଳୀର ଯତ୍ନ ନେବା ନିହାତି ଆବଶ୍ୟକ । ଏପରି ରୋଗୀଙ୍କୁ ଭରପୁର ନିଦ ସହ ଷ୍ଟ୍ରେସ କମ ନେବା, ଏବଂ ରାତିରେ ରିଲାକ୍ସ ହୋଇ ଶୋଇବା ଦରକାର । ତେବେ ଡ଼ାଇବେଟିସ ରୋଗୀଙ୍କ ପାଇଁ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଜିନିଷ ହେଉଛି ନିଦ୍ରା, କାରଣ ଏହାଦ୍ୱାରା ଶରୀରରେ ସୁଗାର ଲେବୁଲ କମିବାରେ ସାହାଯ୍ୟ କରିଥାଏ । ତେବେ ଆସନ୍ତୁ ଜାଣିବା କଣ କରିବା ଦ୍ୱାରା ଆପଣଙ୍କ ଡ଼ାଇବେସିସ ଲେବୁଲ କଣ୍ଟ୍ରୋଲ ହୋଇ ରହିବ ।







କଫିନ ସେବନ କରିବା କମ କରନ୍ତୁ- ଡ଼ାଇବେଟିସ ପେସେଣ୍ଟ ରାତିରେ ଶୋଇବା ପୂର୍ବରୁ କଫିନ ଯୁକ୍ତ ଖାଦ୍ୟ ଯେପରିକି ଚା, କଫି, ଚକୋଲେଟ ଏବଂ ସୋଡ଼ା ଆଦିର ସେବନ ବିଲକୁଲ ନ କରିବା ଆବଶ୍ୟକ. କାରଣ କଫିନ ଯୁକ୍ତ ଜିନିଷ ଆପଣଙ୍କୁ ଜାଗ୍ରତ କରି ରଖିବ । ନିଦ୍ରା ହେବାକୁ ଦେବ ନାହିଁ । ଏହା ବ୍ୟତୀତ ମଦ ଓ ଧୂମପାନ ସେବନ କରିବା ମାତ୍ରା କମାନ୍ତୁ କାରଣ ଏହା ମଧ୍ୟ ନିଦ ଉପରେ ଖରାପ ପ୍ରଭାବ ପକାଇଥାଏ ।

ଫିଜିକାଲ ଅକ୍ଟିଭିଟି: ଶୋଇବା ପୂର୍ବରୁ କିଛି ଶାରୀରିକ ପରିଶ୍ରମ ନିହାତି ଆବଶ୍ୟକ ଏହା ଦ୍ୱାରା ଭଲ ନିଦ୍ରା ହେବା ସହ ଷ୍ଟ୍ରେସ ଲେବୁଲ କମ ହୋଇଥାଏ । ଏହା ବ୍ୟତୀତ ଆପଣଙ୍କ ଶରୀରରେ ସୁଗାର ଲେବୁଲ ରାତି ସାରା ସ୍ଥିର ରହିବାରେ ସାହାଯ୍ୟ କରିଥାଏ ।

ରାତିରେ ସ୍ନାକ୍ସ ଆଇଟମକୁ ଖାଆନ୍ତୁ ନାହିଁ: ଡ଼ାଇବେଟିସ ପେସେଣ୍ଟଙ୍କୁ ବହୁବାର ଭୋକ ହୋଇଥାଏ । ସେଥିପାଇଁ ଆପଣ ରାତିରେ ଶୋଇବା ପୂର୍ବରୁ କୌଣସି ସ୍ନାକ୍ସ ଆଇଟମ ଖାଆନ୍ତୁ ନାହିଁ । ରାତିରେ ସବୁ ଜିନିଷ ଖାଇବା ଦ୍ୱାରା ଏହା ଶରୀରର ଓଜନ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ । ଏହାସହ ବ୍ଲଡ୍ ସୁଗାର ଲେବୁଲ ମଧ୍ୟ ବଢିଥାଏ । ତେଣୁ ରାତିରେ ଶୋଇବା ପୂର୍ବରୁ ସର୍ବଦା ହାଲୁକା ଖାଦ୍ୟ ଖାଇବା ଆବଶ୍ୟକ ।

ବ୍ଲଡ୍ ସୁଗାର ଲେବୁଲକୁ ଚେକ କରନ୍ତୁ: ରାତିରେ ଶୋଇବା ପୂର୍ବରୁ ଏବଂ ଶୋଇକି ଉଠିବା ପରେ ଆପଣ ନିଜର ବ୍ଲଡ୍ ସୁଗାର ଲେବୁଲକୁ ଚେକ କରିବା ନିହାତି ଆବଶ୍ୟକ ।

ଆସନ୍ତା କାଲି ପାଇଁ ଖାଦ୍ୟ ପ୍ରଣାଳୀର ପ୍ଲାନ କରନ୍ତୁ: ଡ଼ାଇବେଟିସ ରୋଗୀ ପାଇଁ ଜରୁରୀ ଅଟେ ଯେ, ଆପଣ ନିଜର ଆସନ୍ତା ଦିନ ପାଇଁ ଖାଦ୍ୟ ତାଲିକା ପ୍ରସ୍ତୁତ କରିବା । ଏହାଦ୍ୱାରା ଆପଣଙ୍କୁ ସକାଳୁ ସକାଳୁ ଖାଦ୍ୟ ପାଇଁ ଅଧିକ ଭାବିବାକୁ ପଡ଼ିବ ନାହିଁ ଏବଂ ଜଙ୍କ ଫୁଡ୍‌ରୁ ନିଜକୁ ରକ୍ଷା କରିପାରିବେ ।

# ଏହି ଅଭ୍ୟାସ ଥିବା ଲୋକ କେବେ ଖୁସିରେ ରହିପାରନ୍ତି ନାହିଁ: ହୋଇଯାଆନ୍ତି କାଙ୍ଗାଳ

ମଣିଷ ଜୀବନରେ ଟଙ୍କା ବହୁତ ଗୁରୁତ୍ୱପୂର୍ଣ୍ଣ । କାହିଁକି ନା, ଏହା ମାଧ୍ୟମରେ ମଣିଷ ସମସ୍ତ ପ୍ରକାରର ସାମଗ୍ରୀ ପ୍ରାପ୍ତ କରିପାରିବ । ଏଭଳି ପରିସ୍ଥିତିରେ ଜଣେ ବ୍ୟକ୍ତି ଟଙ୍କା ପାଇବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥାଏ । ସେ କଠିନ ପରିଶ୍ରମ କରେ, କିନ୍ତୁ ଚାହୁଁଥିବା ଫଳ ପାଇନଥାଏ । ଗରୁଡ ପୁରାଣ ଅନୁଯାୟୀ ଏହା ପଛର କାରଣ ହେଉଛି ମଣିଷର କର୍ମ । ଜୀବନରେ ସେମାନଙ୍କ ଦ୍ୱାରା କରାଯାଇଥିବା ଭୁଲ ଯୋଗୁଁ ସେମାନଙ୍କୁ ଆର୍ଥିକ ସଙ୍କଟର ସମ୍ମୁଖୀନ ହେବାକୁ ପଡ଼ିଥାଏ ।

– ଆପଣ ଜୀବନରେ ଯେତେ ସଫଳ ହୁଅ କି ବହୁତ ଟଙ୍କା ରୋଜଗାର କର, କିନ୍ତୁ କାହାକୁ ଅପମାନିତ କରିବାକୁ ଚେଷ୍ଟା କରନ୍ତୁ ନାହିଁ । ପ୍ରାୟତଃ ଦେଖାଯାଏ ଯେ, ଧନୀ ଲୋକମାନେ ଅନ୍ୟମାନଙ୍କୁ ଅପମାନିତ କରିବାକୁ ଚେଷ୍ଟା କରନ୍ତି । ଗରୁଡ ପୁରାଣଙ୍କ ଅନୁଯାୟୀ ଏହା କରିବା ଠିକ୍ ନାହିଁ । ମା' ଲକ୍ଷ୍ମୀ କ୍ରୋଧିତ ହୋଇ ଏପରି ଲୋକମାନଙ୍କଠାରୁ ଦୂରେଇ ଯାଆନ୍ତି ।

– ଗରୁଡ ପୁରାଣ ଅନୁଯାୟୀ, ଯେଉଁମାନେ ଟଙ୍କା ପାଇଁ ଲୋଭ କରନ୍ତି ସେମାନେ କଦାପି ଖୁସି ହୋଇପାରିବେ ନାହିଁ । ଅନ୍ୟପଟରେ ଯେଉଁମାନେ ଅନ୍ୟମାନଙ୍କର ସମ୍ପତ୍ତି ହାସଲ କରିବାକୁ ଚେଷ୍ଟା କରନ୍ତି, ଏପରି ଲୋକମାନେ କୌଣସି ଜନ୍ମରେ ସନ୍ତୁଷ୍ଟ ହୁଅନ୍ତି ନାହିଁ ।

– ଗରୁଡ ପୁରାଣ ଅନୁଯାୟୀ, ଅନ୍ୟମାନଙ୍କୁ ନିନ୍ଦା କରିବା କିମ୍ବା ସମାଲୋଚନା କରିବା ପାପ । ଏପରି ପରିସ୍ଥିତିରେ ଜଣେ ବ୍ୟକ୍ତି ସର୍ବଦା ନିଜ କାମକୁ ନେଇ ଚିନ୍ତିତ ହେବା ଉଚିତ୍ । ଏପରି ଲୋକମାନେ ଜୀବନରେ ସଫଳ ହୋଇପାରିବେ ନାହିଁ ।

– ଗରୁଡ ପୁରାଣ ଅନୁଯାୟୀ, ଜଣେ ବ୍ୟକ୍ତି ସର୍ବଦା ପରିଷ୍କାର ପୋଷାକ ପିନ୍ଧିବା ସହ ଘରକୁ ସଫା ରଖିବା ଉଚିତ୍ । ମା ଲକ୍ଷ୍ମୀ ଏପରି ଏକ ଘରେ ରୁହନ୍ତି, ଯେଉଁଠାରେ ପରିଷ୍କାର ପରିଚ୍ଛନ୍ନତାର ଧ୍ୟାନ ରଖାଯାଏ ।

– ଦହି ସ୍ୱାସ୍ଥ୍ୟ ପାଇଁ ଭଲ ବିବେଚନା ହୋଇଥାଏ । କିନ୍ତୁ ଗରୁଡ ପୁରାଣ ଅନୁଯାୟୀ, ରାତିରେ ଦହି ଖାଇବା ଉଚିତ୍ ନୁହେଁ । ଏପରି କୁହାଯାଏ ଯେ, ରାତିରେ ଦହି ଖାଇବା ଦ୍ୱାରା ଆୟୁଷ କମିଯାଏ ।



## ପ୍ରକୃତରେ ମହିଳାଙ୍କ ହୃଦୟ ଛୋଟ

ସମସ୍ତେ କୁହନ୍ତି ମହିଳାଙ୍କ ହୃଦୟ ପୁରୁଷମାନଙ୍କଠାରୁ ଛୋଟ । ହୁଏତ ଏହାର ପ୍ରକୃତ ଅନୁଧ୍ୟାନ କରି କେହି କହି ନଥାଇ ପାରନ୍ତି କି କାହା ପାଖରେ ସମ୍ପୂର୍ଣ୍ଣ ବିବରଣୀ ନଥାଏ । ପୁରୁଷମାନେ ପ୍ରେମରେ ହାରିବା ବେଳେ ମହିଳାଙ୍କ ହୃଦୟ ଛୋଟ କଥାକୁ ଅବଶ୍ୟ କହିଥାନ୍ତି । କିନ୍ତୁ ବାସ୍ତବରେ ଦେଖିବାକୁ ଗଲେ ମହିଳାଙ୍କ ହୃଦୟ ଛୋଟ ବୋଲି ବୈଜ୍ଞାନିକମାନେ ପ୍ରମାଣିତ କରିଛନ୍ତି । ସେଥିପାଇଁ ପୁରୁଷଙ୍କ ହାର୍ଟବିଟ୍ ତୁଳନାରେ ମହିଳାଙ୍କ ଅଧିକ ହାର୍ଟବିଟ୍ ହୋଇଥାଏ । ତାହାର ମୁଖ୍ୟ କାରଣ ହେଲା ଯେ ମହିଳାଙ୍କର ହୃଦୟର ଆକାର କମ ଥିବାରୁ ତାହା ଅଧିକ ଥର ସ୍ପନ୍ଦନ କରିଥାଏ । ଏହିକଥା ବି ଅନେକ ସମୟରେ ଉପମା ଦେଇକି ପରିହାସରେ ପୁରୁଷମାନେ ମହିଳାଙ୍କ ଉଦ୍ଦେଶ୍ୟରେ କହିପାରନ୍ତି କିନ୍ତୁ ଏହା ପଛର ପ୍ରକୃତ କାରଣ ଛୋଟ ହାର୍ଟ ପାଇଁ ବିଟ୍ କିନ୍ତୁ ଅଧିକ ହୋଇଥାଏ ।

## ରୋବଟ୍ କ୍ଲିନର୍‌ରେ ବିମାନ ଭିତର ସଫେଇ

କରୋନା ମହାମାରୀର ଭୟ ଲୋକଙ୍କ ମନରେ ରହିଛି । ଲୋକେ ଭୟକୁ ମନରେ ରଖି ବାହାରକୁ ବାହାରିଲେଣି । ଚାକିରି, ବ୍ୟବସାୟ ଆଦି କାମରେ ପାଖ ସହର, ରାଜ୍ୟକୁ ଯା-ଆସ ଇତିମଧ୍ୟରେ ଆରମ୍ଭ ହୋଇଯାଇଛି । ବିମାନସେବା ମଧ୍ୟ ଧୀରେ ଧୀରେ ସ୍ୱାଭାବିକ ହେଉଛି । ବ୍ରିଟେନ୍‌ରେ ଆନ୍ତଃରାଜ୍ୟ ବିମାନ ଚଳାଚଳ ଆରମ୍ଭ ହୋଇଥିବାବେଳେ ଯାତ୍ରୀଙ୍କ ସଂଖ୍ୟା ପୂର୍ବଭଳି ନାହିଁ । ଲୋକେ ଅତି ଜରୁରୀ କାମରେ ବିମାନରେ ଯା-ଆସ କରୁଛନ୍ତି । ବ୍ରିଟେନ୍ ବିମାନ କର୍ତ୍ତୃପକ୍ଷ ବିମାନ ଭିତର ସ୍ଥିତିକୁ ନେଇ ପୂର୍ବାପେକ୍ଷା ଅଧିକ ସଚେତନ । ଏବେ ରୋବଟ୍ କ୍ଲିନର୍‌ର ସହାୟତା ନିଆଯାଇ ସଫା କରାଯାଉଛି । ରୋବଟ୍ କ୍ଲିନର୍‌ର ନାମ 'ନୋଭା ରୋଭର୍' ଓ ବିମାନ ଭିତରେ ଏହା ସ୍ୱୟଂଚାଳିତ ଭାବେ କାମ କରୁଥିବାର ପ୍ରକାଶ । ଏହାକୁ ସ୍ପ୍ରେ କଲେ, ୧୨ ଫୁଟ୍ ପର୍ଯ୍ୟନ୍ତ ପରିଷ୍କାର କରୁଥିବାର ଦେଖା ଯାଇଛି । ନ୍ୟୁଜିଲାଣ୍ଡର ଏକ କମ୍ପାନୀ ଏହି ରୋବଟ୍‌କୁ ତିଆରି କରିଥିବାବେଳେ ବିଭିନ୍ନ କାମ ମଧ୍ୟ କରିଥାଏ । ପ୍ରତ୍ୟେକ ସିଟ୍‌କୁ ପରିଷ୍କାର କରିବା ସହ ଯାତ୍ରୀଙ୍କ ଶରୀରର ତାପମାତ୍ରାକୁ ମଧ୍ୟ ମାପିପାରେ । ମହାମାରୀ ସମୟରେ ପୂର୍ବ ଭଳି ଅଧିକ କର୍ମଚାରୀଙ୍କୁ କାମରେ ଲଗାଇବା ପରିବର୍ତ୍ତେ ରୋବଟ୍ କ୍ଲିନର୍ ଜରିଆରେ କାମ ହୋଇପାରୁଥିବାର କର୍ତ୍ତୃପକ୍ଷ କହିଛନ୍ତି ।



# ମରିଯାଉଛି ଶଗଡ଼ିଆ ଆଡ଼ିବନ୍ଧ ପ୍ରକଳ୍ପ: ୨୫ବର୍ଷ ହେଲା ବଦଳି ଯାଇଛି ନାଳର ଗତିପଥ



ଛେଣ୍ଡିପଦା, ୦୯/୪ (ନି.ପ୍ର): ଜଳସେଚନ ପାଇଁ ଛେଣ୍ଡିପଦା ବ୍ଲକ୍‌ରେ ଥିବା ଏକ ଆଡ଼ିବନ୍ଧ ପ୍ରକଳ୍ପ ଗଲା ୨୫ବର୍ଷ ହେଲା ମୃତ୍ୟୁଶଯ୍ୟାରେ। ଯାହାକୁ ନେଇ ନା ଲୋକଙ୍କ ଜମିରେ ପାଣି ମାଡ଼ି ପାରୁଛି ନା ଲୋକେ ଏହାର ସୁବିଧା ପାଇପାରୁଛନ୍ତି ! ଏହାକୁ ନେଇ ଜନଅସନ୍ତୋଷ ବୃଦ୍ଧି ପାଇଛି। ଛେଣ୍ଡିପଦା ବ୍ଲକ୍ ବାଗଡ଼ିଆ ଓ ବାମନାଳୀ ସୀମାନ୍ତରେ ରହିଛି ଏହି ଆଡ଼ିବନ୍ଧ ପ୍ରକଳ୍ପ, ୩୭ ବର୍ଷ ପୂର୍ବରୁ ଯାହାକୁ କି ନିର୍ମାଣ କରାଯାଇଥିଲା। ଲକ୍ଷ୍ୟ ଥିଲା ଖରିଫ୍ ଋତୁରେ ଏହି ୨ ଗ୍ରାମର ପ୍ରାୟ ଦେଢ଼ହଜାର ଏକର ଜମି ଜଳସେଚିତ ହୋଇଥା'ନ୍ତା। କିଛିବର୍ଷ ପର୍ଯ୍ୟନ୍ତ ଲୋକେ ଏଥିରୁ ଉପକୃତ ହୋଇଥିଲେ। କିନ୍ତୁ ୨୫ ବର୍ଷ ତଳେ ପ୍ରକଳ୍ପଠାରୁ ୫୦ ମିଟର ଦୂର ଉପର ମୁଣ୍ଡରେ ଅତ୍ୟଧିକ ବର୍ଷପାଣିରେ ଘାଇ ସୃଷ୍ଟି ହୋଇ ନାଳର ଗତିପଥ ବଦଳିଯାଇଛି। ୧୦୦ ମିଟର ଗତିପଥ ବଦଳେଇ ତଳମୁଣ୍ଡରେ ୧୦ ଫୁଟ୍ ଗଭୀରତା ବୃଦ୍ଧି ପାଇ ଶଗଡ଼ିଆନାଳରେ ମିଶି ପୁରୁଣାଗଡ଼ ଓ ଟାଙ୍ଗିରୀ ଗ୍ରାମଦେଇ ଆଉଁଳି ନଦୀରେ ସମୁଦ୍ରମୁହାଁ ହୋଇଛି। ଶଗଡ଼ିଆନାଳର ଗଭୀରତା ବୃଦ୍ଧି ପାଇବାରୁ ପ୍ରକଳ୍ପଟି ଅଚଳ ହୋଇପଡ଼ିଥିବା ଜଣାପଡ଼ିଛି। ଅନ୍ୟପଟେ ନାଳର ଗଭୀରତା ବୃଦ୍ଧି ପାଉଥିବାରୁ ପାଖ ଜମି ସବୁ ଶୁଷ୍କ ହୋଇଯାଉଛି। ଗ୍ରାମର କୂଅଗୁଡ଼ିକର ଗଭୀରତା ବୃଦ୍ଧି ପାଉଛି। ପ୍ରକଳ୍ପ କାମରେ ଆସୁ ନଥିବାରୁ ଦେଢ଼ ହଜାର ଏକର ଜମିରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ନଗେନ୍ଦ୍ର ପ୍ରଧାନ ବିଧାୟକ ଥିବା ସମୟରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ପ୍ରକଳ୍ପର ମରାମତି ଓ ଉନ୍ନତୀକରଣ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ନାଳରେ ଘାଇ ସୃଷ୍ଟି ହୋଇ ପ୍ରକଳ୍ପଟି ଆଉ କାମରେ ଲାଗି ପାରୁନି। ଦୀର୍ଘଦିନରୁ ପ୍ରକଳ୍ପ ଅକାମି ଯୋଗୁଁ ପ୍ରକଳ୍ପ ତଳପାର୍ଶ୍ୱ ଜମି ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଯାଇଛି। ପ୍ରକଳ୍ପର ଭବିଷ୍ୟତ ନେଇ ବିଭାଗୀୟ ଅଧିକାରୀ ଧ୍ୟାନ ଦେଉ ନଥିବେଳେ ଏହାର ପୁନରୁଦ୍ଧାର ହୋଇପାରିଲେ ୨ଗାଁର ଚାଷୀଙ୍କ ଉନ୍ନତି ହୋଇପାରନ୍ତା ବୋଲି ମତପ୍ରକାଶ ପାଇଛି।

# ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ

ମାଲକାନଗିରି, ୦୯/୪ (ନି.ପ୍ର): ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ଜିଲ୍ଲା ସ୍ତରୀୟ ସାଧାରଣ ପରିଷଦ ବୈଠକ ସ୍ଥାନୀୟ ସ୍ୱାଗତ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଉପସ୍ଥିତ କର୍ମକର୍ତ୍ତା ଓ ସଦସ୍ୟ ମାନେ ସରକାର ସାମ୍ବାଦିକ ମାନଙ୍କ ୫ ଦଫା ଦାବି ପୂରଣ କରି ନଥିବାରୁ ଆଖିରେ କଳା ପଟି ବାନ୍ଧି ଏହାର ପ୍ରତିବାଦ କରିଥିଲେ । ପରେ ସଂଘର ରାଜ୍ୟ ସଭାପତି ବିଭୁତି ଭୂଷଣ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ମୁଖ୍ୟ ବକ୍ତା ଭାବେ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା ଯୋଗ ଦେଇଥିବା ବେଳେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବ ଦତ ସାହୁ, ଜିଲ୍ଲା ସଭାପତି ଦୁର୍ଯୋଧନ ପାତ୍ର, କାର୍ଯ୍ୟକାରୀ ସଭାପତି ଅଶୋକ ମିଶ୍ର, ସାଧାରଣ ସମ୍ପାଦକ ଶ୍ରୀନିବାସ ପାତ୍ର ପ୍ରମୁଖ ମଂଚାସୀନ ଥିଲେ । ଏହି ଅବସରରେ ଉତ୍କଳ ସାମ୍ବାଦିକ ସଂଘରେ ବରିଷ୍ଠ ସାମ୍ବାଦିକ ତଥା ଓକିଲ ସଂଘ ର ପୂର୍ବତନ ସଭାପତି ନୃସିଂହ ଚରଣ ମହାନ୍ତି, ବରିଷ୍ଠ ସାମ୍ବାଦିକ ନିରଞ୍ଜନ ମଲ୍ଲ ଉତ୍କଳ ସାମ୍ବାଦିକ ସଂଘର ସଦସ୍ୟତା ଗ୍ରହଣ କରିଥିଲେ । ରାଜ୍ୟ ସଭାପତି ଶ୍ରୀ କର ଏବଂ ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ପଣ୍ଡା ଉଭୟଙ୍କୁ ଉତରୀୟ ଓ ଫୁଲ ତୋଡା ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ସଂଘର ବିଭିନ୍ନ ସାଙ୍ଗଠନିକ ବିଷୟରେ ସଦସ୍ୟ ମାନେ ନିଜର ମତାମତ ପ୍ରଦାନ କରିଥିଲେ । ପ୍ରତି ତିନି ମାସରେ କାର୍ଯ୍ୟକାରୀ କମିଟି ବୈଠକ ସହ ସପ୍ତାହରେ ଗୋଟିଏ ଦିନ ସଂଘ କାର୍ଯ୍ୟଳୟରେ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ମାନେ ବୈଠକ କରି ଆଗାମୀ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିବେ । ପୂର୍ବ ପରି ସଂଘ ତାର ସାମାଜିକ କାର୍ଯ୍ୟକ୍ରମ ଜାରି ରଖିବ ବୋଲି ଏହି ଅବସରରେ ପ୍ରସ୍ତାବ ଗୃହିତ ହୋଇଥିଲା । କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସଂଘର କୋଷାଧ୍ୟକ୍ଷ ହୃଷୀକେସ ସେଠୀ, ସହକାରୀ ସମ୍ପାଦକ ଅପୂର୍ବ ଥଣ୍ଡର, କାର୍ଯ୍ୟଳୟ ସମ୍ପାଦକ ସତ୍ୟ ନାରାୟଣ ଦାସଙ୍କ ସମେତ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୬୦ରୁ ଉର୍ଦ୍ଧ୍ୱ ସଦସ୍ୟ ଅଂଶଗ୍ରହଣ କରିଥିଲେ । ଶେଷରେ ସଂଘର କାର୍ଯ୍ୟକାରୀ ସଦସ୍ୟ ଭଗବାନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାୟଗଡ଼ାରୁ ମିଳିଲା ୨୫୦ବର୍ଷ ତଳର ତମ୍ବାଫଳକ



ଭୁବନେଶ୍ୱର, ୦୯/୪ (ନି.ପ୍ର): ରାୟଗଡ଼ାରୁ ୨୫୦ବର୍ଷରୁ ଅଧିକ ପୁରୁଣା ଏକ ତମ୍ବାଫଳକ ଉଦ୍ଧାର ହୋଇଛି। ଏହି ଫଳକଟି ସୂର୍ଯ୍ୟଶଙ୍କର ରାଜବଂଶର ମହାରାଜା ରାମଚନ୍ଦ୍ର ଦେବ ଦ୍ୱିତୀୟଙ୍କ ସମୟର ବୋଲି କୁହାଯାଉଛି। ଏଥିରେ ଓଡ଼ିଆ ସମେତ ସଂସ୍କୃତ ଭାଷାରେ ଲେଖା ରହିଛି। ରାୟଗଡ଼ା ଜିଲ୍ଲାରୁ ପୂର୍ବରୁ ଏଭଳି ପୁରାତନ ଶିଳାଲେଖ ଚିହ୍ନଟ ହୋଇଥିଲେ ହେଁ ତମ୍ବାଫଳକ ଚିହ୍ନଟ ହେବା ପ୍ରଥମ। ରାୟଗଡ଼ା ନିବାସୀ ଏଲ୍‌କେ ଦେବ ଏକ କବାଡ଼ିଆ ଦୋକାନରୁ ଏହି ଫଳକଟି ପାଇଥିଲେ। ପୁରୁଣା ଫଳକକୁ ନେଇ ଉତ୍ସାହ ବଢ଼ିବାରୁ ସେ ଏହାକୁ ଲିପିତତ୍ତ୍ୱ ଗବେଷକ ବିଷ୍ଣୁମୋହନ ଅଧିକାରୀଙ୍କୁ ଦେଇଥିଲେ। ଶ୍ରୀ ଅଧିକାରୀ ଏହା ଉପରେ ଗବେଷଣା କରି ପୁରାତନ ସମୟର ରାଜରାଜୁଡ଼ା ସଂପର୍କରେ ଅନେକ ତଥ୍ୟ ସାମ୍ନାକୁ ଆଣିଛନ୍ତି। ଫଳକରୁ ମିଳିଥିବା ତଥ୍ୟ ଅନୁସାରେ, ରାୟଗଡ଼ା ସହରର ଦକ୍ଷିଣ ପଶ୍ଚିମ ଦିଗରେ ଥିବା ସାନ ତଡ଼ମାରେ ଜ୍ୟେଷ୍ଠ ପୂର୍ଣ୍ଣିମାରେ ଭଗବାନ ରାଧାକାନ୍ତଙ୍କ ମନ୍ଦିର ପ୍ରତିଷ୍ଠା ପାଇଁ ଅବଧାନ ବରଣ କରାଯାଇଥିଲା। ଏଥିପାଇଁ ପ୍ରବର୍ତ୍ତକ ବ୍ରାହ୍ମଣ ଶଗୁଡ଼ି ସାହୁଙ୍କୁ ନିରାପଦ ପଲମ(ବିଲ) ୮ ମେଟୁଗା, ୨୧ ଗଣ୍ଡର ଜମିକୁ ସାହୁ ପରିବାରକୁ ଦିଆଯାଇଛି। ଯାହାକି ଆ-ସୂର୍ଯ୍ୟ-ଚନ୍ଦ୍ର- ଭସ୍ମାଙ୍କେ ଭୋଗ ବା ସୂର୍ଯ୍ୟ-ଚନ୍ଦ୍ର ଥିବା ପର୍ଯ୍ୟନ୍ତ ଏହାକୁ ଭୋଗ କରିବେ। ପ୍ଲବଙ୍ଗ ନାମ ସମ୍ବତ୍ସର(ବୃଷ-୨୧, ଜ୍ୟେଷ୍ଠ ଶୁକ୍ଳ ୧୫) ବା ୧୭୮୭ ମସିହା ମେ' ୩୧ ତାରିଖ ଗୁରୁବାର ବୋଲି ଉଲ୍ଲେଖ ରହିଛି। ନନ୍ଦପୁର ସମସ୍ଥାନର ଓଡ଼ିଆ ରାଜା ରାମଚନ୍ଦ୍ର ଦେବଙ୍କ ସମ୍ମତିକ୍ରମେ ଏହାକୁ ଜାରି କରାଯାଇଛି। ଶ୍ରୀ ଅଧିକାରୀଙ୍କ କହିବା କଥା, ଦକ୍ଷିଣ ଓଡ଼ିଶାରେ ସାହୁ ସାର୍ଙ୍ଗିଆଧାରୀ ବ୍ରାହ୍ମଣ ରହିଛନ୍ତି। ପୂର୍ବରୁ କୌଣସି ମଠ, ମନ୍ଦିର ପ୍ରତିଷ୍ଠା କରାଗଲେ ଅବଧାନ ବରଣ କରାଯାଇଥାଏ। ଏହି ଭିତ୍ତିରେ ଯେଉଁ ଜମି ପ୍ରଦାନ କରାଯାଇଛି ସେଥିପାଇଁ ଏହି ଫଳକ ଜାରି ହୋଇଛି। ତମ୍ବାଫଳକରେ ସଂସ୍କୃତରେ ଲେଖା ଥିବା ବାକ୍ୟ କହୁଛି, ଏହା ଶ୍ରୀରାମଚନ୍ଦ୍ର ମହାରାଜଙ୍କ ସମ୍ମତ। ଯିଏ ଦେଲେ ତାଙ୍କର ଦୁଇ ଗୁଣ ପୁଣ୍ୟ ଓ ଯିଏ ପାଇଲେ ସେ ଏହାକୁ ପାଳନ କରିବେ। ଯିଏ ଦେଇଛନ୍ତି ସେ ଯଦି ପରବର୍ତ୍ତୀ ସମୟରେ ଏହାକୁ ଫେରାଇ ଆଣନ୍ତି ତାହେଲେ ତାଙ୍କର ପୁଣ୍ୟ ନିଷ୍ଫଳ ହେବ। କୋରାପୁଟରୁ ଏଭଳି ପୁରାତନ ତମ୍ବାଫଳକ ଉଦ୍ଧାର ହୋଇଥିଲେ ହେଁ ରାୟଗଡ଼ାରେ ପ୍ରଥମଥର ଲାଗି ଏହା ମିଳିଛି। ଓଡ଼ିଆ ଭାଷା ଆନ୍ଦୋଳନର ଅନ୍ୟତମ ପ୍ରମୁଖ ବ୍ୟକ୍ତିତ୍ୱ ବିକ୍ରମ ଦେବ ବର୍ମାଙ୍କ ପୂର୍ବପୁରୁଷ ହେଉଛନ୍ତି ସୂର୍ଯ୍ୟଶଙ୍କର ରାଜବଂଶର ମହାରାଜା ରାମଚନ୍ଦ୍ର ଦେବ ବୋଲି ଶ୍ରୀ ଅଧିକାରୀ ସୂଚନା ଦେଇଛନ୍ତି।

# ନାଗରିକ କମିଟି ବଲାଙ୍ଗିରର ଦ୍ୱିତୀୟ ସାଧାରଣ ପରିଷଦ ବୈଠକ

ବଲାଙ୍ଗୀର, ୦୯/୪ (ନି.ପ୍ର): ସ୍ଥାନୀୟ ସରକାରୀ ଟାଉନ ଉଚ୍ଚ ବାଳିକା ବିଦ୍ୟାଳୟ ଠାରେ ଶନିବାର ଦିନ ଡ. ଶ୍ରୀକର ମିଶ୍ରଙ୍କ ସଭାପତିତ୍ୱରେ ବଲାଙ୍ଗିର ନାଗରିକ କମିଟିର ଦ୍ୱିତୀୟ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତିଙ୍କ ସ୍ୱାଗତ ଭାଷଣ ପରେ ସାଧାରଣ ସଂପାଦକ ମଧୁସୁଦନ ନାୟକ ଗତ ୩ଟି କାର୍ଯ୍ୟକାରୀ କମିଟିର ବିବରଣୀ ପାଠ କରିଥିଲେ ଓ ଗୃହରେ ତାହା ସ୍ୱୀକୃତି ଲାଭ କରିଥିଲା । ସଭାପତି ଡ. ମିଶ୍ର ଏହା ଭିତରେ ବଲାଙ୍ଗିରର ଉନ୍ନତି କଳ୍ପେ ନାଗରିକ କମିଟି ସଂପାଦନ କରିଥିବା ବିଭିନ୍ନ କାର୍ଯ୍ୟକଳାପକୁ ବ୍ୟାଖ୍ୟା କରିଥିଲେ । ନାଗରିକ କମିଟିର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୧୦ଟି ଦଳରେ କମିଟିକୁ ବିଭକ୍ତ କରାଯାଇ ଯୋଗାଯୋଗ ଓ ଯୋଗସୂତ୍ର ରକ୍ଷା ନିମନ୍ତେ ପ୍ରତି ୨୫ ଜଣିଆ ଦଳ ପାଇଁ ଜଣେ ଲେଖାଏଁ ଦଳପତିଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି । ପୁନଶ୍ଚ କ୍ଷିପ୍ରତାର ସହିତ କାର୍ଯ୍ୟ ସଂପାଦନ ସକାଶେ କେତୋଟି ବିଭାଗ ମଧ୍ୟ ସୃଷ୍ଟି କରାଯାଇଛି ଯଦ୍ୱାରା କାର୍ଯ୍ୟକରଣର ବିଭକ୍ତିକରଣ (ଡିଭିଜନ ଅଫ୍ ୱାର୍କ) ମାଧ୍ୟମରେ ସହଜରେ କାର୍ଯ୍ୟ ହାସଲ କରାଯାଇପାରିବ । ଭବିଷ୍ୟତର କାର୍ଯ୍ୟପନ୍ଥା ନିର୍ଦ୍ଧାରିତ ଏକ ସମନ୍ୱିତ ଯୋଜନା ଫର୍ଦ୍ଦ (ଲିଫ୍ଲେଟ) ମଧ୍ୟ ପ୍ରକାଶ କରାଯାଇଛି । ଏ ସମସ୍ତ କାର୍ଯ୍ୟକୁ ଗୃହରେ ସଦସ୍ୟମାନେ ସାଦରେ ଅନୁମୋଦନ କରିଥିଲେ । ପରେ ପରେ ସଦସ୍ୟ ସର୍ବଶ୍ରୀ ଗୋପଭୂଷଣ ନାଥ, ରାହାସ ବିହାରି ମାଝି, ଜୟରାମ ମିଶ୍ର, ଶ୍ରୀମନ୍ତ କୁମାର ପଣ୍ଡା, କିଶୋର କୁମାର ମିଶ୍ର, ସୁଧାଂଶୁ ବାବୁ, ନରେନ୍ଦ୍ର କୁମାର ଆଚାର୍ଯ୍ୟ, ଅଶୋକ କୁମାର ମିଶ୍ର, ଧର୍ମବ୍ରତ ରଥ, ସୁରେନ୍ଦ୍ର କୁମାର ତ୍ରିପାଠି, ଦିବାକର ହୋତା, ପ୍ରମୋଦ କୁମାର ପ୍ରଧାନ, ଋତୁରାଜ ସିଂ, ଗୌର ଚନ୍ଦ୍ର ପୁରୋହିତ, ବ୍ରଜ କିଶୋର ପଣ୍ଡା, ନିତ୍ୟାନନ୍ଦ ମିଶ୍ର ଓ ସଂକିର୍ତନ ତ୍ରିପାଠି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ପ୍ରସ୍ତାବମାନ ଆଗତ କରିଥିଲେ । ପ୍ରସ୍ତାବମାନଙ୍କ ଉପରେ ଆଲୋଚନା ହୋଇ ବଲାଙ୍ଗିରର ଉନ୍ନତି କଳ୍ପେ ଅନେକ ମୁଲ୍ୟବାନ ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ସଭାପତି ଡ. ଶ୍ରୀକର ମିଶ୍ର, ସାଧାରଣ ସଂପାଦକ ମଧୁସୁଦନ ନାୟକ, ସଦସ୍ୟ ନରେନ୍ଦ୍ର କୁମାର ଆଚାର୍ଯ୍ୟ, ବ୍ରଜ କିଶୋର ପଣ୍ଡା, ସଂକିର୍ତନ ତ୍ରିପାଠି, ଜୟରାମ ମିଶ୍ର, ଛବିଲାଲ ବେହେରା, ଋତୁରାଜ ସିଂ ଙ୍କୁ ନେଇ ଏକ ଅସ୍ଥାୟୀ କମିଟି ଗଠନ କରାଯାଇଛି ।

# କଣ୍ଟେଇମୁଣ୍ଡି ବାଇଗଣକୁ ଜିଆଇ ଟ୍ୟାଗ୍ ସାର୍ଟିଫିକେଟ୍



ଖଣ୍ଡପଡ଼ା, ୦୯/୪ (ନି.ପ୍ର): ଖଣ୍ଡପଡ଼ା ବ୍ଲକ୍ ଅଧୀନ ବିଭିନ୍ନ ଅଞ୍ଚଳରୁ ଉତ୍ପାଦିତ କଣ୍ଟେଇମୁଣ୍ଡି ବାଇଗଣକୁ ଜିଆଇ ଟ୍ୟାଗ୍ ମାନ୍ୟତା ମିଳିଛି। ଗତ ୨ତାରିଖରେ ଏନେଇ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି। ନୟାଗଡ଼ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ଓ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ମିଳିତ ଉଦ୍ୟମରେ ଜିଆଇ ଟ୍ୟାଗ୍ ପାଇଁ ଦରଖାସ୍ତ କରାଯାଇଥିଲା। ଗତ ଜାନୁଆରି ମାସ ୨ ତାରିଖରେ ପ୍ରଥମେ ମାନ୍ୟତା ପ୍ରଦାନ ନେଇ ଘୋଷଣା କରାଯାଇଥିବା ବେଳେ ଏବେ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି। ଚେନ୍ନାଇସ୍ଥିତ କାର୍ଯ୍ୟାଳୟ ପକ୍ଷରୁ ବାଣପୁର ନୀଳମାଧବ କୃଷି ସଂଗଠନକୁ ଏହି ସାର୍ଟିଫିକେଟ୍ ମିଳିଛି। ଏହି ସୂଚନା ମିଳିବା ପରେ କର୍ଣ୍ଣିଲୋ, ଖଣ୍ଡପଡ଼ା ଓ ନୟାଗଡ଼ ଅଞ୍ଚଳର ଚାଷୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଉଲ୍ଲେଖଯୋଗ୍ୟ, ଖଣ୍ଡପଡ଼ା ଅଞ୍ଚଳର ମହାନଦୀ କୂଳରେ ଥିବା କର୍ଣ୍ଣିଲୋ, ବଡ଼ବାଣପୁର, ସିଧାମୂଳା ଭଳି ଅଞ୍ଚଳରେ କଣ୍ଟେଇ ମୁଣ୍ଡି ବାଇଗଣ ବ୍ୟାପକ ଭାବେ ଚାଷ କରାଯାଇଥାଏ। ଏହାର ଚାହିଦା ଓ ସ୍ୱତନ୍ତ୍ରତା ଲାଗି ଦୀର୍ଘକାଳ ଧରି ଜିଆଇ ମାନ୍ୟତା ନିମନ୍ତେ ଦାବି ହୋଇଆସୁଥିଲା।

# ପାଣି ଭିତରେ ନିଖୋଜଙ୍କୁ ଖୋଜିବ କ୍ୟାମେରା: ୧୬୪ ଫୁଟ୍ ଗଭୀରରୁ ଆଣି ପାରିବ ଚିତ୍ର




କଟକ, ୦୯/୪ (ନି.ପ୍ର): ଏଣିକି ନଈ, ନାଳରେ ବୁଡ଼ି ଯାଇଥିବା ଲୋକଙ୍କୁ ମଣିଷ ବଦଳରେ କ୍ୟାମେରା ଖୋଜି ବାହାର କରିବ। ଗଭୀର ପାଣି ଭିତରେ ୱାଟରପ୍ରୁଫ୍ କ୍ୟାମେରା ପଶି ନିଖୋଜ ଲୋକଙ୍କୁ ଠାବ କରି ଅଗ୍ନିଶମ କର୍ମଚାରୀଙ୍କୁ ଏ ସମ୍ପର୍କରେ ସୂଚନା ଦେବ। ସେହି ଅନୁଯାୟୀ ନିଖୋଜ ଲୋକଙ୍କୁ ଉଦ୍ଧାର କରାଯିବ। ଅଗ୍ନିଶମ ବିଭାଗରେ ଏପ୍ରକାର ଅତ୍ୟାଧୁନିକ କ୍ୟାମେରାକୁ 'ଭିକ୍ଟିମ୍ ଲୋକେସନ୍ ସର୍ଚ୍ଚ କ୍ୟାମେରା' କୁହାଯାଉଛି। କଟକର ମହାନଦୀରେ ଏହାର ସଫଳ ପ୍ରୟୋଗ ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ରାଜ୍ୟର ସମସ୍ତ ଜିଲ୍ଲାରେ ଲାଗୁ କରାଯିବ। ସୂଚନା ଅନୁଯାୟୀ, ଓଡ଼ିଶା ଅଗ୍ନିଶମ ବିଭାଗକୁ ପ୍ରଥମ ଥର ପାଇଁ ଗୋଟିଏ ୱାଟରପ୍ରୁଫ କ୍ୟାମେରା ପରୀକ୍ଷାମୂଳକ ଭାବେ ଆସିଛି। କଟକ ବକ୍ସିବଜାରସ୍ଥିତ ଅଗ୍ନିଶମ କେନ୍ଦ୍ରକୁ ଏହି କ୍ୟାମେରା ହସ୍ତାନ୍ତର କରାଯାଇଛି। କ୍ୟାମେରା ୱାଟରପ୍ରୁଫ ହୋଇଥିବା ବେଳେ ଏଥିରେ ୫୦ ମିଟର କେବୁଲ ରହିଛି। ଅର୍ଥାତ ନଦୀ କିମ୍ବା ନାଳରେ ୧୬୪ ଫୁଟ୍ ଗଭୀରକୁ ଏହି କ୍ୟାମେରା ଯାଇପାରିବ। ବୋଟ୍‌ରେ ଯାଉଥିବା ଅଗ୍ନିଶମ କର୍ମଚାରୀମାନେ ଏକ କମ୍ପ୍ୟୁଟର ଆକୃତିର ଡିସ୍‌ପ୍ଲେ ରଖିବେ। ଏଥିରେ କେବୁଲ୍ ସଂଯୋଗ ହୋଇ କ୍ୟାମେରା ସହିତ ଗଭୀର ପାଣି ଭିତରକୁ ଛଡ଼ାଯିବ। ଏଥିରେ ଚାରିଟି କ୍ୟାମେରା ସଂଯୋଗ ରହିଛି। ଏହାରି ମାଧ୍ୟମରେ ନଦୀରେ ନିଖୋଜ ହେଉଥିବା ଲୋକଙ୍କୁ ଠାବ କରାଯିବ। ଦିନ ସମୟ ସହିତ ରାତିର ଅନ୍ଧାରରେ ବି କ୍ୟାମେରାରେ ପାଣି ଭିତରର ସବୁ ବସ୍ତୁ ସ୍ପଷ୍ଟ ଦେଖାଯିବ। କିନ୍ତୁ ଏଥିରେ ଏକ ସମସ୍ୟା ଦେଖାଦେଇଛି। ପାଣି ସ୍ଥିର ନଥିଲେ ଅର୍ଥାତ ପାଣିରେ ସ୍ରୋତ ଥିଲେ କ୍ୟାମେରାରେ ଦୃଶ୍ୟ ଦେଖିବା କଷ୍ଟକର ହୋଇପଡୁଛି। କ୍ୟାମେରାର ଚାରିପଟ ଏବଂ ତଳ ଭାଗରେ ପାଖାପାଖି ୪ ଫୁଟ ଯାଏ ଚିତ୍ର ଦେଖାଯାଉଛି। ଏହି 'ଭିକ୍ଟିମ ଲୋକେସନ୍ ସର୍ଚ୍ଚ କ୍ୟାମେରା'କୁ ପରିଚାଳନା କରିବା ପାଇଁ ବ୍ୟବହାର ହେଉଥିବା ଦୁଇଟି ବ୍ୟାଟେରିରେ ୪ ଘଣ୍ଟାର ବ୍ୟାକ୍‌ଅପ୍ ରହିଛି। ଏଥିରେ ପାଣି ଭିତରର ଭିଡିଓ ରେକର୍ଡ ହୋଇ 'ମେମୋରି କାର୍ଡ'ରେ ରହିପାରିବ। କ୍ୟାମେରାରେ ଏଲ୍‌ଇଡି ଲାଇଟ୍ ବ୍ୟବସ୍ଥା ବି ରହିଛି। ଏହି କ୍ୟାମେରାକୁ ଏପ୍ରିଲ ୪ ତାରିଖରେ ବାଙ୍କୀରେ ମହାନଦୀରେ ହଜିଥିବା ଜଣେ ଶିଶୁକୁ ଉଦ୍ଧାର କ୍ଷେତ୍ରରେ ବ୍ୟବହାର କରାଯାଇଥିଲା। ଗଲା ୭ ତାରିଖରେ ମହାନଦୀ ହାତୀଗଡ଼ା ନିକଟରେ ସିଡିଏ ସେକ୍ଟର ୬ ଅଞ୍ଚଳର ରୂପକ ବାନାର୍ଜୀ ବୁଡ଼ିଯାଇଥିଲେ। ତାଙ୍କୁ ଏହି କ୍ୟାମେରା ବ୍ୟବହାର କରି ଉଦ୍ଧାର କରାଯାଇଥିଲା। ମାତ୍ର ୪୦ ମିନିଟ ଭିତରେ ଠାବ କରାଯାଇଥିଲା। ରବିବାର ପ୍ରାୟ ରାତି ୧୨ଟା ବେଳେ ବାରଙ୍ଗରେ ଏକ କେନାଲରେ ଜଣେ ବ୍ୟକ୍ତି ବୁଡ଼ିଯାଇଥିବା ବେଳେ ତାଙ୍କୁ ମଧ୍ୟ ଉଦ୍ଧାର କରିବା ପାଇଁ ୮ ତାରିଖରେ ଏହି କ୍ୟାମେରା ବ୍ୟବହାର କରାଯାଇଛି। ଗଲା ଏକ ମାସ ମଧ୍ୟରେ କଟକ ବକ୍ସିବଜାର କେନ୍ଦ୍ରରୁ ଏହି କ୍ୟାମେରା ସୁନ୍ଦରଗଡ଼, ଅନୁଗୁଳ, ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଅଞ୍ଚଳକୁ ଯାଇ ବ୍ୟବହାର କରାଯାଇଥିଲା। ଅଗ୍ନିଶମ ଡିଜି ଡକ୍ଟର ସୁଧାଂଶୁ ଷଡ଼ଙ୍ଗୀ କହିବା ଅନୁଯାୟୀ, ଓଡ଼ିଶାକୁ ଏହି କ୍ୟାମେରା ମାତ୍ର ଗୋଟିଏ ଆସିଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଅଧିକ କ୍ୟାମେରା ଆଣିବାକୁ ପଦକ୍ଷେପ ନିଆଯିବ।

# ରାସ୍ତା ପାଇଁ ସଂଘର୍ଷ: ୨ଥର ଭୋଟ୍ ବର୍ଜନ କରିଥିଲେ, ଏଥର ବି ଭୋଟ ବର୍ଜନ



ଭବାନୀପାଟଣା, ୦୯/୪ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକର ଦୁଣ୍ଡା ଗ୍ରାମବାସୀ ରାସ୍ତା ପାଇଁ ସଂଘର୍ଷ କରୁଛନ୍ତି। ଏଥିନେଇ ଗତ ୨୦୨୨ ମସିହା ପଞ୍ଚାୟତ ନିର୍ବାଚନ ବେଳେ ୨ ଥର ଭୋଟ ବର୍ଜନ କରିସାରିଛନ୍ତି। ତା'ପରେ ବି କୌଣସି ପଦକ୍ଷେପ ନିଆ ନଯିବାରୁ ପୁଣିଥରେ ଭୋଟ୍ ବର୍ଜନ ପାଇଁ ଗ୍ରାମବାସୀ ସଜବାଜ ହେଉଛନ୍ତି। ଜୁନାଗଡ଼ ବ୍ଲକ୍ ଦୁନ୍ଦେଲମାଲ ପଞ୍ଚାୟତର ଦୁଣ୍ଡା ଗାଁ ହେଉଛି ଏକ ବଣପାହାଡ଼ଘେରା ଦୁର୍ଗମ ଅଞ୍ଚଳ। ଉପର ଦୁଣ୍ଡା ଓ ତଳ ଦୁଣ୍ଡା ଗାଁରେ ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର ୫୦୦ରୁ ଅଧିକ ପରିବାର ବସବାସ କରୁଛନ୍ତି। ଗାଁରୁ ଦୁନ୍ଦେଲମାଲ ପଞ୍ଚାୟତ ଅଫିସ୍ ୧୬ କିମି ଦୂର ଓ ଜୁନାଗଡ଼ ବ୍ଲକ୍ ଅଫିସ୍ ୨୬ କିମି ଦୂର। ରାସ୍ତା ନ ଥିବାରୁ ଲୋକେ ପାହାଡ଼ ଚଢ଼ି ବିପଦସଂକୁଳ ଅବସ୍ଥାରେ ଯିବାଆସିବା କରିଥାନ୍ତି। ଜରୁରୀକାଳୀନ ସ୍ଥିତିରେ ଗାଁକୁ ଆମ୍ବୁଲାନ୍ସ ଯାଇପାରେ ନାହିଁ। ରୋଗୀ, ଗର୍ଭବତୀଙ୍କୁ ଡାକ୍ତରଖାନାକୁ ନେବାକୁ ହେଲେ ଖଟିଆରେ ବୋହି ଥୁଆମୂଳ ରାମପୁର ଅଞ୍ଚଳର କିଆପଦର ଦେଇ ୩୭ କିମି ଭବାନୀପାଟଣା ଡାକ୍ତରଖାନାକୁ ନେଇଥାନ୍ତି। ଗାଁରେ ୨ ନଳକୂଅ ଓ ଗୋଟିଏ ସୌରଶକ୍ତିଚାଳିତ ପମ୍ପ ରହିଛି। ତନ୍ମଧ୍ୟରୁ ଗୋଟିଏ ନଳକୂଅ ଓ ସୌରଶକ୍ତିଚାଳିତ ପମ୍ପ ଖରାପ ହୋଇଛି। ଫଳରେ ଗ୍ରାମବାସୀ ନାଳର ଦୂଷିତ ପାଣି ପିଉଛନ୍ତି। ଦୂଷିତ ପାନୀୟ ଜଳ କାରଣରୁ ଗାଁର ଲୋକେ କିଡ୍‌ନି ରୋଗରେ ଆକ୍ରାନ୍ତ ହେଉଛନ୍ତି। କେବଳ ୨୦୨୨ ମସିହାରେ କିଡ୍‌ନି ରୋଗରେ ଆକ୍ରାନ୍ତ ୧୦ ଜଣଙ୍କ ମୃତ୍ୟୁ ହୋଇଛି। ଏବେବି ଗାଁର ୩୦ରୁ ଅଧିକ ଲୋକ କିଡ୍‌ନି ରୋଗରେ ଆକ୍ରାନ୍ତ ଅଛନ୍ତି। ଏହି ଗ୍ରାମବାସୀଙ୍କ ପାଇଁ ମୋବାଇଲ ନେଟ୍‌ୱର୍କ ସାତ ସପନ ହୋଇଛି। ଏହି ଅଞ୍ଚଳ ପାଇଁ ତଳଦୁଣ୍ଡାରେ ବୁଥ୍ ଥିବାବେଳେ ୧୪୩ ଜଣ ପୁରୁଷ ଓ ୧୭୧ ଜଣ ମହିଳା ମିଶି ୩୧୪ ଜଣ ଭୋଟର ଅଛନ୍ତି। ପ୍ରତି ନିର୍ବାଚନ ଆସିଲେ ନେତାମାନେ ରାସ୍ତା ନିର୍ମାଣ ପ୍ରତିଶ୍ରୁତି ଦେଇ ଭୋଟ ନିଅନ୍ତି। ଭୋଟ୍ ସରିଲେ ପ୍ରତିଶ୍ରୁତି ଭୁଲି ଯାଆନ୍ତି। ୨୦୨୨ ମସିହାରେ ଦୁଣ୍ଡା ଗ୍ରାମକୁ ନିର୍ବାଚନ ସମୟରେ ପୋଲିଂ ପାର୍ଟି ଯାଇଥିଲେ। ହେଲେ ଗ୍ରାମବାସୀ ଭୋଟ୍ ବର୍ଜନ କରିଥିଲେ। ଫଳରେ ପୋଲିଂ ପାର୍ଟି ଫେରି ଯାଇଥିଲେ। ପରେ ପୁଣି ଲୋକଙ୍କୁ ମନାଇ ଭୋଟ୍ ଦାନ ପାଇଁ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଗ୍ରାମବାସୀ ନିଜ ଜିଦ୍‌ରେ ଅଟଳ ରହି ଭୋଟ୍ ଦେଇନଥିଲେ। ରାସ୍ତା ନିର୍ମାଣ ଓ ପାନୀୟ ଜଳର ସୁବିଧା ନ ହେଲେ ଗ୍ରାମବାସୀମାନେ ଭୋଟ୍ ବର୍ଜନ କରିବେ ବୋଲି ବିଧାୟକ ଓ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନହେବାରୁ ପୁଣି ଥରେ ଭୋଟ୍ ବର୍ଜନ କରିବେ ବୋଲି କିଛିଦିନ ତଳେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

# ମାଇଁ ଏନସିସି ଆଲୁମିନି ଆସୋସିଏସନର ପ୍ରତିଷ୍ଠା ଦିବସ ପାଳିତ

କେନ୍ଦ୍ରାପଡ଼ା, ୦୯/୪ (ନି.ପ୍ର): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପଞ୍ଜିକୃତ ମାଇଁ ଏନସିସି ଆଲୁମିନି ଆସୋସିଏସନର ସପ୍ତମ ବାର୍ଷିକ ପ୍ରତିଷ୍ଠା ଦିବସ ଏକ ନିଆରା ଢଙ୍ଗରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସ୍ଥାନୀୟ କାଜଳା ସ୍ଥିତ ନିମାଇଁ ଚରଣ ମାନସିକ ନ୍ୟୁନ୍ୟତା ସଂସ୍ଥାନର ଛାତ୍ରଛାତ୍ରୀ ମାନଙ୍କୁ ଆସୋସିଏସନ ପକ୍ଷରୁ ଶୁଖିଲା ଖାଦ୍ୟ, ଚକଲେଟ ଓ କେକ ପ୍ରଭୃତି ବଂଟନ କରାଯାଇ ପାଳନ କରାଯାଇଥିଲା । ସେମାନଙ୍କ ମୁହଁରେ ଟିକେ ହସ ଫୁଟାଇ ଏକ ଆନନ୍ଦ ଉଲ୍ଲାସର ବାତାବରଣ ସୃଷ୍ଟି କରାଯାଇଥିଲା । ଏହି ନିରାଡମ୍ବର କାର୍ଯ୍ୟକ୍ରମରେ ଏନସିସି ବାଳିକା ବିଭାଗର କ୍ୟାପଟେନ ସୀମା ମହାନ୍ତି ଏବଂ ସେହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍ୱପ୍ନାସୁ ଦାସ, ସ୍କୁଲର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଏବଂ ଏନସିସି ବାଳକ ଓ ବାଳିକା ବିଭାଗର ସମସ୍ତ କ୍ୟାଡେଟଙ୍କ ସମେତ ବହୁ ପୁରାତନ କ୍ୟାଡେଟମାନେ ମଧ୍ୟ ଉପସ୍ଥିତ ଥିଲେ ।

# କର୍କଟ କବଳରେ କୋରାପୁଟ: ୮ ବର୍ଷରେ ୭୨୩୮ ଆକ୍ରାନ୍ତ, ବର୍ଷକରେ ୫୩୫ ନୂଆ ଚିହ୍ନଟ




ଜୟପୁର, ୦୯/୪ (ନି.ପ୍ର): କୋରାପୁଟ ଜିଲ୍ଲାରେ କର୍କଟ ଆକ୍ରାନ୍ତ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଗତ ୮ବର୍ଷରେ ଜିଲ୍ଲାରୁ ଚିହ୍ନଟ ହେଲେଣି ୭୨୩୮ ଆକ୍ରାନ୍ତ। ଚଳିତ ବର୍ଷ ଜିଲ୍ଲାରୁ ନୂଆ ୫୩୫ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ଅଧିକାଂଶ ମହିଳା। ଏମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ସ୍ତନ କର୍କଟରେ ଆକ୍ରାନ୍ତ ଥିବା ଜଣାପଡ଼ିଛି। ଦିନକୁ ଦିନ କର୍କଟ ରୋଗର ଭୟବହତା ଜିଲ୍ଲାରେ ବଢ଼ିବାରେ ଲାଗିଛି। ନିରାକରଣ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର ବିଭାଗ ସହ 'ଡେ କେୟାର' ୟୁନିଟ୍ ଖୋଲାଯାଇଛି। ୭୨୩୮ ଆକ୍ରାନ୍ତଙ୍କ ମଧ୍ୟରେ ୩ହଜାର ୫୭୩ଜଣ ପୁରୁଷ ଏବଂ ୩ ହଜାର ୬୬୫ଜଣ ମହିଳା ରହିଛନ୍ତି। ମହିଳାଙ୍କ ମଧ୍ୟରୁ ସବାଧିକ ୧୪୫୯ଜଣ ସ୍ତନ କର୍କଟରେ ଆକ୍ରାନ୍ତ। ୮୨୯ ମୁଖ ଗହ୍ୱର (ଓରାଲ, ହେଡ୍ ଆଣ୍ଡ ନେକ୍), ୮୦୭ ପେଟ ଜନିତ କର୍କଟରେ ଆକ୍ରାନ୍ତ। ସର୍ଭାଇକାଲ, ଓଭାରି ସହ ଅନ୍ୟାନ୍ୟ କର୍କଟ ରୋଗୀ ବି ଅଛନ୍ତି। ଇତି ମଧ୍ୟରେ ୪ହଜାର ୧୧୭ ଆକ୍ରାନ୍ତଙ୍କୁ କେମୋଥେରାପି ଦିଆଯାଇଛି। ରୋଗ ଚିହ୍ନଟରୁ ଆରମ୍ଭ କରି ପରୀକ୍ଷା, କେମୋଥେରାପି ଏବଂ ଔଷଧ ସବୁ ମାଗଣାରେ ଯୋଗାଇ ଦିଆଯାଉଥିବା ଡିଡିସିସି ଅଧିକାରୀ ଡା. ଐଶ୍ୱର୍ଯ୍ୟ କୁମାର ପୃଷ୍ଟି କହିଛନ୍ତି। ଆଗୁଆ ରୋଗ ଚିହ୍ନଟ, ପରୀକ୍ଷା, ଚିକିତ୍ସା, ପରବର୍ତ୍ତୀ ସେବା ଏବଂ ସଚେତନତା ଉପରେ ଅଧିକ ଗୁରୁତ୍ୱ ଦେଲେ କର୍କଟ ରୋଗରୁ ବର୍ତ୍ତି ହେବ ବୋଲି କହିଛନ୍ତି ଡା. ପୃଷ୍ଟି। କ୍ୟାନସର୍ ରୋକିବାକୁ ଧୂମପାନ ଉପରେ କଟକଣା ଲଗାଇଛନ୍ତି ସରକାର।

# ମୃତ୍ୟୁ ସହ ସଂଗ୍ରାମରତ ଦାଦନ ସରୋଜଙ୍କୁ ଉଦ୍ଧାର ପାଇଁ ପରିବାରର ଆକୁଳ ନିବେଦନ

ବଲାଙ୍ଗୀର, ୦୯/୪ (ନି.ପ୍ର): ରାଜ୍ୟରେ ସରୁନି ଦାଦନ ଦୁଃଖ । ଦାଦନ ସମସ୍ୟା ରୋକିବା ପାଇଁ ସରକାର ଅନେକ ଯୋଜନା କରୁଥିଲେ ହେଁ ଏହାର ସଠିକ ବିନିଯୋଗ ନହେବା ଯୋଗୁଁ ଆଜି ମଧ୍ୟ ହଜାର ହଜାର ଲୋକ ଦାଦନ ଖଟିବା ପାଇଁ ଯାଉଛନ୍ତି । ତେବେ ଅନେକ ଥର ଦାଦନ ଖଟିବାକୁ ଯାଇ ଶ୍ରମିକଙ୍କର ମୃତ୍ୟୁ ହେବା ଓ ନିଖୋଜ ଘଟଣା ସାମ୍ନାକୁ ଆସୁଥିବା ବେଳେ ଏବେ ଆଉ ଏକ ଘଟଣା ସାମ୍ନାକୁ ଆସିଛି । ବଲାଙ୍ଗୀର ଜିଲ୍ଲା ଆଗଲପୁର ବ୍ଲକ ଡୁଡୁକା ଗ୍ରାମରୁ ସରୋଜ କୁମ୍ଭାର ନାମକ ଜଣେ ବ୍ୟକ୍ତି ପେଟପାଟଣା ପାଇଁ ତାମିଲନାଡୁର କୋଏମ୍ବାଟୁର ଦାଦନ ଖଟିବାକୁ ଯାଇଥିବା ବେଳେ ଏବେ ସେଠି ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ଏନେଇ ପରିବାର ଲୋକେ ତାଙ୍କୁ ଫେରାଇ ଆଣିବାକୁ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି ।

ସୂଚନା ମୁତାବକ, ଡୁଡୁକା ଗ୍ରାମର ସରୋଜ କୁମ୍ଭାର ପେଟପାଟଣା ପାଇଁ ତାମିଲନାଡୁ ରାଜ୍ୟ କୋଏମ୍ବାଟୁରକୁ ଦାଦନ ଖଟି ଯାଇଥିଲେ । ତେବେ ଦୀର୍ଘ ବର୍ଷ ହେବ ସେ ସେଠି ଦାଦନ ଖଟି ପରିବାରକୁ ମାସିକ ଖର୍ଚ୍ଚ ତିନି ହଜାର ଟଙ୍କା ପଠାଉଥିଲେ । ହେଲେ କିଛି ସପ୍ତାହ ଆଗରୁ ସେ କାମ କରୁଥିବା କୌଣସି କାରଖାନାର ମାଲିକ ସରୋଜ ଅସୁସ୍ଥ ଥିବା ଓ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବାର ଫୋନ ଯୋଗେ ପରିବାରକୁ କହିଥିଲେ । ଏନେଇ ତାଙ୍କ ସ୍ତ୍ରୀ ଓ ପୁଅ ତାଙ୍କୁ ସେଠୁ ଉଦ୍ଧାର କରିବା ପାଇଁ ସବୁଠି ନେହୁରା ହୋଇଥିଲେ । ଏପରିକି ଲୋକଙ୍କୁ ଆର୍ଥିକ ସାହାଯ୍ୟ ମଧ ମାଗି ଅସଫଳ ହୋଇଥିଲେ । ଯାହା ପରେ ସେମାନେ ବଲାଙ୍ଗୀର ଜିଲ୍ଲାପାଳଙ୍କ ନିକଟରେ ସରୋଜଙ୍କୁ ଉଦ୍ଧାର ପାଇଁ ଲିଖିତ ନିବେଦନ କରିଥିଲେ । ସେହିପରି ସେମାନେ ବଲାଙ୍ଗୀରର ସ୍ୱେଚ୍ଛାସେବୀ ସଂଗଠନ ବିଙ୍ଗ୍ ହ୍ୟୁମାନକୁ ସାହାଯ୍ୟ ପାଇଁ ନିବେଦନ କରିଛନ୍ତି । ତେବେ ସମ୍ପୃକ୍ତ ସଂଗଠନ ଏହି ମାମଲାରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଜିଲ୍ଲାପାଳ ଶ୍ରମ ଅଧିକାରୀଙ୍କୁ ଶ୍ରମିକଙ୍କ ଉଦ୍ଧାର ଦିଗରେ ଶୀଘ୍ର ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ଏନେଇ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଦାଦନ ଶ୍ରମିକଙ୍କ ସ୍ତ୍ରୀ ଅନିତା କୁମ୍ଭାର କହିଛନ୍ତି ଯେ, ତାଙ୍କ ସ୍ୱାମୀ ଘର ଓ ପରିବାରର ପେଟପାଟଣା ପାଇଁ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଥିଲେ । କିଛି ସପ୍ତାହ ପୂର୍ବରୁ ତାଙ୍କୁ ସେଠୁ ଏକ ଫୋନ ଆସିଥିଲା । ଯେଉଁଥିରେ ତାଙ୍କ ସ୍ୱାମୀ ଗୁରୁତର ଅସୁସ୍ଥ ଥିବାବେଳେ ତାଙ୍କୁ ନେଇ ଯିବାକୁ ସେ କହିଥିଲେ । ସେହିପରି ସେହି କମ୍ପାନୀର ମାଲିକ କିଛି ଦିନ ପୂର୍ବରୁ ତାଙ୍କ ସ୍ୱାମୀ ସହ ତାଙ୍କର ଫୋନ ଯୋଗେ କଥା କରାଇଥିଲେ । ସେହିଦିନଠୁ ଆଉ ତାଙ୍କ ସ୍ୱାମୀଙ୍କ ଖୋଜ ଖବର ମିଳିପାରୁନାହିଁ । ଏପଟେ ହାତରେ ଟଙ୍କା ନଥିବାରୁ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପାରୁନଥିବାର ସେ କହିଛନ୍ତି । ତେଣୁ ଶୀଘ୍ର ତାଙ୍କ ସ୍ୱାମୀଙ୍କୁ ଉଦ୍ଧାର କରିବାକୁ ସେ ପ୍ରଶାସନ ନିକଟରେ ନେହୁରା ହୋଇଛନ୍ତି ।

# ଚୈତ୍ର ମଙ୍ଗଳବାର ତୃତୀୟ ପାଳି ପନ୍ଥେଇ ପୂଜା

ପୁରୀ, ୦୯/୪ (ନି.ପ୍ର): ଚୈତ୍ର ମଙ୍ଗଳବାର ତୃତୀୟ ପାଳିରେ ଆଜି ଗାଁ ଠୁ ସହରର ସାହି ଗଳି କନ୍ଦିରେ ବାଟରେ ଶ୍ରଦ୍ଧା, ନିଷ୍ଠା ଓ ଭକ୍ତିର ସହ ହୁଳହୁଳି ଧ୍ୱନିରେ କମ୍ପିଛି ମା ମଙ୍ଗଳାଙ୍କ ପନ୍ଥେଇ ପୂଜା ସ୍ଥାନ । ଚୈତ୍ର ମାସର ପ୍ରତ୍ୟେକ ମଙ୍ଗଳବାର ଏହାକୁ ପାଳନ କରାଯାଉଥିବାରୁ ଏହାକୁ ଚଇତି ମଙ୍ଗଳବାର ଓଷା ବୋଲି କୁହାଯାଏ । ବାଟରେ ପୂଜା କରାଯାଉଥିବାରୁ ଏହା ବାଟ ମଙ୍ଗଳା ଓଷା ବା ପନ୍ଥେଇ ପୂଜା ଭାବେ ପରିଚିତ । ପରିବାର ତଥା ସନ୍ତାନଙ୍କ ଶୁଭ ମନାସୀ ସଧବା ନାରୀମାନେ ମେଳ ହୋଇ ଏହି ପୂଜା ନିଷ୍ଠାର ସହ କରିଥାନ୍ତି । ବିଧି ଅନୁସାରେ ଦାଣ୍ଡରେ ପନ୍ଥେଇ ଗାତ ଖୋଳା ଯାଇ ତାହାକୁ ଗୋବର ପାଣିରେ ଲିପା ପୋଛା କରାଯାଏ । ପନ୍ଥେଇ ଭିତରେ ହଳଦି, ଚୁଆ, କ୍ଷୀର, ଜଳ ଆଦି ଅର୍ପଣ କରାଯାଏ । ସେହିପରି ପନ୍ଥେଇର ଚାରି ପାର୍ଶ୍ୱରେ ଆମ୍ବ ଡ଼ାଳ, ଗୁଆ, ସିନ୍ଦୁର, ନାଲି ମନ୍ଦାର ଓ ବିଭିନ୍ନ ଫୁଲରେ ଏବଂ ମୁରୁଜ ପକାଯାଇ ସଜାଯାଏ । ଏହାସହ ସେଉ, କଦଳୀ, ଅଙ୍ଗୁର, କମଳା, ପିଜୁଳି ଆଦି ବିଭିନ୍ନ ଫଳ ଆଦି ଆଣିବା ସହ ଖଇ, କୋରା, ଚଣା, ଫେଣି, ସାକର ଆଦି ଭୋଗ ଆଣି ପୂଜା ସ୍ଥାନରେ ରଖାଯାଇଥାଏ । କ୍ଷୀର, ଛେନା, କଦଳୀ, ନଡ଼ିଆ, ଗୋଲମରିଚ ସହ ସୁସ୍ୱାଦୁ ଦ୍ରବ୍ୟ ମିଶ୍ରଣ କରି ପଣା ତିଆରି ହୋଇ ଲାଗି କରାଯାଏ । ଧୂପ, ଦୀପ, ଝୁଣା ସହଶଙ୍ଖ ଫୁଙ୍କି ମା ମଙ୍ଗଳାଙ୍କୁ ବନ୍ଦପନା ଓ ପୂଜା କରିଥାନ୍ତି । ଓଷା ବ୍ରତ ବହିକୁ ବ୍ରତଧାରୀ ମହିଳାମାନେ ଏକତ୍ରିତ ହୋଇ ପଢିଥାନ୍ତି । ବ୍ରତ କରିଥିବା ମହିଳାମାନେ ଧଳା ସୂତାରେ ୧୩ଟି ଗଣ୍ଠି ପକାଇ ବ୍ରତକୁ ଧାରଣ କରନ୍ତି । ପୂଜା ଶେଷ ହେବା ପରେ ବ୍ରତ କରିଥିବା ମହିଳମାନେ ପନ୍ଥେଇରେ ଲାଗି ହୋଇଥିବା ପଣାକୁ ପ୍ରସାଦ ରୂପେ ପାଆନ୍ତି । ଏହାସହ ଆଖପାଖ ସାହି ପଡ଼ିଶାଙ୍କୁ ପଣା ଦେବା ସହ ଛୋଟ ଛୋଟ ପିଲାମାନଙ୍କୁ ମଧ ଦେଇଥାନ୍ତି ।

# କନ୍ଧମାଳ ସଂସଦୀୟ କ୍ଷେତ୍ରରେ ନିର୍ବାଚନ ସଚେତନତା ରଥର ଶୁଭାରମ୍ଭ

କନ୍ଧମାଳ, ୦୯/୪ (ନି.ପ୍ର): ଚଳିତ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ନିର୍ବାଚନ ଆୟୋଗଙ୍କ ପ୍ରସ୍ତାବିତ ନୀତିନୀୟମକୁ ପାଳନ କରି ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ବିଭିନ୍ନ ସାମାଜିକ ସଂଗଠନ ମାନେ ନିଜର ତତ୍ପରତା ଦେଖାଇଛନ୍ତି । କନ୍ଧମାଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ତରଫରୁ ଏକ ଅଭିନବ ଉପାୟରେ ଭୋଟର ମାନଙ୍କୁ ସଚେତନ କରିବାକୁ ପ୍ରୟାସ କରାଯାଇଛି । ଏହି ପରିପ୍ରେକ୍ଷୀରେ କନ୍ଧମାଳ ସଂସଦୀୟ କ୍ଷେତ୍ରର ୭ଟି ବିଧାନସଭା ଅନ୍ତର୍ଗତ ସମସ୍ତ ଭୋଟରଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏକ ସଚେତନତା ରଥ ଫୁଲବାଣୀ ଉପଜିଲ୍ଲାପାଳ ଚିତ ରଞ୍ଜନ ମହନ୍ତ ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଫୁଲବାଣୀର ପ୍ରକଳ୍ପ ପ୍ରଶାସକ ଦେବଜାନୀ ଭୂୟାଁଙ୍କ ଦ୍ୱାରା ଉଦ୍ଘାଟିତ ହୋଇଯାଇଛି । ଏଥିରେ ସ୍ୱାତୀର ସଂପାଦକ ଇଂ. ହରି ଶଙ୍କର ରାଉତ, ଅଧକ୍ଷ ପ୍ରଶାନ୍ତ ଶତପଥୀ, କୋଷାଧକ୍ଷ ଶାନ୍ତନୁ କୁମାର ମିଶ୍ର, ପ୍ରକଳ୍ପ ସଂଯୋଜକ ପ୍ରଦୀପ ସ୍ୱାଇଁ, ବିଶ୍ୱରଞ୍ଜନ କରଙ୍କ ସମେତ ଉପଜିଲ୍ଲାପାଳ ଓ ଆଇ.ଟି.ଡି.ଏ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ଏବଂ ସ୍ୱାତୀର କର୍ମୀ ମାନେ ଉପସ୍ଥିତ ଥିଲେ । ନୂଆ ଭୋଟର ମାନେ କିପରି ସଠିକ ଭାବେ ଭୋଟ ଦେବେ ଏବଂ ଭୋଟଦାନର ହାର ବୃଦ୍ଧି ହୋଇ ଅନ୍ୟୁନ ୭୫ ପ୍ରତିଶତରୁ ଅଧିକ ହୋଇପାରିବ ସେହି ଲକ୍ଷ୍ୟ ନେଇ ଗାଁ ଗାଁରେ ସଚେତନତା ବାର୍ତ୍ତା ପହଂଚାଇବାକୁ ଚେଷ୍ଟା କରାଯାଉଛି । ଏଥିସହିତ ବିଭିନ୍ନ ପ୍ରଚାର ପତ୍ର ବଂଟନ ମାଧ୍ୟମରେ ଭୋଟଦାନ ପ୍ରକ୍ରିୟାକୁ କିପରି ସରଳ ଓ ସହଜ କରିହେବ ତାହା ଉପ ଜିଲ୍ଲାପାଳ ମତବ୍ୟକ୍ତ କରିବା ସହ ସ୍ୱାତୀ ଅନୁଷ୍ଠାନର ଏହି ପ୍ରୟାସକୁ ପ୍ରଶଂସା କରିଥିଲେ ।

ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗ ଦେଇ ରେଡିଓ ସ୍ୱାତୀ ମାଧ୍ୟମରେ ବିଭିନ୍ନ ଅଧିକାରୀ ମାନଙ୍କର ବାର୍ତ୍ତାକୁ ଲୋକମାନଙ୍କ ପାଖରେ ପହଂଚାଇ ଅବାଧ ଓ ନିରପେକ୍ଷ ମତଦାନ କନ୍ଧମାଳ ଲୋକସଭା କ୍ଷେତ୍ରରେ ହୋଇପାରିବ ତାହା ଉପରେ ଗୁରୁତ୍ୱ ଦେଇ କହିଥିଲେ । ଅନୁଷ୍ଠାନର ସମ୍ପାଦକ ଆଜିଠାରୁ ସଚେତନତା ରଥର କାର୍ଯ୍ୟସୂଚୀ ସଂପର୍କରେ ଅବଗତ କରାଇବା ସହ ରେଡିଓ ସ୍ୱାତୀରେ ମଧ ପ୍ରସାରଣ ଆରମ୍ଭ ହେବବୋଲି ଜଣାଇଥିଲେ ।

# ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଅବସରରେ ସୁବର୍ଣ୍ଣପୁର ଜିଲ୍ଲା ପୋଲିସ୍ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜନ

ସୁବର୍ଣ୍ଣପୁର, ୦୯/୪ (ନି.ପ୍ର): ରାଷ୍ଟ୍ରୀୟ ହିନ୍ଦୁ ନବ ବର୍ଷ ଅବସରରେ ସୁବର୍ଣ୍ଣପୁର ଜିଲ୍ଲା ପୋଲିସ୍ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଏହି ଶିବିରକୁ ସୁବର୍ଣ୍ଣପୁର ଏସପି ଶ୍ରୀ ୟସ୍ ପ୍ରତାପ ଶ୍ରୀମାଲ ଶୁଭ ଉଦ୍ଘାଟନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଅତିରିକ୍ତ ଏସପି ବିରେନ୍ଦ୍ର କୁମାର ନାୟକ, ରକ୍ତଦାତା ମନୋଜ ପଣ୍ଡା, ମହିଳା ପୋଲିସ କର୍ମଚାରୀ ଅର୍ପିତା ପଟ୍ଟନାୟକ, ବିଶ୍ୱ ବନ୍ଦିତା ପଟ୍ଟନାୟକ, ସୁଭାଷିନୀ ପଧାନ, ଶୁଭଶ୍ରୀ ଦାଶ, ସଂଗୀତା ପାତ୍ର, ସନ୍ଧ୍ୟା ବାଗ ପ୍ରମୁଖ ୫୦ ରୁ ଉର୍ଦ୍ଧ୍ୱ ରକ୍ତଦାତା ରକ୍ତଦାନ କରି ଏସପି ଶ୍ରୀ ଶ୍ରୀମାଲଙ୍କ ଠାରୁ ସମ୍ବର୍ଦ୍ଧିତ ହୋଇଥିଲେ । ସୋନପୁରର ବିଶିଷ୍ଟ ବ୍ୟବସାୟୀ ତ୍ରିଲୋଚନ ପାଣିଗ୍ରାହି ଓ ତାଙ୍କ ଧର୍ମପତ୍ନୀ ଅଞ୍ଜଳି ପାଣିଗ୍ରାହୀ ଦମ୍ପତି ଆଜି ଏହୀ ଶିବିରରେ ପ୍ରଥମେ ରକ୍ତଦାନ କରି ନୂଆଁ ଓ ମହିଳା ରକ୍ତଦାତା ଙ୍କୁ ଉତ୍ସାହିତ କରିଥିଲେ । ପୋଲିସ୍ କନେଷ୍ଟବଳ ସଂଘ ସଭାପତି ଦିନେଶ ମିଶ୍ର, ରକ୍ତଦାତା ସଂଘ ସଭାପତି ମନୋଜ ପଣ୍ଡା, ହାବିଲଦାର ସନ୍ତୋଷ ପାତ୍ର, ଏସପି ଷ୍ଟେନୋ କୃତିବାସ ମିଶ୍ର ପ୍ରମୁଖ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ପ୍ରକାଶ ଥାଉ କି ଯେ ବିଗତ ଦୁଇବର୍ଷରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ଆମ ପୋଲିସ୍ ବ୍ୟବସ୍ଥା ମାଧ୍ୟମରେ ସୁବର୍ଣ୍ଣପୁର ଜିଲ୍ଲା ପୋଲିସ୍ ସମସ୍ତ ଥାନା ଓ ଫାଣ୍ଡିରେ ଅନେକ ରକ୍ତଦାନ ଶିବିର ସବୁ ଆୟୋଜନ କରି ଦିନକରେ ସୋନପୁର ଥାନାରେ ୩୬୪ ୟୁନିଟ, ଉଲୁଣ୍ଡା ଥାନାରେ ୫୦୯ ୟୁନିଟ, ଡୁଙ୍ଗୁରିପାଲି ଥାନାରେ ୫୨୩ ୟୁନିଟ ଓ ସୋନପୁର କଲେଜରେ ଦିନକରେ ୬୦୫ ୟୁନିଟ୍ ରକ୍ତ ସଂଗ୍ରହ କରି ଜିଲ୍ଲାରେ ରେକର୍ଡ ସୃଷ୍ଟି କରିବା ସହିତ ରାଜ୍ୟ ପୋଲିସ ବିଭାଗ ର ସୁନାମ ଅର୍ଜନ କରିଛି । ଏବଂ ରକ୍ତ ଅଭାବର ସେହି ସଙ୍କଟବେଳେ ଜିଲ୍ଲା ପୋଲିସ ରକ୍ତଦାନ ଶିବିର ଆୟୋଜକ ପୋଲିସ୍ କର୍ମଚାରୀ ମନୋଜ ପଣ୍ଡାଙ୍କ ସଂଯୋଜନାରେ ସ୍ୱଚ୍ଛ ଭାରତ ସଙ୍ଗଠନ, ସୋନପୁର କଲେଜ ଓ ଏନ୍‌ସିସି, ବିଜୁ ପଟ୍ଟନାୟକ ମହିଳା କଲେଜ, ଯଶୋଦା ଦେବୀ ନର୍ସିଂ ସ୍କୁଲ, ସହରର ବିଭିନ୍ନ ସାମାଜିକ ଅନୁଷ୍ଠାନର ସହାୟତା ନେଇ ସୋନପୁର ତଥା ପାଖ ପଡ଼ୋଶୀ ଜିଲ୍ଲାରେ ଦେଖାଦେଇଥିବା ରକ୍ତର ଘୋର ଅଭାବକୁ ସମ୍ପୂର୍ଣ୍ଣ ଦୂର କରିପାରିଛି । ସୋନପୁର ପୋଲିସ୍‌ର ଏହି ମହତ ସେବା କାର୍ଯ୍ୟକୁ ଜାରି ରଖିବାକୁ ଜିଲ୍ଲାବାସୀ ଜିଲ୍ଲା ପୋଲିସକୁ ନିବେଦନ କରିଛନ୍ତି ।

# ବନବିଭାଗର ଚଢ଼ାଉରେ ଖଇର କାଠ ଜବତ: ବଡ଼ଉଡେନ ଗ୍ରାମର କାଠ ଚୋର ଗିରଫ

ବଲାଙ୍ଗୀର, ୦୯/୪ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ବନବିଭାଗ ଦମେଇପାଲି ଅନ୍ତର୍ଗତ ଠୁଟା ସଂରକ୍ଷିତ ଜଙ୍ଗଲରୁ ପନ୍ଦର କ୍ୱିଂଟାଲ ଖଇର କାଠ ଜବତ କରିଥିବା ଜଣାପଡ଼ିଛି । ସୂଚନା ଅନୁସାରେ ଦମେଇପାଲି ଗ୍ରାମ ନିକଟସ୍ଥ ଠୁଟା ସଂରକ୍ଷିତ ଜଙ୍ଗଲରୁ କିଛି ଦୁର୍ବୃର୍ତ୍ତ ବେଆଇନ ଭାବେ ଚୋରା କାଠ ଚାଲାଣ କରୁଥିବା ହରିଶଙ୍କର ବନବିଭାଗ ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ପାଇଥିଲା । ବନବିଭାଗ ଏକ ଟିମ୍ ଗଠନ କରି ସୋମବାର ସନ୍ଧ୍ୟା ସମୟରେ ଦମେଇପାଲି ନିକଟସ୍ଥ ଠୁଟା ସଂରକ୍ଷିତ ଜଙ୍ଗଲଠାରେ ଚଢ଼ାଉ କରି ଆନୁମାନିକ ୧୫ କ୍ୱିଂଟାଲ ଖଇର କାଠ ଜବତ କରିଥିଲେ । ଯାହାର ଆନୁମାନିକ ମୂଲ୍ୟ ୧୮ ହଜାର ଟଙ୍କା ବୋଲି ଜଣାଯାଇଛି । ଖପ୍ରାଖୋଲ ବନବିଭାଗ କାଠକୁ ଜବତ କରିସାରିଲା ପରେ ବେଆଇନ ଭାବେ ଖଇର କାଠ ଚୋରା ଚାଲାଣ ରେ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେମାନଙ୍କୁ ଖୋଜିବାରେ ଲାଗିପଡ଼ିଲା । ତଦନ୍ତ ପରେ ଜଣାପଡିଲା ପଡ଼ିଆବାହାଲ ପଂଚାୟତ ଅନ୍ତର୍ଗତ ବଡ଼ଉଡେନ ଗ୍ରାମର ପୃଥ୍ୱୀରାଜ ରଣା ବେଆଇନ ଭାବେ କାଠ ଚୋରିକରି ବାହାରକୁ ପଠାଇବା ପାଇଁ ସଂଗ୍ରହ କରୁଥିଲା । ମଙ୍ଗଳବାର ସକାଳୁ ଅଭିଯୁକ୍ତଙ୍କୁ ବଡ଼ଉଡେନ ଗ୍ରାମରୁ ଗିରଫ କରାଯାଇଥିବା ଖପ୍ରାଖୋଲ ବନପାଳ ସୁଧୀର ଜେନା ସୂଚନା ଦେଇଛନ୍ତି । ଏନେଇ ଓଆର ନଂ ୯/୨୦୨୩-୨୪ ଅନୁଯାୟୀ ଅଭିଯୁକ୍ତଙ୍କୁ ପାଟଣାଗଡ଼ କୋର୍ଟକୁ ଚାଲାଣ କରାଯିବ ବୋଲି ହରିଶଙ୍କର ବନାଂଚଳ ଅଧିକାରୀ ଅରବିନ୍ଦ ନାଏକ ପ୍ରକାଶ କରିଛନ୍ତି । ଚଢାଉ ବେଳେ ଖପ୍ରାଖୋଲ ବନରକ୍ଷୀ ରାଜେନ୍ଦ୍ର ଧରୁଆଙ୍କ ସହ ବନ ସୁରକ୍ଷା ଦଳ ଉପସ୍ଥିତ ଥିଲେ ।

# ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ରବି ଧାନ କ୍ରୟ କମିଟି ବୈଠକ : ଜିଲ୍ଲାରେ ମେ ୨୨ରୁ ରବି ଧାନ କ୍ରୟ ଆରମ୍ଭ

ସୁବର୍ଣ୍ଣପୁର, ୦୯/୪ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାରେ ରବିଧାନ କ୍ରୟ ନିମନ୍ତେ ଜିଲ୍ଲାସ୍ତରୀୟ କ୍ରୟ କମିଟି ବୈଠକ ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ବର୍ଷ ଜିଲ୍ଲାରେ ମଇ ମାସ ୨୨ ତାରିଖରୁ ରବିଧାନ କ୍ରୟ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି । ଏଥି ନିମନ୍ତେ ୬୦ ଗୋଟି ପ୍ୟାକ୍ସ ଓ ପରିବର୍ଦ୍ଧିତ ୭ ଗୋଟି କେନ୍ଦ୍ର ସହ ୬୭ ଗୋଟି ଏବଂ ୩୭ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ରହିଥିବା ବେଳେ ସମୁଦାୟ ୧୦୪ ଗୋଟି ଧାନ କ୍ରୟ କେନ୍ଦ୍ର ଜରିଆରେ ଯୋଗାଣ ନିଗମ ଧାନ କ୍ରୟ କରିବ । ରବି ଧାନ କ୍ରୟ ପ୍ରକ୍ରିୟା ନିମନ୍ତେ ଟୋକନ ବ୍ୟବସ୍ଥା କରାଯିବ, ମାତ୍ର ଏକର ପ୍ରତି କେତେ ପରିମାଣରେ ଧାନ କିଣାଯିବ ସେଥିପାଇଁ ରାଜ୍ୟ ସ୍ତରୀୟ କ୍ରୟ କମିଟି ନିଷ୍ପତି ଗ୍ରହଣ କଲାପରେ ଜଣାପଡିବ । ଚଳିତ ବର୍ଷ ଧାନ କ୍ରୟ କେନ୍ଦ୍ର ଗୁଡିକରେ ସପ୍ତାହର ୬ ଦିନ ରବିବାର ବ୍ୟତୀତ ସକାଳ ୭ ଘଣ୍ଟା ରୁ ଅପରାହ୍ନ ୧୨ ଘଂଟା ପର୍ଯ୍ୟନ୍ତ ଧାନ କ୍ରୟ କରାଯିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି ପରିସ୍ଥିତି କୁ ଦେଖି ଯଦି ଆବଶ୍ୟକ ପଡେ ତେବେ ରବିବାର ଦିନ ମଧ ମଣ୍ଡି ଚାଲୁ ରହିବ । ଚଳିତ ବର୍ଷ ରବି ଧାନ ବିକ୍ରୟ କରିବା ପାଇଁ ଜିଲ୍ଲାର ୩୫୫୭୯ ଜଣ ଚାଷୀ ପଞ୍ଜିକରଣ ହୋଇଥିବା ବେଳେ ଗତ ରବିରେ ୩୫୫୮୫ ଜଣ ଚାଷୀ ପଂଜିକୃତ ହୋଇ ୨୨୯୯୮୨୧.୬୭ କ୍ୱିଣ୍ଟାଲ ଧାନ କିଣାଯାଇଥିବା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି କ୍ଷ ଗ୍ରୀଷ୍ମ ପ୍ରବାହ ଓ ପ୍ରାକ ମୌସୁମୀ କୁ ଦୃଷ୍ଟିରେ ରଖି ସମସ୍ତ ଧାନ କ୍ରୟ ଗୁଡିକରେ ଯେକୌଣସି ପ୍ରକାର ଅସୁବିଧା କୁ ସମ୍ମୁଖୀନ ଓ ପ୍ରତିହତ କରିବା ନିମନ୍ତେ ପାନୀୟ ଜଳ, ବିଜୁଳି, ଟ୍ରପୋଲିନ ଓ ଚାଷୀ ଙ୍କ ପାଇଁ ଆଶ୍ରୟସ୍ଥଳି ପ୍ରତି ବିଶେଷ ଗୁରୁତ୍ୱ ଦେବା ସହ ଚାଷୀ ଯେପରି ରବି ଧାନ ବିକ୍ରୟକୁ ସହଜ, ସୁବିଧା, ଓ ସ୍ୱଚ୍ଛତାର ସହ କରିପାରିବ ସେଥି ପ୍ରତି ବିଶେଷ ଯତ୍ନବାନ ହେବାକୁ ଜିଲ୍ଲାପାଳ ତଥା ଅଧକ୍ଷା ଶ୍ରୀମତୀ ଦାସ ନିର୍ଦ୍ଦେଶ ଦେବା ସହ ବିଭାଗୀୟ ସମ୍ପୃକ୍ତ ଅଧିକାରୀ ବୃନ୍ଦ ନିଜ ନିଜ ବିଭାଗ ମଧ୍ୟରେ ସୁସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି । ବୈଠକରେ ଚାଷୀ ପ୍ରତିନିଧି ତଥା ମିଲର ସଂଘ ପ୍ରତିନିଧିମାନଙ୍କ ଦ୍ୱାରା ଆଗତ ଗତ ବର୍ଷ ଧାନ କ୍ରୟ ସମୟରେ ଓ ପରେ ଉପୁଜିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ଗତବର୍ଷ ହୋଇଥିବା ତ୍ରୁଟିର ସମାଧାନ ଦିଗରେ ଜିଲ୍ଲା ପ୍ରଶାସନ ଗୁରୁତ୍ୱଦେଇ ଚଳିତ ବର୍ଷ ରବିଧାନ କ୍ରୟକୁ ସୁ ବ୍ୟବସ୍ଥିତ କରାଯିବ ବୋଲି ଜିଲ୍ଲାପାଳ ବୈଠକରେ ସୂଚନା ଦେଇଥିଲେ । ସମ୍ପୃକ୍ତ ସମସ୍ତ ଙ୍କ ମିଳିତ ସହଯୋଗରେ ଚଳିତ ବର୍ଷ ରବି ଧାନ କ୍ରୟ ଯେପରି ସୁରୁଖୁରୁରେ ସମ୍ପନ୍ନ ହେବ ସେଥିପାଇଁ ସମ୍ପୃକ୍ତ ଅଧିକାରୀ ମାନେ ଆଗୁଆ ପ୍ରସ୍ତୁତିର ସରଜମିନ ଯାଂଚ ସହତୃଣ ମୂଳ ସ୍ତରରେ ସୁସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ଅଶ୍ୱିନୀ କୁମାର ମେହେର ,ବୀରମହାରାଜପୁର ଉପଜିଲ୍ଲାପାଳ ଶ୍ରୀ ଲଲାଟେନ୍ଦୁ ସି, ଜିଲ୍ଲା କୃଷି ଅଧିକାରୀ ଡ଼ ବିଭୁତି ଭୂଷଣ ମିଶ୍ର ଜିଲ୍ଲା ଯୋଗାଣ ଅଧିକାରୀ, ସମ୍ପାଦକ ନିୟନ୍ତ୍ରିତ ବଜ଼ାର କମିଟି, ଜିଲ୍ଲା ସମବାୟ ଉପନିବନ୍ଧକ ସୁବର୍ଣ୍ଣପୁର, ଜିଲ୍ଲା ଚାଷୀ ସଂଗଠନର କର୍ମକର୍ତା, ମିଲର୍ସ ପ୍ରତିନିଧି ଓ ଜିଲ୍ଲାସ୍ତରୀୟ ବିଭିନ୍ନ ଅଧିକାରୀ ଅଂଶଗ୍ରହଣ କରି ଆଲୋଚନାରେ ଭାଗ ନେଇଥିଲେ । ବୈଠକରେ ଶ୍ରୀ ସୁରେଶ ପାଣିଗ୍ରାହୀ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସ୍ୱାଗତ କରିବା ସହ ଅଧକ୍ଷ୍ୟଙ୍କ ଅନୁମତିରେ ଆଲୋଚିତ କାର୍ଯ୍ୟ ଖସଡ଼ା ବୈଠକରେ ଉପସ୍ଥାପନ କରିଥିଲେ ।

# ଇଭିଏମ୍ ଓ ଭିଭିପାଟ୍‌ର ପ୍ରଥମ ପର୍ଯ୍ୟାୟ ରାଣ୍ଡମାଇଜେସନ୍

କେନ୍ଦ୍ରାପଡ଼ା, ୦୯/୪ (ନି.ପ୍ର): ଭାରତର ନିର୍ବାଚନ କମିସନ୍ ଏବଂ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଇଭିଏମ୍ ଓ ଭିଭିପାଟ୍‌ର ପ୍ରଥମ ପର୍ଯ୍ୟାୟ ରାଣ୍ଡମାଇଜେସନ୍ ପ୍ରକ୍ରିୟା ସୋମବାର ଠାରୁ ଆରମ୍ଭ ହୋଇଛି । ସମସ୍ତ ରାଜନୈତିକ ଦଳର ପ୍ରତିନିଧି ମାନଙ୍କ ଉପସ୍ଥିତିରେ ଏବଂ ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ଗରାପୁର କପାଳେଶ୍ୱର ମୌଜାସ୍ଥିତ ୱେୟାର୍ ହାଉସ୍‌ଠାରେ ସମ୍ପାଦନ ହେଉଛି । ପ୍ରତିଟି ଇଭିଏମ୍ ଓ ଭିଭିପାଟ୍‌ର କ୍ରମିକ ନମ୍ବରକୁ ର୍‌ୟାଣ୍ଡମ୍‌ଲି ଏକ ନିର୍ଦ୍ଦିଷ୍ଟ ନିର୍ବାଚନ ମଣ୍ଡଳୀ ସହ ଅନ୍‌ଲାଇନ୍ ମାଧ୍ୟମରେ ସ୍ୱଚ୍ଛ ଓ ନିରପେକ୍ଷ ଭାବରେ ସଂଯୋଗ କରାଯାଉଛି । ଏହି ରାଣ୍ଡମାଇଜେସନ୍ ପରେ ସମସ୍ତ ଇଭିଏମ୍ ଏବଂ ଭିଭିପାଟ୍‌କୁ ସଂପୃକ୍ତ ବିଧାନସଭା ଓ ଲୋକସଭାଖଣ୍ଡକୁ ପ୍ରଦାନ କରାଯିବ, ଯାହାକି ସଂପୃକ୍ତ ରିଟର୍ଣ୍ଣିଂ ଅଫିସରଙ୍କ ଦାୟିତ୍ୱରେ ରହିବ । ପୂର୍ବ ସ୍ଥିରୀକୃତ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହା ବିଦ୍ୟାଳୟର ଷ୍ଟ୍ରଙ୍ଗରୁମ୍‌ରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ଏହାକୁ ରଖି ତାଲା ଦିଆଯିବ । ସ୍ୱଚ୍ଛ, ଅବାଧ, ନିରପେକ୍ଷ ନିର୍ବାଚନ ପାଇଁ ୨୪ ଘଂଟିଆ ସଶସ୍ତ୍ର ପୋଲିସ ବାହିନୀର କଡ଼ା ସୁରକ୍ଷାବଳୟ ଏବଂ ସିସିଟିଭି ସୁପରିଭିଜନ ମଧ୍ୟରେ ଏହି ମେସିନ୍ ରହିବ । ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ପ୍ରଫୁଲ୍ଲ କୁମାର ଦାସ, ବିଜେଡି ପକ୍ଷରୁ ଧୀରେନ୍ କୁମାର ସାହୁ, ବିଜେପି ପକ୍ଷରୁ ଉପିନ୍ କୁମାର ରାଉତ ଓ ନିହାର ରଞ୍ଜନ ମହାନ୍ତି, ବହୁ ଜନସମାଜବାଦୀ ପାର୍ଟି ପକ୍ଷରୁ ସୁଧାକର ମଲ୍ଲିକ, ସିପିଆଇ(ଏମ୍) ପକ୍ଷରୁ ଗୟାଧର ଧଳ, ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ସୂର୍ଯ୍ୟକାନ୍ତ ପରିଡ଼ା ପ୍ରମୁଖ ଏହି ରାଣ୍ଡମାଇଜେସନ୍ ପ୍ରକ୍ରିୟାରେ ଉପସ୍ଥିତ ରହିଥିଲେ । ସେମାନେ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଣ୍ଡମାଇଜେସନ୍ ପାଇଁ ନିଆ ଯାଇଥିବା ସମସ୍ତ ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିବା ସହ ନିଜ ନିଜର ଆତ୍ମ ସନ୍ତୋଷ ପ୍ରକଟ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବିଜେପି ଟିକେଟରେ.....

ତାଲିକା ବାହାରିବ । କୋଇଲା ଦୁର୍ନୀତି ମାମଲାରେ ଦିଲ୍ଲୀପ ୨୦୨୦ ଅକ୍ଟୋବର ୨୬ରେ ଟ୍ରାଏଲ କୋର୍ଟରେ ଦୋଷୀ ସାବ୍ୟସ୍ତ କରାଯିବା ଉପରେ ଦିଲ୍ଲୀ ହାଇକୋର୍ଟ ଗତକାଲି ରହିତାଦେଶ ଜାରି କରିଥିଲେ । ଦିଲ୍ଲୀପଙ୍କୁ ଏହି କୋଇଲା ଦୁର୍ନୀତି ମାମଲାରେ ସିବିଆଇ କୋର୍ଟ ୩ ବର୍ଷର ଜେଲ ଦଣ୍ଡାଦେଶ ସହ ୧୦ଲକ୍ଷ ଟଙ୍କାର ଜୋରିମାନା କରିଥିଲେ । ଦିଲ୍ଲୀପଙ୍କ ଆବେଦନ ଉପରେ ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ ସ୍ୱରନ କାନ୍ତ ଶର୍ମା ଶୁଣାଣି କରି ଏପ୍ରିଲ ୫ତାରିଖରେ ତାଙ୍କର ରାୟକୁ ସଂରକ୍ଷିତ ରଖିଥିଲେ । ଗତକାଲି ଏହି ରାୟ ପ୍ରକାଶ ପାଇଥିଲା । ଦିଲ୍ଲୀ ହାଇକୋର୍ଟଙ୍କ ୱେବସାଇଟରେ ଏହି ରାୟ ଉଲ୍ଲେଖ ରହିଛି । ଦିଲ୍ଲୀପ ତାଙ୍କ ଆବେଦନରେ ନିର୍ବାଚନ ଲଢ଼ିବା ପାଇଁ ଇଚ୍ଛା ବ୍ୟକ୍ତ କରି ସିବିଆଇ କୋର୍ଟ ଦ୍ୱାରା ଦୋଷୀସାବ୍ୟସ୍ତ କରାଯିବା ଓ ଦଣ୍ଡାଦେଶ ଉପରେ ରହିତାଦେଶ ନିମନ୍ତେ ଅନୁରୋଧ କରିଥିଲେ । ସୂଚନାଯୋଗ୍ୟ, ୧୯୯୯ ମସିହାରେ କେନ୍ଦ୍ରରେ ଅଟଳବିହାରୀ ବାଜପେୟୀ ସରକାରରେ ଦିଲ୍ଲୀପ କୋଇଲା ମନ୍ତ୍ରୀ ଥିବାବେଳେ ଝାଡ଼ଖଣ୍ଡର ଗିରିଡିହ କୋଲ୍ ବ୍ଲକ ଆବଂଟନରେ ଅନିୟମିତତା କରିଥିବା ନେଇ ଅଭିଯୋଗ ହୋଇଥିଲା । ୨୦୨୦ ଅକ୍ଟୋବର ୨୬ତାରିଖରେ ଟ୍ରାଏଲ କୋର୍ଟ ଏହି କୋଲ୍ ବ୍ଲକ୍ ଆବଂଟନ ଅନିୟମିତତା ମାମଲାରେ ତାଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ । ତା' ସହିତ ୧୦ଲକ୍ଷ ଟଙ୍କାର ଜୋରିମାନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଟ୍ରାଏଲ କୋର୍ଟଙ୍କ ଏହି ରାୟକୁ ଚ୍ୟାଲେଞ୍ଜ କରି ଦିଲ୍ଲୀପ ରାୟ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

### ଗନ୍ଧମାର୍ଦ୍ଦନରେ ଗୁଳି .....

ଥିବା ବେଳେ ସେମାନେ ସୁରକ୍ଷା କର୍ମୀଙ୍କ ଉପରକୁ ଗୁଳି ଚଳାଇଥିଲେ । ଏହାର ପାଲଟା ଜବାବରେ ସୁରକ୍ଷା କର୍ମୀମାନେ ବି ଗୁଳି ଚଳାଇଥିଲେ । ଦୀର୍ଘ ସମୟ ଧରି ଗୁଳି ବିନିମୟ ହେବା ପରେ ନକ୍ସଲମାନେ ଛତ୍ରଭଙ୍ଗ ଦେଇଥିବା ଜଣାଯାଇଛି । ଏଥିରେ କେହି ମୃତାହତ ହୋଇଥିବାର ସୂଚନା ମିଳିନି । ସୁରକ୍ଷା କର୍ମୀମାନେ ଗନ୍ଧମାର୍ଦ୍ଦନ ପାହାଡ଼ରେ ଥିବା ବହୁ ନକ୍ସଲ କ୍ୟାମ୍ପକୁ ଧ୍ୱସଂ କରିଥିବା ବେଳେ ସର୍ଚ୍ଚ ଅପରେସନ ବେଳେ ବହୁ ବିସ୍ଫୋରକ ସାମଗ୍ରୀ, ଗୋଳା ବାରୁଦ ଆଦି ଜବତ ହୋଇଥିବା ଜଣାଯାଇଛି । ଏବେ ସୁଦ୍ଧା ଫାୟାରିଂ ଶେଷ ହୋଇ ନ ଥିବା ଜଣାଯାଇଛି । ଏହି ନକ୍ସଲମାନେ ଛତିଶଗଡ଼ର ବୋଲି ସୂଚନା ମିଳୁଥିବା ବେଳେ ଓଡ଼ିଶାରେ ରହି ସେମାନେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବା ଅନୁମାନ କରାଯାଉଛି । ଖବର ପାଇ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳକୁ ଯାଉଥିବା ଜଣାଯାଇଛି ।

### କେଜ୍ରିଓ୍ୱାଲ ନିରାଶ: ଜେଲରୁ ....

କୋର୍ଟ କହିଛନ୍ତି, "ରାଜସାକ୍ଷୀଙ୍କୁ କ୍ଷମା ଦେବା ଇଡିର କ୍ଷମତା ନୁହେଁ । ଏହା ନ୍ୟାୟିକ ପ୍ରକ୍ରିୟା । ଯଦି ଆପଣ କ୍ଷମା ଦେବା ଉପରେ ପ୍ରଶ୍ନ ଉଠାଉଛନ୍ତି, ତା'ହେଲେ ଆପଣ ବିଚାରପତିଙ୍କ ଉପରକୁ ଅଙ୍ଗୁଳି ଦେଖାଉଛନ୍ତି । ଟ୍ରାଏଲ ବେଳେ ରାଜସାକ୍ଷୀଙ୍କ ବୟାନକୁ ବିଚାର କରାଯାଏ । ଶୁଣାଣି ବେଳେ ଏଠାରେ ଅରବିନ୍ଦ କେଜ୍ରିଓ୍ୱାଲ ଏହାର ସମୀକ୍ଷା କରିପାରିବେ ।" କେଜ୍ରିଓ୍ୱାଲ ଭିଡିଓ କନଫରେନ୍ସିଂରେ ଜେରା କରିବାକୁ ଆବେଦନ କରିଥିଲେ । ଏହାକୁ ମଧ କୋର୍ଟ ଗ୍ରହଣ କରି ନାହାନ୍ତି । କୋର୍ଟ କହିଛନ୍ତି, ତଦନ୍ତ କେମିତି ହେବ, ସେକଥା ଜଣେ ଅଭିଯୁକ୍ତ ନିଷ୍ପତି ନେଇ ପାରିବେ ନାହିଁ । ଅଭିଯୁକ୍ତଙ୍କ କଥାରେ ସବୁ କିଛି ପରିଚାଳିତ ହେବ ନାହିଁ । ଆଇନ ସମସ୍ତଙ୍କ ପାଇଁ ସମାନ । ଜଣେ ମୁଖ୍ୟମନ୍ତ୍ରୀ ଆଇନରୁ ଉପରେ ନୁହନ୍ତି । କୋର୍ଟ କେବେ ହେଲେ ସାଧାରଣ ଲୋକ ଓ ଜନ ସେବକଙ୍କ ପାଇଁ ଭିନ୍ନ ଭିନ୍ନ ଆଇନ ପ୍ରଣୟନ କରିପାରିବେ ନାହିଁ ବୋଲି କହିଛନ୍ତି । ଗିରଫଦାରୀ ସମୟ ଉପରେ କେଜ୍ରିଓ୍ୱାଲ ପ୍ରଶ୍ନ ଉଠାଇଥିଲେ ମଧ ଏଥିରେ କୋର୍ଟ ହସ୍ତକ୍ଷେପ କରି ନାହାନ୍ତି । କୋର୍ଟ କେବଳ ଗିରଫଦାରୀ ଓ ରିମାଣ୍ଡର ଆଇନଗତ ଦିଗକୁ ବିଚାର କରୁଛନ୍ତି । ଗିରଦାରୀ କିମ୍ବା ରିମାଣ୍ଡକୁ ବେଆଇନ କୁହାଯାଇ ପାରିବ ନାହିଁ । କୋର୍ଟ ନିର୍ବାଚନ ସମୟରେ ଗିରଫଦାରୀ ପ୍ରସଙ୍ଗକୁ ଏଠାରେ ବିଚାର କରୁ ନାହାନ୍ତି ।

### ୧୩ ପରଠୁ ...

୨୫.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିଲା । ଗତ ଶନିବାର (ଏପ୍ରିଲ ୬) ରାଜ୍ୟର ୪ଟି ସହରର ତାପମାତ୍ରା ୪୩ ଡିଗ୍ରୀ ସେଲ୍‌ସିୟସ ବା ତା' ଉପରେ ରହିଥିଲା । ଅନୁଗୋଳରେ ସର୍ବାଧିକ ୪୩.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ମାଲକାନଗିରିରେ ୪୩.୨, ବୌଦ୍ଧ ଓ ଟିଟିଲାଗଡ଼ରେ ୪୩ ଡିଗ୍ରୀ ରହିଥିଲା । ସେହି ଦିନ ଏହି ୪ଟି ସ୍ଥାନ ସମେତ ମୋଟ ୨୩ଟି ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା । ତା' ପୂର୍ବ ଦିନ ଅର୍ଥାତ୍ ଗତ ଶୁକ୍ରବାର ରାଜଧାନୀ ଭୁବନେଶ୍ୱରରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୩.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିଲା ।

### ବଢ଼ିଲା କେ.କବିତାଙ୍କ...

ବୋଲି କବିତା ଏହି ଚିଠିରେ ଉଲ୍ଲେଖ କରିଛନ୍ତି । କହିରଖୁ ଯେ, ଦିଲ୍ଲୀ ମଦ ଦୁର୍ନୀତି ସହ ଜଡିତ ଅର୍ଥ ହେରଫେର ମାମଲାରେ ମାର୍ଚ୍ଚ ୧୫ ତାରିଖରେ ହାଇଦ୍ରାବାଦର ବଞ୍ଜାରା ହିଲ୍ସରୁ କେ କବିତାଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଗିରଫ କରିଥିଲା ।

### ଛିଡ଼ିଲା ଆସନ ଅଙ୍କ...

ଏକଛତ୍ରବାଦୀ ଶାସନ ବିରୋଧରେ ଲଢୁଛି କଂଗ୍ରେସ । ବିଜେପିକୁ ହରାଇବାକୁ ଆମ କାର୍ଯ୍ୟକର୍ତ୍ତାଙ୍କୁ ବଡ ହୃଦୟର ସହ ଆଗକୁ ଆସିବାକୁ ହେବ । ଆମ ମେଣ୍ଟକୁ ସେମାନେ ମୁସଲିମ୍ ଲିଗ ସହ ତୁଳନା କରୁଛନ୍ତି । ଆମ ସହ ପ୍ରକୃତ ଏନସିପି ଓ ପ୍ରକୃତ ଶିବସେନା ଅଛି । ସେମାନେ(ବିଜେପି) ଆମ ମେଣ୍ଟକୁ ଏବେ ଭୟ କରୁଛନ୍ତି । ମହାବିକାଶ ଆଘାଡି ମେଣ୍ଟରେ ଆସନ ଭାଗ ବଣ୍ଟନ ସଂପର୍କରେ ବରିଷ୍ଠ ନେତାଙ୍କ ମଧ୍ୟରେ ଅନେକ ରାଉଣ୍ଡ ଆଲୋଚନା ହୋଇଥିଲା । ଦଳରେ ବିଭାଜନ ପରେ ଶରଦ ପାୱାରଙ୍କ ଏନସିପି ଏବଂ ଉଦ୍ଧବ ଠାକରେଙ୍କ ଶିବସେନା ପ୍ରଥମ ଥର ପାଇଁ ଲୋକସଭା ନିର୍ବାଚନ ଲଢ଼ିବାକୁ ଯାଉଛି । କହିରଖୁ ଯେ, ମହାରାଷ୍ଟ୍ରରେ ୪୮ଟି ଲୋକସଭା ଆସନ ପାଇଁ ୫ଟି ପର୍ଯ୍ୟାୟରେ ନିର୍ବାଚନ ହେବ । ଏପ୍ରିଲ ୧୯, ୨୬ ଓ ମେ' ୭, ୧୩ ଏବଂ ୨୦ରେ ଭୋଟ୍ ପଡିବ । ଜୁନ୍ ୪ ତାରିଖରେ ଫଳାଫଳ ଘୋଷଣା ହେବ ।

# ଦେବୀ ପୀଠରେ ବାସନ୍ତିକ ନବରାତ୍ର ଆରମ୍ଭ

ସମ୍ବଲପୁର, ୦୯/୪ (ନି.ପ୍ର): ପବିତ୍ର ଚୈତ୍ର୍ୟ ମାସର ବାସନ୍ତିକ ନବରାତ୍ରୀ ପାଇଁ ଦେବୀ ମନ୍ଦିର ଓ ପୀଠଗୁଡ଼ିକ ଉତ୍ସବମୁଖର ହୋଇଛି । ଗତକାଲି ଠାରୁ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଜଗଜ୍ଜନନୀଙ୍କୁ ବିଭିନ୍ନ ରୂପରେ ପୂଜା କରାଯିବ । ଆଜି ପ୍ରଥମ ଦିବସରେ ଦେବୀଙ୍କୁ ଶୈଳପୁତ୍ରୀ ରୂପେ ଆରଧନା କରାଯାଉଛି । ଭୋର୍ ସମୟରେ ଅସଂଖ୍ୟ ଭକ୍ତ ପୂଜା ଉ ାରୁ ମନ୍ଦିରମାନଙ୍କରେ ମାନସିକ ଜାଗର ପ୍ରତିଷ୍ଠା କରିଛନ୍ତି । ସମଲେଇ ମନ୍ଦିରରେ ୭ ହଜାର ଦୀପର କ୍ଷମତାର ନୂଆଁ ଦୀପ ଘରେ ମାନସିକ ଜାଗର ପ୍ରଜ୍ୱଳନ ଆରମ୍ଭ ହୋଇଛି । ନବରାତ୍ର ସଂପୂର୍ଣ୍ଣ ନଅ ଦିନ ଧରି ହେବାକୁ ଥିବା ଏକ ଶୁଭଙ୍କର ସମୟ ବୋଲି କୁହାଯାଉଛି । ଏହି ନଅ ଦିନ ଦେବୀଙ୍କୁ ଶୈଳପୁତ୍ରୀ ବ୍ରହ୍ମଚାରିଣୀ, ଚନ୍ଦ୍ରଘ ।, କୁଷ୍ମାଣ୍ଡା, ସ୍କନ୍ଦମାତା, କା ୟାୟନୀ, କାଳରାତ୍ରୀ, ମହାଗୌରୀ ଏବଂ ସିଦ୍ଧିଦାତ୍ରୀ ରୂପରେ ପୂଜା କରାଯିବ । ଏହି ଉପଲକ୍ଷେ ସମଲେଶ୍ୱରୀ, ପାଟଣେଶ୍ୱରୀ, ବାଟମଙ୍ଗଳା, ବନଦୁର୍ଗା, ଭୁବନେଶ୍ୱରୀ, ମହାମାୟା, କୋଶଳେଶ୍ୱରୀ, ବୈଷ୍ଣୋଦେବୀ ପ୍ରଭୃତି ମନ୍ଦିରରେ ଭକ୍ତମାନେ ମାନସିକ ଜାଗର ବସାଇଛନ୍ତି । ପୂର୍ବରୁ ନବରାତ୍ର ପାଇଁ ମହିଳାମାନେ ନଦୀ ଓ ପୋଖରୀରୁ ଜଳଭର୍ତ୍ତି କଳସ ଆଣି ମନ୍ଦିର ଓ ପୀଠମାନଙ୍କରେ ସ୍ଥାପନ କରିଥିଲେ ।

ବୁଧବାର, ଏପ୍ରିଲ ୧୦, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ପରିବେଶ ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ରାଉରକେଲା ଇସ୍ପାତ କାରଖାନାର ବିଭାଗ ପୁରସ୍କୃତ

ରାଉରକେଲା, ୦୯/୪ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ଗୋପାବନ୍ଧୁ ଅଡିଟୋରିୟମରେ ଅପ୍ରେଲ ୧ ତାରିଖରେ ଆୟୋଜିତ ବାର୍ଷିକ ପ୍ରଦର୍ଶନ ସମୀକ୍ଷା ଏବଂ ପୁରସ୍କାର କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗଙ୍କୁ ୨୦୨୩-୨୪ ଆର୍ଥିକ ବର୍ଷରେ ପରିବେଶର ସୁରକ୍ଷା, ସଂରକ୍ଷଣ ତଥା ପୋଷଣରେ ପ୍ରୟାସ ପାଇଁ ପୁରସ୍କୃତ କରାଯାଇଥିଲା। ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ଏବଂ ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏ କେ ବେହୁରିଆ ଏହି ପୁରସ୍କାର ପ୍ରଦାନ କରିଥିଲେ। ଉତ୍ତପ୍ତ ଧାତୁ ଟନ୍ ପିଛା ଆପେକ୍ଷିକ ଶକ୍ତି ବ୍ୟବହାର ହ୍ରାସ ପ୍ରୟାସ ପାଇଁ ବ୍ଲାଷ୍ଟ ଫର୍ଣ୍ଣେସ୍ ବିଭାଗ ଆର୍ଥିକ ବର୍ଷ ୨୦୨୩-୨୪ ପାଇଁ ଶକ୍ତି ସଂରକ୍ଷଣ ପୁରସ୍କାର ଲାଭ କରିଥିଲା। ସେହିଭଳି ପରିବେଶ ପୁରସ୍କାର ବର୍ଗରେ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ-୨ ଆଇରନ୍ ଆଣ୍ଡ ଷ୍ଟିଲ୍ ଜୋନ୍ ତରଫରୁ ଏହି ପୁରସ୍କାର ପାଇଥିବାବେଳେ ସ୍ପେଶାଲ୍ ପ୍ଲେଟ୍ ପ୍ଲାଣ୍ଟ ରୋଲିଂ ମିଲ୍ ଜୋନ୍ ଏବଂ ବୋଲାନି ଓର ମାଇନ୍ସ ଓଡିଶା ଗ୍ରୁପ୍ ଅଫ୍ ମାଇନ୍ସରୁ ଏହି ପୁରସ୍କାର ଲାଭ କରିଥିଲେ। ପ୍ରଦୂଷଣ ନିୟନ୍ତ୍ରଣ ଉପକରଣର ସ୍ଥିତି, ହାଉସକିପିଙ୍ଗ, କର୍ମଚାରୀଙ୍କ ମଧ୍ୟରେ ସଚେତନତା ଏବଂ ପରିବେଶ ପ୍ରତି ବିଭାଗର ମନୋଭାବ ଉପରେ ଏହି ମୂଲ୍ୟାଙ୍କନ କରାଯାଇଥିଲା। ଇସ୍ପାତ କାରଖାନା ଭିତରେ ସବୁଜିମାର ବଳୟକୁ ପରିବ୍ୟାପ୍ତ କରିବାରେ ପ୍ରମୁଖ ଅବଦାନ ରଖିଥିବା ବିଭାଗଗୁଡ଼ିକୁ ଗ୍ରୀନ୍ ସିଲ୍ଡ ପୁରସ୍କାର ପ୍ରଦାନ କରାଯାଇଥିଲା। କଞ୍ଚାମାଲ ହ୍ୟାଣ୍ଡଲିଂ ପ୍ଲାଣ୍ଟ ଏହି ବର୍ଗରେ ପ୍ରଥମ ପୁରସ୍କାର ପାଇଥିବାବେଳେ ସିଲିକନ୍ ଷ୍ଟିଲ୍ ମିଲ୍ ଦ୍ୱିତୀୟ ପୁରସ୍କାର ଲାଭ କରିଥିଲା ଛ ସେହିଭଳି, ସିନଟର ପ୍ଲାଣ୍ଟ - ୩ ଏବଂ କୋକ୍ ଓଭେନ ବ୍ୟାଟେରୀ ୮ ୬ ତୃତୀୟ ପୁରସ୍କାର ପାଇଥିବାବେଳେ କୋଲ୍ଡ ରୋଲିଂ ମିଲ୍ ଚତୁର୍ଥ ପୁରସ୍କାର ଲାଭ କରିଥିଲା ଏବଂ ବୋଲାଣି ଓର ମାଇନ୍ସ ଓଡିଶା ଗ୍ରୁପ୍ ଅଫ୍ ମାଇନ୍ସ ତରଫରୁ ପରିବେଶ ସ୍ଥାୟିତ୍ୱ ପାଇଁ ଉତ୍ସର୍ଗୀକୃତ ପ୍ରୟାସ ପାଇଁ ବିଜେତା ଘୋଷିତ ହୋଇ ପୁରସ୍କୃତ ହୋଇଥିଲା।

## ଦ୍ୱିତୀୟ ପର୍ଯ୍ୟାୟରେ ହେବ ପୋଲିଂ ଅଧିକାରୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ଜନିତ ଡାକ୍ତରୀ ପରୀକ୍ଷା

ବାଲେଶ୍ୱର, ୦୯/୪ (ନି.ପ୍ର): ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ନିର୍ବାଚନ ଡ୍ୟୁଟିରୁ ବାଦ୍ ଦେବା ପାଇଁ ଆବେଦନ କରିଥିବା ପୋଲିଂ କର୍ମଚାରୀଙ୍କ ନିମନ୍ତେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟରେ ଡାକ୍ତରୀ ପରୀକ୍ଷା କରାଯିବା ପାଇଁ ଧାର୍ଯ୍ୟ କରାଯାଇଛି ଓ ଏଥି ପାଇଁ ଏକ ମେଡିକାଲ ବୋର୍ଡ ଗଠନ କରାଯାଇ ଅଛି। ଏହି ମେଡିକାଲ ବୋର୍ଡ ଆସନ୍ତା ତା ୧୦ ରିଖ ପୂର୍ବାହ୍ନ ୯ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୧୨ ଜଣ ଆବେଦନକାରୀଙ୍କ ସ୍ୱାସ୍ଥ୍ୟଗତ ଜନିତ ସତ୍ୟତା ସମ୍ବନ୍ଧେ ଡାକ୍ତରୀ ପରୀକ୍ଷା କରିବାର ସୂଚନା ଦିଆଯାଇଛି ଓ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମେଡିସିନ୍, ଅସ୍ଥିଶଲ୍ୟ ଓ ସର୍ଜରୀ ବିଭାଗର ବିଶେଷଜ୍ଞମାନଙ୍କୁ ନେଇ ଏହି ମେଡିକାଲ ବୋର୍ଡ଼ ଗଠନ କରାଯାଇଛି । ଏଠାରେ ସୂଚନା ଥାଉ କି ପ୍ରଥମ ପର୍ଯ୍ୟାୟରେ ବାଲେଶ୍ୱର ଜିଲ୍ଲାର ସମସ୍ତ ୧୨ ଗୋଟି ବ୍ଲକର ୫୦୦ ରୁ ଅଧିକ ପୋଲିଂ ଅଧିକାରୀଙ୍କ ଡାକ୍ତରୀ ପରୀକ୍ଷା କରା ଯାଇଥିଲା । ସେଥି ମଧ୍ୟରୁ ଅନୁପସ୍ଥିତ ରହିଥିବା ୧୦୧ ଜଣ ଅଧିକାରୀଙ୍କୁ ମଧ କାଲି ମେଡିକାଲ ବୋର୍ଡ଼ ସମ୍ମୁଖରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଅଛି । ନିର୍ବାଚନ ପ୍ରକ୍ରିୟାରେ ସମସ୍ତ ପୋଲିଂ ଅଧିକାରୀ ଶାରୀରିକ ଭାବେ ସୁସ୍ଥ ଏବଂ ସେମାନଙ୍କ କର୍ତ୍ତବ୍ୟ ପାଳନ କରିବାରେ ସକ୍ଷମତା ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି ଓ ପୋଲିଂ ଅଧିକାରୀ ମାନଙ୍କୁ ସମସ୍ତ ଆବଶ୍ୟକୀୟ ଡାକ୍ତରୀ କାଗଜପତ୍ର ଓ ରିପୋର୍ଟ ସହ ନିର୍ଦ୍ଧାରିତ ତାରିଖ ଓ ସମୟରେ ମେଡିକାଲ ବୋର୍ଡରେ ହାଜର ହେବାକୁ ପରାମର୍ଶ ଦିଆଯାଇଛି ଓ ବୋର୍ଡ ପ୍ରତ୍ୟେକ ମାମଲାକୁ ସତର୍କତାର ସହ ଅନୁଧ୍ୟାନ କରି ଏହାର ଚୂଡ଼ାନ୍ତ ରିପୋର୍ଟ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରିବ।

## ବାଲି ମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନହେଲେ ଭୋଟ ବର୍ଜନ ସହ ରାସ୍ତାରୋକ ଚେତାବନୀ

ନୀଳଗିରି , ୦୮/୪ (ନି.ପ୍ର): ନୀଳଗିରି ତହସିଲ ଅଧୀନ ସୋନ ନଦୀର ମଙ୍ଗଳପାଳ ଓ କାଠପାଳ ବାଲିଘାଟ ଅଞ୍ଚଳରେ ଦିନରାତି ଚାଲିଛି ବେଧଡକ ଚୋରା ବାଲି ଚାଲାଣ।ନଦୀର ବାଲିକୁ ଛାଡି ନଦୀ ନିକଟସ୍ଥ ଗୋଚର ଜମିରେ ଲୋଲୁପ ଦୃଷ୍ଟି ପକାଇଛନ୍ତି ବାଲି ମାଫିଆମାନେ।ଦୈନିକ ବାଲି ଚୋରି କରିବା ଫଳରେ ପ୍ରାୟ ୫୦ ଫୁଟ ଲମ୍ବର ବିରାଟକାୟ ଗର୍ତ୍ତ ସୃଷ୍ଟି ହୋଇଛି । ଅନେକ ସମୟରେ ଅତଡା ଖସୁଥିବାରୁ ଜୀବଜନ୍ତୁ ଓ ଅଞ୍ଚଳବାସୀ ମୃତ୍ୟମୁଖରେ ପଡୁଛନ୍ତି।ନଦୀ ନିକଟସ୍ଥ ଗୋଚର ଜମି ନଷ୍ଟ ହେଉଥିବା ଫଳରେ ବର୍ଷା ଦିନରେ ବନ୍ୟା ପାଣି ଗାଁ ଭିତରକୁ ପଶିବାର ଭୟ ମଧ ଗ୍ରାମବାସୀଙ୍କୁ ଘାରିଛି। ସୋମବାର



ଅତଡା ଖସିବାରୁ ଜଣେ ଗ୍ରାମବାସୀ ମଧ ଏଥିରେ ଆହତ ହୋଇଛନ୍ତି। ଗାଁକୁ ବିପଦ ଆସିବାରୁ ଗ୍ରାମବାସୀ ମାନେ ଏକତ୍ରୀତ ମାଫିଆଙ୍କ ବିରୋଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି। ମଙ୍ଗଳପୁର ଓ କାଠପାଳ ମୌଜାରେ ଥିବା ବାଲିକୁ ଜୋର ଜବରଦସ୍ତି ଭାବେ ଉତ୍ତୋଳନ କରୁଥିବାରୁ ଏହାକୁ ନେଇ ଗ୍ରାମବାସୀ ବାରମ୍ୱାର ଅଭିଯୋଗ କରୁଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟନୁଷ୍ଠାନ ନିଆଯାଉନାହିଁ ।ଏନେଇ କିଛି ଦିନ ତଳେ ଉକ୍ତ ଅଞ୍ଚଳର ଗ୍ରାମବାସୀ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଅଭିଯୋଗ କରିବା ସହିତ ମାଇନିଂ ବିଭାଗରେ ମଧ ଅବଗତ କରାଇଥିଲେ ।ଯଦି ଆଗାମୀ ଦିନରେ କୌଣସି ପଦକ୍ଷେପ ନିଆନଯାଏ ତେବେ ଭୋଟ ବର୍ଜନ କରିବା ସହ ରାସ୍ତା ରୋକ କରିବେ ବୋଲି ଚେତାବନୀ ଦେଇଛନ୍ତି । ଗ୍ରାମର ଜୟନ୍ତ ପଣ୍ଡା, ଗଙ୍ଗାଧର ବେଜ, ଶିବନାରାୟଣ ପାତ୍ର, ହୃଷିକେଶ ବେହୁରିଆ, ଉପେନ୍ଦ୍ର ଜେନା,ଅଭୟ ପାତ୍ର, ରବି ପାତ୍ର, ପ୍ରଭାକର ତରାଇ, ବିଶ୍ୱଜିତ ପଣ୍ଡା ,ସରୋଜ ମହାପାତ୍ର, ଲକ୍ଷ୍ମୀଧର ପଣ୍ଡା,ଜୟନ୍ତ ପଣ୍ଡା, ନିରଞ୍ଜନ ମହାପାତ୍ର, ଅଭିଶେକ ପଣ୍ଡା,ଟିକିଲି ଦେହୁରୀ,ନରେନ୍ଦ୍ର ବାରିକ,ମନ୍ମଥ ପଣ୍ଡା,ପୂର୍ଣ୍ଣ ଚନ୍ଦ୍ର ପାଢୀ ପ୍ରମୁଖ ଅଭିଯୋଗ କରିଛନ୍ତି। ଘଟଣା ଜାଣିବା ପରେ ନୀଳଗିରି ତହସିଲଦାର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ବେଳେ ଏନେଇ ସମସ୍ତ ତଥ୍ୟ ମାଇନିଂ ଡିପାର୍ଟମେଣ୍ଟକୁ ଅବଗତ କରିଥିବା କହିଛନ୍ତି। ଆଗାମୀ ଦିନରେ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି।

## ଉଦଳାରେ ହିନ୍ଦୁ ନବବର୍ଷ ପାଳିତ

ଉଦଳା, ୦୯/୪ (ନି.ପ୍ର): ଚୈତ୍ର ଶୁକ୍ଳ ପ୍ରତିପଦ, ଇଂରାଜୀ ଏପ୍ରିଲ ୯ ତାରିଖ ମଙ୍ଗଳବାର ଦିନ ଉଦଳା ଠାରେ ହିନ୍ଦୁ ନବ ବର୍ଷ ପାଳିତ ହୋଇ ଯାଇଛି । ଏହି ଅବସରରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଓ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ସହର ମଧ୍ୟରେ ଥିବା ହନୁମାନ ମନ୍ଦିର ଠାରେ ଏକତ୍ରିତ ହୋଇ ପୂଜାର୍ଚ୍ଚନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା, ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି, କାଉନସିଲର ବିଶ୍ୱରଂଜନ ମୋଦି ଓ ଶୁଭଦିପ ମାହାନ୍ତିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଶେଷରେ ନଗରପାଳ ଶ୍ରୀମତୀ ପଣ୍ଡା ଆଜିର ଦିନରେ ବ୍ରହ୍ମାଙ୍କ ଦ୍ୱାରା କିପରି କାଳଗଣନା ଆରମ୍ଭ ହୋଇଥିଲା ଓ ଆଜିର ଦିନର ମହାତ୍ମ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ । ପରେ ମିଷ୍ଟାନ୍ନ ବଂଟନ ସହିତ କାର୍ଯ୍ୟକ୍ରମର ଯବନିକା ପଡ଼ିଥିଲା ।

## ମା ହିଙ୍ଗୁଳାଙ୍କ ଆଶୀର୍ବାଦ କାମନା କଲେ ବଡସାହି ବିଜଦ ବିଧାୟିକା ପ୍ରାର୍ଥିନୀ ଅନସୂୟା

ବଡସାହି, ୦୯/୪ (ନି.ପ୍ର): ମୟୁରଭଂଜ ଜିଲ୍ଲାରେ ୯ଟି ବିଧାନସଭା କ୍ଷେତ୍ର ମଧ୍ୟରୁ ସବୁଠାରୁ ଅଧିକ ଅଶାୟୀ ପ୍ରାର୍ଥୀ ଥିଲେ ବଡସାହି (ଏସସି) ପାଇଁ । ମାତ୍ର ମାନ୍ୟବର ମୂଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩୩ ପ୍ରତିଶତ ମହିଳା କାର୍ଡ ଏହି ନିର୍ବାଚନ ମଣ୍ଡଳୀରେ ଖେଳି ସବୁ ଅଙ୍କ ଓଲଟପାଲଟ କରି ଦେଇଛନ୍ତି । ଦଳ ପକ୍ଷରୁ ୫ଟି ପର୍ଯ୍ୟାୟରେ ହୋଇଥିବା ବିଭିନ୍ନ ସର୍ଭେ ରିପୋର୍ଟକୁ ଆଧାର କରି ବଡସାହି ନିର୍ବାଚନମଣ୍ଡଳୀରୁ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ରଙ୍କ ଧର୍ମପତ୍ନୀ ଅନସୂୟା ପାତ୍ରଙ୍କୁ ଦଳ ବିଧାୟିକା ପ୍ରାର୍ଥିନୀ କରି ମହିଳା କାର୍ଡ ଖେଳିଛି । ଅନୁସୂୟା ଜଣେ ସୁଗୃହିଣୀ ଓ ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟା ହୋଇଥିବା ବେଳେ ଗଣେଶ୍ୱରଙ୍କ ସାଂଗଠନିକ କାର୍ଯ୍ୟଦକ୍ଷତା ଓ ଲୋକପ୍ରିୟତା ସମସ୍ତଙ୍କ ଠାରୁ ଭାରୀ ପଡିଛି। ଯାହା ଫଳରେ ଶେଷରେ ଅନସୂୟାଙ୍କ ନାମରେ ମୂଖ୍ୟମନ୍ତ୍ରୀ ମୋହର ମାରିଛନ୍ତି । ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ପାଇଁ ନିର୍ବାଚନମଣ୍ଡଳୀ



ଅଧିନ ୪୫ଟି ପଂଚାୟତରୁ ଯୁବ, ଛାତ୍ର, ମହିଳା ଓ ଦଳୀୟ କର୍ମକର୍ତାମାନଙ୍କ ସୁଅ ଛୁଟୁଥିବାର ଦେଖିବାକୁ ମିଳିଛି । ମଙ୍ଗଳବାର ଅନସୂୟା ଶହଶହ ଯୁବଛାତ୍ର ଓ ମହିଳାଙ୍କ ଗହଣରେ ସୁହଗପୁର କଉଡଖଣୀସ୍ଥିତ ମା ହିଙ୍ଗଳାଙ୍କ ପୀଠ ଓ ଛେଳିଆ-ଏ ହିଙ୍ଗୁଳା ପୀଠରେ ପହଂଚି ପୂଜାର୍ଚ୍ଚନା କରିବା ସହିତ ମାଙ୍କ ଶରଣ ପଶି ଆର୍ଶିବାଦ କାମନା କରିଛନ୍ତି । ଏହି ସମୟରେ ଶଙ୍ଖ ଧ୍ୱନୀ ସହିତ ଜୟ ଜଗନ୍ନାଥ, ଜୟ ମା ହିଙ୍ଗୁଳା, ନବୀନ ପଟ୍ଟନାୟକ ଜିନ୍ଦାବାଦ, ଶଙ୍ଖ ଚିହ୍ନ ଜିନ୍ଦାବାଦ, ଅନୁସୂୟା ଅପା ଜିନ୍ଦାବାଦ ଓ ଗଣେଶ୍ୱର ପାତ୍ର ଜିନ୍ଦାବାଦ ଧ୍ୱନୀ ପ୍ରକମ୍ପିତ ହେଉଥିବାର ଶୁଣିବାକୁ ମିଳିଛି। ଏହି କାର୍ଯ୍ୟକ୍ରମରେ ବଡସାହି ବ୍ଲକ୍ ସଭାପତି ତପନ କୁମାର ପତି, ଯୁବ ସଭାପତି ନିହାର ରଂଜନ ମହାପାତ୍ର, ବ୍ଲକ୍ ଅଧକ୍ଷ୍ୟା ମିନତୀ ସିଂ, ଉପାଧକ୍ଷ୍ୟ କାଂଚନ ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟା ସୁବାସିନୀ ନାଏକ, ଫେଡରେସନ ସଭାପତି ପୂର୍ଣ୍ଣିମା ମିଶ୍ର, ଯୁବ ନିର୍ବାଚନ ମଣ୍ଡଳୀ ସଭାପତି ରାକେଶ ମହାପାତ୍ର, ଯୁବ କାର୍ଯ୍ୟକାରୀ ସଭାପତି ଦୀପକ ସାହୁ, ପଂଚାୟତ ସଭାପତି ସୁରଥ ଦାସ ଓ ଜୟଜିତ ସାହୁ, ସମିତି ସଭ୍ୟ ସୁଶାନ୍ତ କୁମାର ଦାସ, ସରପଂଚ ପ୍ରିୟଲତା ସିଂ ପ୍ରମୁଖ ଉପସ୍ଥିତ ରହି ଏଥିରେ ସହଯୋଗ କରିଛନ୍ତି । ବିଜେଡି ବାଲେଶ୍ୱର ଲୋକସଭା ପ୍ରାର୍ଥୀ ଘୋଷଣା ପରେ ଦଳୀୟ ପ୍ରଚାରକୁ ଜୋରଦାର କରାଯିବ ବୋଲି ସଂଗଠନ ପକ୍ଷରୁ ଜଣାଯାଇଛି । କଂଗ୍ରେସ ମଧ୍ୟ ବଡସାହି ପାଇଁ ତାର ବିଧାୟକ କିମ୍ବା ସଂସଦ ପ୍ରାର୍ଥୀଙ୍କ ନାମ ପ୍ରକାଶ କରି ନାହିଁ। ତଥାପି ଏହି ପ୍ରମୁଖ ତିନି ଦଳର କର୍ମକର୍ତାମାନଙ୍କ ମଧ୍ୟରେ ଉଷ୍ମତା ଦେଖାଦେବା ସହିତ ଛକାପଂଝା ଆରମ୍ଭ ହୋଇଗଲାଣି । ବିରେଧୀଙ୍କୁ ମନେଇବାରେ ସବୁ ଦଳର ନେତାମାନେ ପ୍ରଚେଷ୍ଟା ଆରମ୍ଭ କରି ଦେଇଥିବାର ଦେଖିବାକୁ ମିଳୁଛି । ନିର୍ବାଚନର ମତଦାନ ଆହୁରି ଦୁଇ ମାସ ପାଖାପାଖି ଥିବା ବେଳେ ପ୍ରଚାର ମଇଦାନ ଆସ୍ତେ ଆସ୍ତେ ସରଗରମ ହେବାକୁ ଲାଗିଲାଣି । ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ଏହି ଆସନରୁ ବିଧାୟକ ଥିଲେ। ମାତ୍ର ୨୦୧୯ରେ ଦଳ ତାଙ୍କ ବଦଳରେ ବୃନ୍ଦାବନ ଦାସଙ୍କୁ ପ୍ରାର୍ଥୀ କରିଥିଲା । ମାତ୍ର ବୃନ୍ଦାବନ ବିଜେପି ପ୍ରାର୍ଥୀ ସନାତନ ବିଜୁଳିଙ୍କ ଠାରୁ ପରାଜିତ ହୋଇଥିଲେ । ଚଳିତ ନିର୍ବାଚନରେ ମଧ୍ୟ ବିଜେପି ପକ୍ଷରୁ ପୂର୍ବତନ ବିଧାୟକ ସନାତନ ବିଜୁଳିଙ୍କୁ ପୁଣି ଥରେ ଦଳ ପ୍ରାର୍ଥୀ କରିଛି। ଗତ ପଂଚାୟତ ନିର୍ବାଚନରେ ବିଜେଡି ପ୍ରାର୍ଥୀମାନେ ବିପୁଳ ଭୋଟରେ ବିଜୟ ହୋଇଥିବା ବେଳେ ବଡସାହି ଓ ବେତନଟୀ ୨ଟି ବ୍ଲକ୍‌ରେ ଅଧକ୍ଷ୍ୟ ଓ ଉପାଧକ୍ଷ୍ୟ ପଦବୀ ମଧ୍ୟ ବିଜେଡି ଅକ୍ତିଆରରେ ରହିଛି।

## ଆଜିଠୁ ମା' ତାରିଣୀଙ୍କ ଚଇତି ପର୍ବ: ଛୁଟୁଛି ଭକ୍ତଙ୍କ ସୁଅ

କେନ୍ଦୁଝର, ୦୯/୪ (ନି.ପ୍ର): କେନ୍ଦୁଝରସ୍ଥିତ ମା' ତାରିଣୀଙ୍କ ପୀଠରେ ଆଜିଠୁ ଆରମ୍ଭ ହୋଇଛି ଚଇତି ପର୍ବ । ଆଜିଠାରୁ ବିଷୁବ ପଣା ସଂକ୍ରାନ୍ତି ଯାଏ ଏହାକୁ ଅତି ଧୁମଧାମରେ ପାଳନ କରାଯାଇଥାଏ । ତେଣୁ ଏହି ପବିତ୍ର ଦିନଟିରେ ମାଙ୍କୁ ଦର୍ଶନ କଲେ ସମସ୍ତ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ଅଛି । ତେଣୁ ଆଜି ମା'ଙ୍କ ଦର୍ଶନ ଲାଗି ଦୂର ଦୂରାନ୍ତରୁ ଘଟଗାଁ ମା' ତାରିଣୀଙ୍କ ପୀଠକୁ ଭକ୍ତଙ୍କର ସୁଅ ଛୁଟୁଛି। ଏଥିଯୋଗୁ ମା'ଙ୍କ ପୀଠ ଲୋକାରଣ୍ୟ ହୋଇ ଯାଇଛି। ମା' ତାରିଣୀଙ୍କ ଘଟଗାଁ ପୀଠରେ ୧୯୩୭ ମସିହା ଆଜିର ଦିନରେ ପରିଚାଳନା କମିଟି ତରଫରୁ ଆରମ୍ଭ ହୋଇଥିଲା ଚଇତି ପର୍ବ । ଦୀର୍ଘ ୮୮ ବର୍ଷ ହେଲା ଏହି ପର୍ବ ଭକ୍ତି ଓ ନିଷ୍ଠାର ସହ ପାଳିତ ହୋଇ ଆସୁଛି । ବାର୍ଷିକ ଉତ୍ସବରେ ମାଙ୍କ ସୁନା ବେଶ ଦେଖିବା ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ । ବହୁ ସଂଖ୍ୟାରେ ଭକ୍ତଙ୍କ ଶୃଙ୍ଖଳା ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଚଇତି ପର୍ବ ଅବସରରେ ବିଭିନ୍ନ ଅଂଚଳର ଶ୍ରଦ୍ଧାଳୁଙ୍କ ସହଯୋଗରେ ମଗଣାରେ ୭ଦିନ ଧରି ଅନ୍ନ ପ୍ରସାଦ ବଣ୍ଟନ କରାଯାଏ ।



## ହୁତ୍ ହୁତ୍ ହୋଇ ଜଳିଗଲା ୬ ବଖରା ଘର

ପୁରୀ, ୦୯/୪ (ନି.ପ୍ର): ପୁରୀ ଜିଲ୍ଲା ଅସ୍ତରଙ୍ଗ ନାନପୁର ଖଣ୍ଡିବେଲାରୀ ଗାଁରେ ଅଗ୍ନିକାଣ୍ଡ ହୋଇଛି। ଏଥିରେ ଗାଁର କେଦାର ଲେଙ୍କାଙ୍କ ଛଅ ବଖରା ଚାଳ ଛପର ଘର ପୋଡ଼ି ପାଉଁଶ ହୋଇ ଯାଇଛି। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଆସବାବପତ୍ର ଓ ଫସଲ ନଷ୍ଟ ହୋଇଛି। ଆଜି ଦିନ ଗୋଟାଏ ବେଳେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟିବା ପରେ ପରିବାର ଲୋକେ ଜୀବନ ବଞ୍ଚାଇବା ପାଇଁ ଘର ଛାଡ଼ି ବାହାରକୁ ପଳାଇ ଯାଇଥିଲେ। ଚାହୁଁ ଚାହୁଁ ନିଆଁରେ ପୋଡ଼ି ସବୁ ଛାରଖାର ହୋଇଗଲା। ଘଟଣାସ୍ଥଳରେ ଅସ୍ତରଙ୍ଗ ଓ କାକଟପୁରର ଅଗ୍ନିଶମ ବିଭାଗର ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଛି।

## ପ୍ରତିମା ସେବା ସଦନର ବାର୍ଷିକ ଉତ୍ସବ ପାଳନ

ବାଲେଶ୍ୱର, ୦୯/୪ (ନି.ପ୍ର): ବାଲେଶ୍ୱର ସହରର ତେଲେଙ୍ଗା ସାହିସ୍ଥିତ ବସନ୍ତଲତା ପଟ୍ଟନାୟକଙ୍କ ବାସଭବନ ପରିସରରେ ପ୍ରତିମା ସେବା ସଦନର ବାର୍ଷିକ ଉତ୍ସବ ଅନୁଷ୍ଠାନର ଅଧକ୍ଷ ବସନ୍ତଲତା ପଟ୍ଟନାୟକଙ୍କ ସଭାପତିତ୍ୱରେ ରବିବାର ଦିନ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସର୍ବପ୍ରଥମେ ଜଗନ୍ନାଥଙ୍କ ଫଟୋଚିତ୍ରରେ ମଞ୍ଚାସୀନ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ସହ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ଶମ୍ଭୁନାଥ ମହାନ୍ତି, ମୁଖ୍ୟବକ୍ତା ଭାବେ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ପ୍ରତିମା ପଣ୍ଡା, ବିଜୟ କୁମାର ଦାସ ଅଧିକାରୀ ଓ ଶଚୀନ୍ଦ୍ର ଦାସ ପ୍ରମୁଖ




ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସମାଜରେ ବଢୁଥିବା ଧର୍ମଗତ ହିଂସା, ରାଜନୈତିକ ହିଂସା ବିରୋଧରେ ଛାତ୍ରଛାତ୍ରୀମାନେ ଶିକ୍ଷା ଗ୍ରହଣ କରି ନିଜର ଉତ୍ତମ ଭବିଷ୍ୟତ ଗଠନ କରିବା ସମ୍ପର୍କରେ ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ସଭାକାର୍ଯ୍ୟରେ ଅନୁଷ୍ଠାନର ଛାତ୍ର ଚନ୍ଦ୍ରାୟ ହେମ୍ବ୍ରମ୍ ମଞ୍ଚ ପରିଚାଳନା ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ପରୀକ୍ଷାରେ ସଫଳ ହୋଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚାନ୍ଦିନୀ ହାଁସଦା, ଇନକ ମହାପାତ୍ର, ଭବାନୀ ଶଙ୍କର ବିଶ୍ୱାଳଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ଏବଂ ଅନୁଷ୍ଠାନରେ ଆୟୋଜିତ ହୋଇଥିବା ବାର୍ଷିକ କ୍ରୀଡ଼ା ଉତ୍ସବରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସରସ୍ୱତୀ ପଣ୍ଡା, କ୍ରିଷ୍ଣା ଶାହା, ଆଇନଜୀବୀ ସୁଧାଂଶୁ ଦାସ, ଆଇନଜୀବୀ ନିରଞ୍ଜନ ପରିଡ଼ା, ଛାତ୍ରଛାତ୍ରୀଙ୍କ ଅଭିଭାବକ ଓ ଗ୍ରାମବାସୀବୃନ୍ଦ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ସଭା ସମାପ୍ତ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଡ଼ାକ ବିଭାଗର ସଚେତନତା କାର୍ଯ୍ୟକ୍ରମ : ଗଣତନ୍ତ୍ରକୁ ବଂଚାଇ ରଖିବା ପାଇଁ ଭୋଟ ଦାନ ଜରୁରୀ

ଉଦଳା, ୦୯/୪ (ନି.ପ୍ର): ଦେଶରେ ଗଣତନ୍ତ୍ରକୁ ବଂଚାଇ ରଖିବା ପାଇଁ ଭୋଟ ଦାନ ଜରୁରୀ ଅଟେ । ତାଛଡ଼ା ସର୍ବ ବୃହତମ ଗଣତନ୍ତ୍ରର ଦେଶ ଭାବରେ ଭାରତର ରହିଛି ଏକ ସ୍ୱତନ୍ତ୍ର ପରିଚୟ । ସେଥିପାଇଁ ଆମେ ଭାରତବାସୀ ନିଜକୁ ଗର୍ବ ଅନୁଭବ କରୁ । ତେବେ ଭୋଟ ଦାନକୁ ନିଶ୍ଚିତ କରିବା ଓ ଭୋଟ ଦେଇ ଦେଶରେ ଗଣତନ୍ତ୍ରକୁ ବଂଚାଇ ରଖିବା ଉଦେଶ୍ୟରେ ଲୋକଙ୍କୁ ସଚେତନ କରିବା ପାଇଁ ଉଦଳା ଠାରେ ଚଳିତ ଏପ୍ରିଲ ୮ ତାରିଖ ସୋମବାର ଦିନ ଡ଼ାକ ବିଭାଗ ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି




। ହାତରେ ପ୍ରଚାର ପତ୍ର ଧରି ବିଭିନ୍ନ ସ୍ଲୋଗାନ ମାନ ଦେଇ ଡ଼ାକବିଭାଗର କର୍ମଚାରୀ ମାନେ ଉଦଳା ସହର ପରିକ୍ରମା କରିଥିଲେ । ସ୍ୱାଧିନତାର ଦିର୍ଘ ୭୫ ବର୍ଷ ମଧ୍ୟରେ ଆମ ଦେଶରେ ସାମରିକ ବିଦ୍ରୋହ ଘଟି ନାହିଁ କିମ୍ବା ଏକଛତ୍ରବାଦ ଶାସନକୁ ଆମନ୍ତ୍ରଣ କରିନାହିଁ ବୋଲି ବ୍ୟକ୍ତ କରିବା ସହିତ ସମସ୍ତଙ୍କୁ ଭୋଟ ଦେବାକୁ ଅନୁରୋଧ ଜଣାଇଥିଲେ । ଆମର ସାମ୍ବିଧାନିକ ବ୍ୟବସ୍ଥା ଆଜି ବିଶ୍ୱବାସୀଙ୍କ ପାଇଁ ଦୃଷ୍ଟାନ୍ତ ପାଲଟିଛି ବୋଲି ବକ୍ତବ୍ୟ ମାଧମରେ କହିଥିଲେ ।

## ଡକାୟତି ପାଇଁ ଯୋଜନା କରୁଥିବା ବେଳେ ପୁଲିସର ଚଢ଼ାଉ: ୩ ଗିରଫ, ୫ ଚମ୍ପଟ

ଢେଙ୍କାନାଳ, ୦୯/୪ (ନି.ପ୍ର): ତିନି ଜଣ ଡକାୟତଙ୍କୁ ଗିରଫ କରିଛି ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ପୁଲିସ୍। ସେମାନଙ୍କଠାରୁ ଗୋଟିଏ ବନ୍ଧୁକ, ଦୁଇ ରାଉଣ୍ଡ ଗୁଳି, ତିନୋଟି ବୋମା, ଗୋଟିଏ ଖଣ୍ଡା, ଗୋଟିଏ ଭୁଜାଲି ଓ ଗୋଟିଏ ବାଇକ୍ ଜବତ କରିଛି ପୁଲିସ୍। ତେବେ ଆହୁରି ୫ ଡକାୟତ ଫେରାର ହୋଇଯିବାରେ ସକ୍ଷମ ହୋଇଥିଲେ। ଆଳତୁମା ରଜ ମହୋତ୍ସବ ପଡ଼ିଆରେ ୮ ଜଣିଆ ଡକାୟତ ଗ୍ୟାଙ୍ଗ ଡକାୟତି କରିବା ପାଇଁ ଯୋଜନା କରୁଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇଥିଲା କାମାକ୍ଷାନଗର ପୁଲିସ। ଏହା ପରେ ସେଠାରେ ଚଢ଼ାଉ କରିଥିଲା ପୁଲିସ୍ ଟିମ୍। ପୁଲିସ୍‌କୁ ଦେଖି ଡକାୟତମାନେ ଦୌଡ଼ି ପଳାଇଥିଲେ। ତେବେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ କାବୁ କରିବାରେ ପୁଲିସ ସଫଳ ହୋଇଥିଲା। ଅନ୍ୟ ୫ ଜଣ ଫେରାର ହୋଇଯାଇଥିଲେ। ଗିରଫ ଡକାୟତମାନେ ହେଉଛନ୍ତି- କାମାକ୍ଷାନଗର ଥାନା ଅନନ୍ତପୁର ସାହିର ମିଞ୍ଜ ଇବ୍ରାହିମ ବେଗ ଓରଫ ଫକୀରା, ଗୋଡିସାହିର ବିଶ୍ୱଜିତ ବେହେରା ଓରଫ ବିକି ଓ ଢେଙ୍କାନାଳ ସଦର ଥାନା ଅଞ୍ଚଳର ଅନୀଲ କୁମାର ନାୟକ। ସମସ୍ତଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ୍। ଫେରାର ହୋଇଯାଇଥିବା ଅନ୍ୟ ଡକାୟତମାନନଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ସୂଚନା ଦେଇଛନ୍ତି କାମାକ୍ଷାନଗର ଥାନା ଆଇଆଇସି ଧୀରେନ ବେହେରା।

## ବିଜେଡି ଛାଡ଼ିଲେ ନୂଆପଡା ଜିଲ୍ଲା ଯୁବ ବିଜେଡି ସଭାପତି

ନୂଆପଡା, ୦୯/୪ (ନି.ପ୍ର): ନୂଆପଡା ଜିଲ୍ଲା ଯୁବ ବିଜେଡିକୁ ଲାଗିଛି ଶକ୍ତ ଝଟକା। ଜିଲ୍ଲା ବିଜୁ ଯୁବ ଜନତା ଦଳର ସଭାପତି ହରିଶ୍ଚନ୍ଦ୍ର ପଣ୍ଡା ନିଜ ପଦ ଓ ବିଜେଡିର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି। ସେ ନିଜ ଇସ୍ତଫାପତ୍ର ଦଳୀୟ ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀଙ୍କୁ ପଠାଇ ଥିବା ସୋଶାଲ ମିଡିଆରେ ସୂଚନା ଦେଇଛନ୍ତି। ଏ ସଂପର୍କରେ ଏକ ଭିଡିଓ ବାର୍ତ୍ତା ମଧ ଜାରି କରି ସୂଚନା ଦେଇଛନ୍ତି ହରିଶ୍ଚନ୍ଦ୍ର। ନୂଆପଡା ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆଙ୍କ ପ୍ରାର୍ଥୀତ୍ୱକୁ ବିରୋଧ କରି ଆସୁଥିଲେ ହରିଶ୍ଚନ୍ଦ୍ର । ମାତ୍ର ବିଜେଡି ଢୋଲକିଆଙ୍କୁ ହିଁ ପୁଣି ଟିକେଟ ଦେଲା ଦଳ। ତେଣୁ ସେ ଇସ୍ତଫା ଦେଇଥିବା କହିଛନ୍ତି। ଏନେଇ ସେ କହିଛନ୍ତି, ବହୁ ବିକ୍ଷୋଭ ସତ୍ତ୍ୱେ ଦଳ ସବୁବେଳେ ଆମକୁ ଅଣଦେଖା କରି ଆସୁଥିଲା। ବହୁ ବିରୋଧ କରିବା ସତ୍ତ୍ୱେ ଭ୍ରଷ୍ଟାଚାରୀ ବ୍ୟକ୍ତିକୁ ଟିକେଟ ଦେଲେ। ତେଣୁ ମୁଁ ବିଜେଡିର ସମସ୍ତ ଦାୟିତ୍ୱ ଓ ଦଳର ପ୍ରାଥମିକ ପଦରୁ ଇସ୍ତଫା ଦେଉଛି। ତେବେ ଏନେଇ ରାଜେନ୍ଦ୍ର ଢୋଲକିଆ କିମ୍ବା ବିଜେଡ଼ି ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo